R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୩୩
ତିଥି: ତୃତୀୟା
୧୦ ସେପ୍ଟେମ୍ବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 333
10 Sept 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସିପି ରାଧାକ୍ରିଷ୍ଣନ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୯।୯: ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଉପ ରାଷ୍ଟ୍ରପତି ଭାବେ

**ମୋଟ ଭୋଟ ଦେଲେ ୭୬୭ ସାଂସଦ**

**ବୈଧ ୭୫୨ ଭୋଟ୍, ନାକଚ ୧୫ ଭୋଟ୍**

**ଏନ୍‌ଡିଏର ୪୨୭ ସଦସ୍ୟ ଭୋଟ୍ ଦେଲେ**

**ଇଣ୍ଡି ମେଣ୍ଟର ଭୋଟ୍ ଦେଲେ ୩୧୫ ସଦସ୍ୟ**





ଭୋଟ୍ ଦେଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ନିର୍ବାଚିତ ହୋଇଛନ୍ତି । ମଙ୍ଗଳବାର ଅନୁଷ୍ଠିତ ଉପ ରାଷ୍ଟ୍ରପତି ନିର୍ବାଚନରେ ସେ ବିରୋଧୀ ମେଣ୍ଟ ଇଣ୍ଡିଆର ପ୍ରାର୍ଥୀ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ରୁ ଅଧିକ ଖଣ୍ଡ ଭୋଟରେ ହରାଇ ଦେଇଛନ୍ତି । ସିକ୍ରେଟ ବାଲଟରେ ହୋଇଥିବା ଭୋଟିଂରେ ସିପି ରାଧାକ୍ରିଷ୍ଣନଙ୍କୁ ୪୫୨ ଖଣ୍ଡ ଭୋଟ ମିଳିଛି। ଜଷ୍ଟିସ ରେଡ୍ଡୀ ୩୦୦ ଖଣ୍ଡ ଭୋଟ ପାଇଛନ୍ତି । ୧୫ ଜଣ ସାଂସଦଙ୍କ ଭୋଟ ନାକଚ ହୋଇଥିବା ରିଟର୍ଣ୍ଣିଂ ଅଫିସର ତଥା ରାଜ୍ୟସଭା ମହାସଚିବ ପିସି ମୋଦି ଘୋଷଣା କରିଛନ୍ତି । ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପରେ ଉପରାଷ୍ଟ୍ରପତି ପଦ ଖାଲିଥିଲା ।

ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାରଦିନ ୧୦ଟାରୁ ଭୋଟିଂ ଆରମ୍ଭ ହୋଇଥିଲା । ପ୍ରଥମ ଭୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିଲେ । ଏହାପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଧାଡ଼ିରେ ଆସି ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ । ଉପ ରାଷ୍ଟ୍ରପତି ନିର୍ବାଚନରେ ୯୮% ଭୋଟିଂ ହୋଇଥିଲା ।

ଉଭୟ ରାଜ୍ୟସଭା ଓ ଲୋକସଭାର ସାଂସଦଙ୍କ ସଂଖ୍ୟା (୯ ପୃଷ୍ଠାରେ)

### ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୯।୯ (ସବ୍ୟୁ): ନବନିର୍ବାଚିତ ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆପଣଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର (୯ ପୃଷ୍ଠାରେ)

## ନେପାଳ ସ୍ଥିତି ଅଣାୟତ





## ଇସ୍ତଫା ଦେଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

- ଅର୍ଥମନ୍ତ୍ରୀଙ୍କୁ ଗୋଡାଇ ପିଟିଲେ ବିକ୍ଷୋଭକାରୀ
- ନିଷେଧାଦେଶ ହଟିବା ସତ୍ତ୍ୱେ ଥମୁନି ହିଂସା
- ସଂସଦଭବନ ଉପରେ ଆକ୍ରମଣ
- ଖୁବ୍‌ଶୀଘ୍ର ହେବ ଅନ୍ତରୀଣ ସରକାର



କାଠମାଣ୍ଡୁ,୯।୯ : ନେପାଳରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ପରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଇସ୍ତଫା ଦେଇଛନ୍ତି । ଇସ୍ତଫା ସତ୍ତ୍ୱେ ବିକ୍ଷୋଭକାରୀଙ୍କ ରାଗ ଶାନ୍ତ ହୋଇନାହିଁ। ସେମାନେ ଦେଶର ଅର୍ଥମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କୁ ଗୋଡେଇ ଗୋଡେଇ ପିଟିଛନ୍ତି । ବିକ୍ଷୋଭକାରୀମାନେ ପିଟୁ ଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଶୀଘ୍ର ନେପାଳରେ ଜଣେ ଅନ୍ତରୀଣ ପ୍ରଧାନମନ୍ତ୍ରୀ ଘୋଷଣା କରାଯିବାର ସମ୍ଭାବନା ରହିଛି ।

ଗତକାଲି ଦେଶର ଅର୍ଥମନ୍ତ୍ରୀ ରମେଶ ଲେଖକ ଇସ୍ତଫା ଦେଇଥିଲେ। ତେବେ ନେପାଳରେ ଶାସନରେ ଥିବା ଲୋକମାନେ କରୁଥିବା ଦୁର୍ନୀତି, ସେମାନଙ୍କ ପରିବାର ଲୋକେ ବଞ୍ଚୁଥିବା ରାଜକୀୟ ଜୀବନ ଶୈଳୀକୁ ବିରୋଧ କରି ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହାର ମୁଖ୍ୟ ବାହକ ଥିଲା ସୋସିଆଲ ମିଡିଆ । କିନ୍ତୁ ସରକାର ସୋସିଆଲ ମିଡିଆକୁ ବନ୍ଦ କରିବା ପରେ ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା । ଗତକାଲି ବିକ୍ଷୋଭକାରୀମାନେ ସଂସଦ ଭବନ ଉପରେ ଆକ୍ରମଣ କରିଥିଲେ । ଏହି ସମୟରେ ପୁଲିସ ଗୁଳିରେ (୯ ପୃଷ୍ଠାରେ)

### ଭାରତୀୟଙ୍କୁ ସତର୍କ ରହିବାକୁ ପରାମର୍ଶ

ନୂଆଦିଲ୍ଲୀ, ୯।୯ : ନେପାଳରେ ଭାରତୀୟମାନଙ୍କ ପାଇଁ ଦୂତାବାସ ପକ୍ଷରୁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି। ଭାରତୀୟଙ୍କୁ ସତର୍କ ରହିବାକୁ, ଅନାବଶ୍ୟକ ଯାତ୍ରା ନକରିବାକୁ ଓ ସ୍ଥାନୀୟ ଅଧିକାରୀଙ୍କ ନିର୍ଦ୍ଦେଶ ମାନିବାକୁ ପରାମର୍ଶ ଦିଆଯାଇଛି । ଉଲ୍ଲେଖଯୋଗ୍ୟ, ସରକାରଙ୍କ ଦ୍ୱାରା ଲଗାଯାଇଥିବା ସୋସିଆଲ ମିଡିଆ ନିଷେଧାଦେଶକୁ ନେଇ ହଜାର ହଜାର ନେପାଳୀ ଯୁବକ ସୋମବାର ରାଜରାସ୍ତାକୁ ଓହ୍ଲାଇଥିଲେ, ଯାହାକୁ ଜେନ୍-ଜି (୧୯୯୫-୨୦୧୦ ମଧ୍ୟରେ ଜନ୍ମିତ) ବିପ୍ଳବ ଭାବରେ ଦେଖାଯାଉଛି ।

### ଫକୀରମୋହନ କଲେଜ ଛାତ୍ରୀ ଆତ୍ମଦାହ ଘଟଣା

## ୫୦୪ ପୃଷ୍ଠାର ଚାର୍ଜସିଟ ଦାଖଲ କଲା କ୍ରାଇମବ୍ରାଞ୍ଚ

ବାଲେଶ୍ୱର, ୯।୯ (ସବ୍ୟୁ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ଼ ବିଏଡ଼ି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ମଙ୍ଗଳବାର ଦିନ ପୋଲିସ କୋର୍ଟରେ ୫୦୪ ପୃଷ୍ଠାର ପ୍ରାଥମିକ ଚାର୍ଜସିଟ ଦାଖଲ କରାଯାଇଛି । ଏହି ଦସ୍ତାବିଜକୁ ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ଜଣେ ଡିଏସ୍‌ପିଙ୍କ ସମେତ ଅନ୍ୟ ୩ ଜଣ ଅଧିକାରୀ ଦାଖଲ କରିଥିଲେ। ଏହି ଘଟଣାରେ ୧୨୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କଲେଜ କର୍ମଚାରୀ ରହିଥିବା ଜଣାପଡ଼ିଛି ।

କ୍ରାଇମବ୍ରାଞ୍ଚ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍‌ରେ ପ୍ରାଥମିକ ପର୍ଯ୍ୟାୟରେ କଲେଜର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ଏଚ୍‌ଓଡ଼ି ସମୀର କୁମାର ସାହୁଙ୍କ ବାବଦରେ ଉଲ୍ଲେଖ ରହିଥିବା ଜଣାପଡ଼ିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଗିରଫ ହୋଇଥିବା ଛାତ୍ରନେତା ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଶୁଭ୍ରସମ୍ବିତ ନାୟକଙ୍କ ବାବଦରେ କାଗଜପତ୍ର ଦାଖଲ ହେବବୋଲି ନିର୍ଭର ଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଅଧ୍ୟକ୍ଷ



ଦିଲ୍ଲୀପ କୁମାର ଘୋଷ, ଏଚ୍‌ଓଡ଼ି ସମୀର କୁମାର ସାହୁ, ଛାତ୍ରନେତା ଶୁଭ୍ରସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳ ଏବେ ଜେଲ ହାଜତରେ ରହିଛନ୍ତି । ସିସିଟିଭି ଫୁଟେଜ, ମୋବାଇଲ କଲ୍ ରେକର୍ଡ ଯାଞ୍ଚ ଆଧାରରେ ଏହି ଚାର୍ଜସିଟ ପ୍ରସ୍ତୁତ କରାଯାଇଥିବା ଜଣାଯାଏ । ଘଟଣା ଘଟିବା ପରେ କ୍ରାଇମବ୍ରାଞ୍ଚ ଡ଼ିଜି ଯେତେବେଳେ ଫକୀରମୋହନ କଲେଜକୁ ଘଟଣା ବାବଦରେ ଅନୁଧ୍ୟାନ ପାଇଁ ଆସିଥିଲେ ସେତେବେଳେ ସେ କହିଥିଲେ ଯେ ଘଟଣାର ବିସ୍ତୃତ ଭାବେ ତଦନ୍ତ ହେବ ଓ ତରବରିଆ ଭାବେ କୌଣସି ରିପୋର୍ଟ ଦାଖଲ କରାଯିବ ନାହିଁ ନିୟମ ଅନୁଯାୟୀ ୩ମାସ ମଧ୍ୟରେ ଚାର୍ଜସିଟ ଦାଖଲ କରାଯିବାର ନିୟମ ରହିଥିବା ବେଳେ (୯ ପୃଷ୍ଠାରେ)

## ସରକାର ଆଣିଲେ ଇଭି ପଲିସି ପାଇଁ ଚିଠା ପ୍ରସ୍ତାବ

ଭୁବନେଶ୍ୱର, ୯।୯ (ସବ୍ୟୁ): ଓଡ଼ିଶା ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ପଲିସି-୨୦୨୫ ପାଇଁ ଆସିଲା ଚିଠା ପ୍ରସ୍ତାବ । ଏନେଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଅଣାଯାଇଛି। ୨୦୨୧ ଇଭି ପଲିସି ଅନୁସାରେ ୪ ବର୍ଷରେ ୨୦% ଇଭି ଲକ୍ଷ୍ୟ ଧାର୍ଯ୍ୟ ଥିଲା । ସରକାରୀ ପ୍ରୋତ୍ସାହନ ସତ୍ତ୍ୱେ ମାତ୍ର ୯% ଇଭି ଗାଡ଼ି ରାସ୍ତାରେ ଗଡ଼ିଛି । ଲକ୍ଷ୍ୟ ହାସଲ ପାଇଁ ସରକାର ଓଡ଼ିଶା ଭେହିକିଲ୍ ପଲିସି-୨୦୨୫ ଆସିବ ।

ଇଲେକ୍ଟ୍ରିକ୍ ଗାଡ଼ିର ବ୍ୟବହାର ବଢ଼ାଇବା ଲକ୍ଷ୍ୟରେ ତିନି ଚକିଆ ପାଇଁ ୨୦-୩୦ ହଜାର ଟଙ୍କା ପ୍ରୋତ୍ସାହନ ଦିଆଯିବ । ସେହିପରି ଚାରି ଚକିଆ ପାଇଁ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରୋତ୍ସାହନ ଦେବକା ନିଷ୍ପତ୍ତି ହୋଇଛି। ଓଡ଼ିଶାକୁ ଦେଶର ମଡେଲ୍ ଷ୍ଟେଟ୍ କରିବା ପାଇଁ ପ୍ରସ୍ତୁତ ହୋଇଛି ଡ୍ରାଫଟ । ସମସ୍ତ ପରିବହନ ଠାରୁ ଆରମ୍ଭ କରି କୃଷି କ୍ଷେତ୍ରରେ ଇଭି ଗାଡ଼ି ବ୍ୟବହାର କରିବାକୁ ଗୁରୁତ୍ୱ ଦିଆଯାଇଛି । ୨୦୩୬ ସୁଦ୍ଧା



୭୦% ଓ ୨୦୪୭ ସୁଦ୍ଧା ୮୦% ଇଭି ଭେଇକିଲ୍ ଗଡ଼ିବା ଲକ୍ଷ୍ୟ ରଖିଛନ୍ତି ସରକାର । ବିଜ୍ଞପ୍ତି ପ୍ରକାଶ ଠାରୁ ୨୦୩୦ ଡିସେମ୍ବର ୩୧ ପର୍ଯ୍ୟନ୍ତ ପଲିସି ବଳବତ୍ତର ରହିବ । ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ୧୨ ମାସ ଭିତରେ ଇଭି ଗାଡ଼ି ଆପଣାଇବାକୁ ପରାମର୍ଶ ଦିଆଯାଇଛି।

- ଇଲେକ୍ଟ୍ରିକ୍ ଗାଡ଼ିର ବ୍ୟବହାର ବଢ଼ାଇବା ଲକ୍ଷ୍ୟ
- ୨୦୩୦ ଡିସେମ୍ବର ୩୧ ଯାଏଁ ବଳବତ୍ତର ରହିବ ନିୟମ
- ୩ ଚକିଆରେ ୨୦ ହଜାର, ଚାରି ଚକିଆରେ ଦେଢ଼ ଲକ୍ଷ ପ୍ରୋତ୍ସାହନ
- ୩୦ ଦିନ ଭିତରେ ମତାମତ ଦେବାକୁ ଆହ୍ୱାନ

ସ୍ୱାସ୍ଥ୍ୟ ଓ ଗୃହ ବିଭାଗକୁ ମଧ୍ୟ ବର୍ଷକ ଭିତରେ ଇଭି ଗାଡ଼ି ପାଇଁ କୁହାଯାଇଛି। ଆସନ୍ତା ୩୦ ଦିନ ଭିତରେ ମତାମତ ଦେବାକୁ ଆହ୍ୱାନ କରିଛନ୍ତି ରାଜ୍ୟ ସରକାର ।

## ବିଜେଡି ଛାଡ଼ିଲେ ଭାସ୍କର, ଲାଲ୍ ବିହାରୀ



ରାୟଗଡା, ୯।୯ (ସବ୍ୟୁ) : ବିଜେଡି ଛାଡିଲେ ରାୟଗଡ଼ାର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ. ଭାସ୍କର ରାଓ ଓ ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା । ବିଜେଡ଼ି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପୁଆଲା ମଧ୍ୟ ଦଳ ଛାଡ଼ିଛନ୍ତି ।ଏହା ସହ ଦଳର ବହୁ ନେତା ଓ କର୍ମୀ ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଗଠନ ହେଲା ବିଜୁ ସ୍ୱାଭୀମାନ ମଞ୍ଚ । ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ନୂତନ ସଭାପତିଙ୍କ ନାମ ଘୋଷଣା ପରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି,କାଉନସିଲର ଓ ବରିଷ୍ଠ ନେତାମାନେ ଭାସ୍କର ରାଓ ବିଭିନ୍ନ କର୍ମୀଙ୍କ ସହ ଆଲୋଚନା କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ପ୍ରକାଶ କରିଛନ୍ତି । ପ୍ରାୟ ଏକ ଦଶନ୍ଧି ଧରି ଭାସ୍କର ରାଓ ଏବଂ ସୁଧୀର ଦାଶଙ୍କ ଗୋଷ୍ଠୀ ଭିତରେ ବିବାଦ ଲାଗିରହିଛି । ଭାସ୍କର ରାଓଙ୍କ ଗୋଷ୍ଠୀକୁ ରାଜ୍ୟ ସଂଗଠନ ବାରମ୍ବାର ଅଣଦେଖା କରି ସେମାନଙ୍କ ବିରୋଧରେ ନିଷ୍ପତ୍ତି ଗ୍ରହଣ କରୁଥିବାରୁ ଜିଲ୍ଲା ବିଜେଡିରେ ବିବାଦ ତୀବ୍ରତର ହୋଇଛି । ସୁଧୀର ଦାଶ ଗୋଷ୍ଠୀ ଭାସ୍କର ରାଓଙ୍କ ବିରୋଧରେ କାର୍ଯ୍ୟକରିବା ଏବଂ ରାଜ୍ୟ ସଂଗଠନର ଭାସ୍କର ରାଓଙ୍କୁ ଅଣଦେଖା କରିବା ଘଟଣା ଏଭଳି ସ୍ଥିତିକୁ ନେଲା ଯେ ପ୍ରଥମେ ୨୦୧୯ରେ ରାୟଗଡ଼ା ବିଧାନସଭା ଓ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀ ବିଜେଡି ହାତରୁ ଖସିଥିଲା ।

### ଗଠନ ହେଲା ବିଜୁ ସ୍ୱାଭିମାନ ମଞ୍ଚ

୨୦୨୪ ନିର୍ବାଚନରେ ଜିଲ୍ଲାରୁ ବିଜେଡି ମୂଳରୁ ସଫା ହୋଇଗଲା। ୨୦୨୪ ନିର୍ବାଚନ ବେଳେ ରାଜ୍ୟ ସଂଗଠନ ଭାସ୍କର ରାଓଙ୍କ ସହ ଆଦୌ ଆଲୋଚନା ନକରି ଜିଲ୍ଲାର ତିନି ବିଧାନସଭା ଆସନ (୯ ପୃଷ୍ଠାରେ)

### ବାଣୀବିହାର ଆନ୍ଦୋଳନ

## ଭିସିଙ୍କୁ ଘେରିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୯।୯ (ସବ୍ୟୁ) : ବାଣୀବିହାରରେ ହଷ୍ଟେଲ ଅଣଛାତ୍ର ମୁକ୍ତି ହେବା ପରେ ଛାତ୍ରଛାତ୍ରୀମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। କ୍ୱାର୍ଟର୍ସ ଫାଙ୍କା କରିବା ଓ କ୍ୟାମ୍ପସ୍‌ରେ ଥିବା ବସ୍ତିକୁ ଉଚ୍ଛେଦ କରି ସ୍ୱଚ୍ଛ ଶୈକ୍ଷିକ ପରିବେଶ ଗଢ଼ିବା ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଦାବି ଥିଲା । ଭିସିଙ୍କ ସହ ଆଲୋଚନା ପରେ ଭଡା ଲାଗିଥିବା କ୍ୱାର୍ଟର୍ସ ଫାଙ୍କା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ପୋଲିସ ସହାୟତାରେ ଅଣଛାତ୍ରଙ୍କୁ ବିଦା କରାଯିବା ପରେ ହଷ୍ଟେଲକୁ ସିଲ୍ କରାଯାଇଛି । ଅଣଛାତ୍ରଙ୍କ ଜବରଦଖଲରେ ଥିବା ହଷ୍ଟେଲ ମୁକ୍ତ ହେବା ପରେ ଛାତ୍ରଛାତ୍ରୀମାନେ ମଙ୍ଗଳବାର ମଧ୍ୟାହ୍ନରେ ଭିସିଙ୍କୁ ଘେରିଥିଲେ । ଉତ୍ତେଜନା ପ୍ରକାଶ ପାଇବାରୁ ଏକପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭିସି ଅଫିସ୍ ଭିତରକୁ ଡାକି ୧ଘଣ୍ଟା ଆଲୋଚନା କରିବା ପରେ ସେମାନେ ଆନ୍ଦୋଳନରୁ ଓହରି ଥିଲେ। କାରଣ ଭିସି ସେମାନଙ୍କୁ କହିଥିଲେ ଯେ,



ଭଡା ଲାଗିଥିବା କ୍ୱାର୍ଟର୍ସ ନିର୍ଦ୍ଧାରିତ ସମୟ ମଧ୍ୟରେ ଫାଙ୍କା କରାଯିବ । କୁଳ ସଚିବ ସ୍ୱାତୀ ମିଶ୍ରଙ୍କ କହିବାନୁଯାୟୀ ଯେଉଁମାନଙ୍କ ନାଁରେ କ୍ୱାର୍ଟର୍ସ ଆଲର୍ଟ ହୋଇଛି ସେମାନଙ୍କୁ ନୋଟିସ୍ କରାଯାଇଛି । ଭଡା ଲାଗିଥିବା ସମସ୍ତ କ୍ୱାର୍ଟର୍ସରୁ ଭଡାଟିଆଙ୍କୁ କାଢି ଦିଆଯିବ ।

ହଷ୍ଟେଲରୁ ଅଣଛାତ୍ରଙ୍କ ଆସବାବପତ୍ର ବାହାରେ ଫୋପାଡି ଦେବା ଭଳି ଭଡା ଲାଗିଥିବା କ୍ୱାର୍ଟର୍ସ ନିର୍ଦ୍ଧାରିତ ସମୟରେ ଫାଙ୍କା ନହେଲେ ସେହିପରି ପଦକ୍ଷେପ ନିଆଯିବ ବୋଲି ସୂଚନା ମିଳିଛି । କାରଣ କିଛିଦିନ ପୂର୍ବରୁ ବାଣୀବିହାରର ଗୋଟିଏ କ୍ୱାର୍ଟର୍ସରୁ ଗଞ୍ଜେଇ ଜବତ ହୋଇଥିଲା । କ୍ୱାର୍ଟର୍ସ ଭଡା ଦିଆଯାଉଥିବାରୁ ଭଡାଟିଆମାନେ ସେମାନଙ୍କ ମନଇଚ୍ଛା ଚଳପ୍ରଚଳ ହେଉଛନ୍ତି । କ୍ୱାର୍ଟର୍ସକୁ ମନ୍ଦ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଛାତ୍ରଛାତ୍ରୀଙ୍କ କହିବା କଥା ଯଦି ଅଣଛାତ୍ରଙ୍କୁ କ୍ୟାମ୍ପସ୍‌ରେ ସ୍ଥାନ ନାହିଁ, ତେବେ କ୍ୱାର୍ଟର୍ସ ପାଇଥିବା ଲୋକେ କାହିଁକି ସେଗୁଡିକୁ ଭଡା ଦେବେ । ଯଦି ସେମାନେ ସେହି କ୍ୱାର୍ଟର୍ସରେ ରହୁନାହାନ୍ତି ତେବେ ତାଙ୍କ ଠାରୁ କ୍ୱାର୍ଟର୍ସ ଛଡାଇ ଆଣିବା ଠିକ୍ ହେବ ।

ବାଣୀବିହାର କ୍ୟାମ୍ପସ୍‌ରେ ଦୀର୍ଘଦିନ ହେବ କେତେକ ବସ୍ତି ଗଢିଉଠିଛି । ସେଠାରେ ରହୁଥିବା ଲୋକମାନେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ଲିପ୍ତ ରହିବା ସହ ପରିବେଶକୁ ଠିକ୍ ରଖୁନାହାନ୍ତି । ସେମାନଙ୍କୁ ଉଚ୍ଛେଦ କରାଯାଇ ସ୍ୱଚ୍ଛ ଶୈକ୍ଷିକ ବାତାବରଣ ତିଆରି କରାଯିବା ଉଚିତ୍ । ଆମ ବିଶ୍ୱବିଦ୍ୟାଳୟ ଯେପରି ଦେଶରେ ଚର୍ଚ୍ଚିତ ହେବ ସେଥିପାଇଁ ସବୁସ୍ତରରୁ ଉଦ୍ୟମ ହେବା ଉଚିତ୍ ବୋଲି ଛାତ୍ର ନେତାମାନେ ମତ ଦେଇଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ଦେଶରେ ନାଁ ଡାକ ଥିବାବେଳେ ତାହାର ପରିବେଶ ବିଶୃଙ୍ଖଳିତ ହେବା ଠିକ୍ ନୁହେଁ । ଯଦି କ୍ୱାର୍ଟର୍ସରୁ ଭଡାଟିଆଙ୍କୁ ହଟାନଯାଏ ଓ ବସ୍ତି ଉଚ୍ଛେଦ କରାନଯାଏ ତେବେ ଆଗକୁ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଆନ୍ଦୋଳନରତ ଛାତ୍ର ନେତା ମତ ଦେଇଛନ୍ତି ।

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# ବିପ୍ଳବୀ ବାଘା ଯତୀନ୍

ଭାରତୀୟ ମୁକ୍ତି ସଂଗ୍ରାମର ମହାଯୋଦ୍ଧା ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ ସମଗ୍ର ଭାରତୀୟଙ୍କ ପାଖରେ ବିପ୍ଳବୀ ମହାଯୋଦ୍ଧା ବୀର ବାଘା ଯତୀନ୍ ଭାବେ ପରିଚିତ । ୧୯୧୫ ମସିହା ସେପ୍ଟେମ୍ବର ୧୦ ତାରିଖରେ ଭାରତ ମାତାର ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଏହି ଯୋଦ୍ଧା ଶହୀଦ




ହୋଇଥିଲେ । କୁହାଯାଏ ସେ ଥିଲେ ପରାଧୀନ ଭାରତବର୍ଷର ପ୍ରଥମ ସଶସ୍ତ୍ର ମୁକ୍ତି ସଂଗ୍ରାମୀ । ୧୯୧୫ ମସିହା ଫେବ୍ରୁଆରୀରେ ଦେଶ ମାତୃକାକୁ ଗୋରା ଫୌଜଙ୍କ ଠାରୁ ମୁକ୍ତି କରିବା ପାଇଁ ଏହି ବିପ୍ଳବୀ ଯୋଦ୍ଧା ଅଖିଳ ଭାରତ ପ୍ରତ୍ୟକ୍ଷ ସଶସ୍ତ୍ର ସଂଗ୍ରାମ ପାଇଁ ଯୋଜନା କରି ଗୋରାଫୌଜଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ । ବୀର ବାଘା ଯତୀନ୍ ନିଜ ବିପ୍ଳବୀ ସାଥୀମାନଙ୍କୁ ନେଇ ଓଡ଼ିଶା ପଟୁ କୋଲକାତା – ଚେନ୍ନାଇ ରେଳପଥକୁ ଉଡାଇ ଦେଇ ବାଲେଶ୍ୱରର ତତ୍‌କାଳୀନ ଚାନ୍ଦିପୁର ବନ୍ଦରରେ ଥିବା ଜର୍ମାନ ଯୁଦ୍ଧ ପୋତରୁ ନିଜ ସଂଗ୍ରାମ ପାଇଁ ଲୋଡ଼ା ପଡୁଥିବା ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାର ଯୋଜନା କିନ୍ତୁ ପୂର୍ବରୁ ଇଂରେଜଙ୍କ ଗୋଇନ୍ଦାମାନେ ଜାଣି ପାରିଥିଲେ । ପରବର୍ତ୍ତୀ ସମୟରେ ଏହି ଯୋଦ୍ଧା ତାଙ୍କ ସଂଗ୍ରାମୀ ସତୀର୍ଥ ନିରେନ୍ଦ୍ର ଦାସଗୁପ୍ତ, ଯତୀଶ ପାଲ, ମନୋରଞ୍ଜନ ସେନଗୁପ୍ତ ଓ ଚିନ୍ମପ୍ରିୟ ରାୟଚୌଧୁରୀଙ୍କୁ ଧରି ବେଶ ଚତୁରତାର ସହିତ ଇଂରେଜମାନଙ୍କ ଆଖିରେ ଧୂଳି ଦେଇ ଗୋପନରେ ଓଡ଼ିଶାରେ ପାଦ ଦେଇଥିଲେ । ଏ ତଥ୍ୟ ଇଂରେଜମାନେ ଜାଣିପାରି କପ୍ତିପଦାର ମହୁଲଡ଼ିଆରେ ଚଢ଼ାଉ କରିଥିଲେ । ସେ କିନ୍ତୁ ସେ ସ୍ଥାନରୁ ପଳାୟନ ନକରି ଜଣେ ଭାରତ ମାତାର ସନ୍ତାନ ଭାବେ ଅଳ୍ପସଂଖ୍ୟକ ସାଥୀମାନଙ୍କୁ ଧରି ଇଂରେଜଙ୍କ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିଥିଲେ । ଉଭୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଥିଲେ । ସେମାନଙ୍କ ଗୁଳିରେ ଗୁରୁତର ଆହତ ହୋଇଥିଲେ ବାଘା ଯତୀନ୍ ନିଜେ ଓ ତାଙ୍କ ଚାରିଜଣ ସତୀର୍ଥ ସଂଗ୍ରାମୀ ବନ୍ଧୁ । ବାଲେଶ୍ୱର ଡାକ୍ତରଖାନାରେ ସେପ୍ଟେମ୍ବର ୧୦ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଡଃ.ଅରୁନ୍ଧତୀ ଦେବୀ
ମୋ : ୯୯୩୭୧୭୨୮୧୦

## ସୋସିଆଲ କୋଟ୍ସ



"ପ୍ରଥମରୁ ଡର୍ଟି ପିକ୍ଚର ପାଇଁ ବିଦ୍ୟା ମନା କରିଦେଇଥିଲେ । ଅନେକ ଦିନ ପରେ ସେ ଏହି ଫିଲ୍ମ କରିବାକୁ ରାଜି ହୋଇଥିଲେ । ତେବେ ଫିଲ୍ମ ସାଇନ୍ କରିବା ପରେ ବିଦ୍ୟା ଫିଲ୍ମରେ ନିଜର ବେଷ୍ଟ ଦେଇଛନ୍ତି ।

ମିଲନ ଲୁଥରିଆ, ଫିଲ୍ମମେକର



"ଗଦରର ସୁଟିଂ ସମୟରେ ମୋତେ ପଞ୍ଜାବର ୫୦ଜଣ ସରପଞ୍ଚ ସାହାଯ୍ୟ କରିଥିଲେ । ଫିଲ୍ମର ଏକ ସିନ୍‌ରେ ପାଖାପାଖି ୫୦ ହଜାର ଲୋକଙ୍କର ଆବଶ୍ୟକତା ଥିଲା, ଯାହା ଏହି ସରପଞ୍ଚଙ୍କ ସାହାଯ୍ୟରେ ସମ୍ଭବ ହୋଇ ପାରିଲା ।

ଅନିଲ ଶର୍ମା, ଫିଲ୍ମମେକର



"ମା' ସବୁବେଳେ ଭାବନ୍ତି ରାଧିକା ବିନୟ ମୋତେ ସ୍କ୍ରିନ୍‌ରେ ସବୁଠାରୁ ଭଲ ପ୍ରୋଜେକ୍ଟ କରିପାରନ୍ତି । ଯେତେବେଳେ ମା' ୟାରିଆଁର ସେଟ୍‌କୁ ଆସିଥିଲେ ମୋ ଲୁକ୍‌ର ଖୁବ ପ୍ରଶଂସା କରିଥିଲେ ।

ଦିବ୍ୟା ଖୋସଲା, ଅଭିନେତ୍ରୀ

## ଭ୍ରମ ସଂଶୋଧନ

ଭୁବନେଶ୍ୱର, (ସବ୍ୟୁ) : ରବିବାର ଜଗତସିଂହପୁର ଠାରେ ଓଡ଼ିଶାର ବରପୁତ୍ର ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ୨୨ତମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏ ସମ୍ପର୍କିତ ସମ୍ବାଦ ସୋମବାର ସମୟ ପ୍ରାତଃ ସଂସ୍କରଣର ଷଷ୍ଠ ପୃଷ୍ଠାରେ ପ୍ରକାଶିତ ହୋଇଥିବା ବେଳେ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ରଙ୍କ ସ୍ଥାନରେ ପ୍ରଭୁକଲ୍ୟାଣ ମହାପାତ୍ରଙ୍କ ନାମ ହୋଇଛି । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

## କିମା ପେଟିସ୍

**ସାମଗ୍ରୀ–** ରନ୍ଧା ଛୋଟଛୋଟ କଟା ମଟନ୍, ବ୍ରେଡକ୍ରମ୍ବ, ଅଣ୍ଡା, ପିଆଜ କଟା, କଞ୍ଚା ଲଙ୍କା, କର୍ଣ୍ଣଫ୍ଲୋର, ଲଙ୍କା ଗୁଣ୍ଡ, କଟା ରସୁଣ, ହଳଦୀ, ଗରମ ମସଲା, ଜିରା ଗୁଣ୍ଡ, ଧନିଆ ପତ୍ର, ଧନିଆ ଗୁଣ୍ଡ ।



**ପ୍ରଣାଳୀ–** ସିଝା ମଟନରେ କଟା ପିଆଜ, କଞ୍ଚା ଲଙ୍କା, ଧନିଆ ପତ୍ର ପକାଇ ଗୋଳାନ୍ତୁ । ଏହାପରେ ଏଥିରେ ଗରମ ମସଲା, ଲଙ୍କା ଗଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲୁଣ, କର୍ଣ୍ଣଫ୍ଲୋର ଗୋଳାଇ ନିଅନ୍ତୁ । ସମସ୍ତ ସାମଗ୍ରୀକୁ ଗୋଳାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାପରେ ଏହି ମିଶ୍ରଣରୁ ଟିକ୍କି ପ୍ରସ୍ତୁତ କରନ୍ତୁ । ଟିକିଗୁଡିକୁ ଫ୍ରାଏ କରି ନିଅନ୍ତୁ । ଏହି ଟିକ୍କିକୁ ଗରମ ଗରମ ପରଷନ୍ତୁ ।

# ଶିଶୁଙ୍କୁ ବି ହେଉଛି ଫ୍ୟାଟି ଲିଭର



ଫ୍ୟାଟି ଲିଭର ବର୍ତ୍ତମାନ କେବଳ ବଡମାନଙ୍କର ସମସ୍ୟା ହୋଇ ରହି ନାହିଁ । ଏହା ବର୍ତ୍ତମାନ ଶିଶୁଙ୍କୁ ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ଶିଶୁଙ୍କ କ୍ଷେତ୍ରରେ ନନ୍ ଆଲ୍କୋହୋଲିକ ଫ୍ୟାଟି ଲିଭର ସମସ୍ୟା ଅଧିକ ଦେଖିବାକୁ ମିଳୁଛି । ଏହାର ଚିକିତ୍ସା ନହେଲେ ଏହା ଯକୃତକୁ ପ୍ରଭାବିତ କରିପାରେ ବୋଲି ଜଣା ପଡିଛି । ତେବେ ଛୋଟ ପିଲାଙ୍କ କ୍ଷେତ୍ରରେ ଏହା ଜୀବନଶୈଳୀ ଜନିତ ହୋଇପାରେ । କିଛି କ୍ଷେତ୍ରରେ ଏହା ଜେନେଟିକ୍ ମଧ୍ୟ ହୋଇଥାଏ । ଛୋଟ ପିଲାଙ୍କ କ୍ଷେତ୍ରରେ ଅତ୍ୟଧିକ ଓଜନ ଏହାର ପ୍ରାଥମିକ କାରଣ ପାଲଟୁଛି । ଚର୍ବି କେବଳ ଯେ ବାହାରେ ଯମୁଛି ତାହା ନୁହେଁ ଏହା ଆମର ଯକୃତରେ ମଧ୍ୟ ଯମିବାରେ ଲାଗିଥାଏ । ପ୍ରାୟତଃ ପିଲାମାନେ ବର୍ତ୍ତମାନ ଅଧିକ ଜଙ୍କଫୁଡ ଖାଉଛନ୍ତି, ଯେପରି ତାଙ୍କର ଡାଏଟରେ ବିଭିନ୍ନ ଥଣ୍ଡା ପାନୀୟ, ଫାଷ୍ଟ ଫୁଡ ସାମିଲ କରୁଛନ୍ତି । ଏହାସହିତ ବର୍ତ୍ତମାନ ଆମ ଲାଇଫଷ୍ଟାଇଲରେ ବ୍ୟାୟାମ ପୁରା ଶୂନ୍ୟ ହୋଇଯାଇଛି । ଯେଉଁ କାରଣରୁ ଫ୍ୟାଟି ଲିଭରର ମାତ୍ରା ବଢି ଚାଲିଛି । ଛୁଆମାନେ ଖେଳିବା ଯେପରି ଭୁଲିଯାଇଛନ୍ତି । ସବୁବେଳେ ମୋବାଇଲ କିମ୍ବା ଲାପଟପ ଦେଖିବାରେ ସମୟ ବିତାଉଛନ୍ତି, ତେଣୁ ଏହା ତାଙ୍କର ମେଦବହୁଳତା, ଫ୍ୟାଟି ଲିଭର ଭଳି ଅନେକ ସମସ୍ୟାର କାରଣ ସାଜୁଛି ।



# ଭାବୁକ ହେଲେ ମନୀଷା

ନେପାଳ ସୋସିଆଲ ମିଡିଆରେ ବ୍ୟାନ ହେବାପରେ ଦେଖିବାକୁ ମିଳିଥିବା ବିରୋଧ ଓ ହିଂସା ସମସ୍ତଙ୍କୁ ସ୍ତବ୍ଧ କରିଛି । ସମସ୍ତେ ସୋସିଆଲ ମିଡିଆରେ ଏହାର ନିନ୍ଦା କରୁଥିବା ଦେଖିବାକୁ ମିଳିଛି । ଏହି ହିଂସାରେ ରିପୋର୍ଟ ଅନୁସାରେ ୧୯ଜଣ ପ୍ରାଣ ହରାଇଥିବା ଜଣା ପଡିଛି । ତେବେ ଏହି ଘଟଣାରେ ଦୁଃଖ ଅନୁଭବ କରିଛନ୍ତି ବଲିଉଡ ଅଭିନେତ୍ରୀ ମନିଷା କୋଇରାଲା । ନେପାଳ ସହିତ ମନୀଷାଙ୍କର ସମ୍ପର୍କ ଢେର ପୁରୁଣା । ଏହି ହିଂସା ଭରା ଦିନକୁ ମନୀଷା ବ୍ଲାକ୍ ଡେ ବୋଲି ସମ୍ବୋଧନ କରିଛନ୍ତି । ନିଜ ସୋସିଆଲ ମିଡିଆରେ ରକ୍ତ ଭିଜା ଏକ ଜୋତାର ଫଟୋ ପୋଷ୍ଟ କରି ମନୀଷା ନିଜ ମନକଥା ଲେଖିଛନ୍ତି । ନେପାଳରେ ବର୍ତ୍ତମାନ ସାଧାରଣ ଲୋକଙ୍କ ଦାବିର ଉତ୍ତର ବନ୍ଧୁକ ଗୁଳିରେ ଦିଆଯାଉଛି, ଯାହା ତାଙ୍କୁ ମର୍ମାହତ କରିଛି । ସୂଚନା ଅନୁସାରେ ମନୀଷାଙ୍କ ଜନ୍ମ ନେପାଳରେ ହୋଇଥିଲା । ସେହିଭଳି ସେ ନିଜ କ୍ୟାରିୟର ଆରମ୍ଭ ମଧ୍ୟ ନେପାଳରୁ ହିଁ କରିଥିଲେ । ତେଣୁ ତାଙ୍କର ନେପାଳ ସହିତ ଖୁବ ଭଲ ମାନସିକ ସମ୍ପର୍କ ରହିଛି ।



୧୮୧୪: ଏଲାୟସ ହୋବେଙ୍କ ଦ୍ୱାରା ସିଲେଇ ମେଶିନର ପ୍ରଥମ ମଡେଲ ପ୍ରସ୍ତୁତ ।
୧୮୪୭: ହାୱାଇ ଦ୍ୱୀପରେ ଖୋଲିଲା ପ୍ରଥମ ଥିଏଟର ।
୧୮୯୭: ଦୁନିଆର ସର୍ବପ୍ରଥମ ଡ୍ରଙ୍କ୍ ଆଣ୍ଡ୍ ଡ୍ରାଇଭ୍ ଗିରଫଦାରୀ ।
୧୯୭୭: ଫ୍ରାନ୍ସରେ ଅନ୍ତିମ ଫାଶୀ ।
୧୯୭୨: ବଲିଉଡ୍ ସିନେ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ଜନ୍ମ ।
୧୯୭୬: ଇଣ୍ଡିଆନ୍ ଏୟାର୍‌ଲାଇନ୍ସର ବୋଇଂ ୭୩୭ ଲାହୋରରୁ ଅପହୃତ ।
୧୯୮୯: ଭାରତୀୟ କ୍ରିକେଟର ମନିଷ ପାଣ୍ଡେଙ୍କ ଜନ୍ମ ।
୨୦୦୧: ଆଲେକ୍‌ଜେଣ୍ଡ୍ରିୟା ଫିଲ୍ମ ଫେଷ୍ଟିଭାଲରେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସମ୍ମାନିତ ।
୨୦୧୬: ରିୟୋ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଲେ ମାରିୟପ୍ପନ ଥଙ୍ଗବେଲୁ ।
୨୦୨୦: ଭାରତୀୟ ବାୟୁସେନାରେ ସାମିଲହେଲା ଫ୍ରାନ୍ସ ନିର୍ମିତ ୫ ବହୁବିଧ ଯୁଦ୍ଧ ବିମାନ ।
୨୦୨୩: ଜି–୨୦ରେ ସ୍ଥାୟୀ ସଦସ୍ୟ ହେଲା ଆଫ୍ରିକି ସଂଘ ।

ହାହାଃ..ହାହାଃ..

ଶିକ୍ଷକ – ଗଙ୍ଗା ନଦୀ କେଉଁଠି ବହୁଛି ?
ସଞ୍ଜୁ – ମାଟି ଉପରେ ।
ଶିକ୍ଷକ – ମ୍ୟାପରେ କେଉଁଠି ବହୁଛି ?
ସଞ୍ଜୁ – ମ୍ୟାପରେ କିଭଳି ବହିବ ଓଦା ହୋଇଯିବନି ।



# ତ୍ୱଚା ପାଇଁ ଉପକାରୀ ଚାଉଳ ଅଟା

ଆମ ଶରୀରର ସ୍କିନ୍ ହେଉଛି ସବୁଠାରୁ ସୁକ୍ଷ୍ମ ଅଂଶ, ତେଣୁ ଏହାର ଯତ୍ନ ଖୁବ ଭଲଭାବେ ନେବାର ଆବଶ୍ୟକତା ରହିଛି । ଏହା ଉପରେ ପ୍ରଦୂଷଣ, ଖରାପ ଜୀବନଶୈଳୀ, ଖାଦ୍ୟପେୟ ଆଦିର ପ୍ରଭାବ ଖୁବ ଅଧିକ ଦେଖିବାକୁ ମିଳିଥାଏ । ସେହିଭଳି ସବୁବେଳେ କେମିକାଲ ଯୁକ୍ତ ପ୍ରସାଧାନ ସାମଗ୍ରୀ ବ୍ୟବହାର ମଧ୍ୟ ଏହା ଉପରେ ଖରାପ ପ୍ରଭାବ ପକାଇଥାଏ । ତେଣୁ କିଛି ସମୟରେ ଆମକୁ ଘରେ ପ୍ରାକୃତିକ ଘରୋଇ ସାମଗ୍ରୀକୁ କିଛିକିଛି ପ୍ୟାକ ପ୍ରସ୍ତୁତ କରି ମୁହଁ ଓ ଅନ୍ୟସ୍ଥାନର ତ୍ୱଚାର ଯତ୍ନ ନେବା ଦରକାର । ଅନେକ ସମୟରେ ମୁହଁରେ ଶୁଷ୍କତା, ରେଡ୍‌ନେସ, କଳାଦାଗ, ବ୍ରଣ ଆଦି ସମସ୍ୟା ଦେଖିବାକୁ ମିଳିଥାଏ । ଏହି ସବୁ ସମସ୍ୟାକୁ ପ୍ରାକୃତିକ ଉପାୟରେ ଦୂରେଇବା ପାଇଁ ଘରେ ମିଳୁଥିବା ସାମଗ୍ରୀରେ ଏକ ପ୍ୟାକ ପ୍ରସ୍ତୁତ କରନ୍ତୁ । ଏହି ପ୍ୟାକ୍‌କୁ ପ୍ରସ୍ତୁତ କରିବା ପାଇଁ ଚାଉଳର ଅଟା ବ୍ୟବହାର କରନ୍ତୁ । ଏହାର ପେଷ୍ଟ ମୁହଁ ଓ ହାତ ଗୋଡରେ ଲଗାଇଲେ ଅନେକ ଲାଭ ମିଳିଥାଏ ବୋଲି ଏକ୍ସପର୍ଟମାନେ ମତ ଦେଉଛନ୍ତି । ଏହା ଆମ ତ୍ୱଚାକୁ ପୋଷଣ ଯୋଗାଇଥାଏ । ଏଥିରେ ଭିଟାମିନ ବି, ଆଲାନେସନ, ଫେରୁଲିକ୍ ଏସିଡ, ଆଣ୍ଟି ଅକ୍ସିଡାଣ୍ଟ ଆଦି ରହିଛି ଯାହା ଆମର ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ । ଏହାକୁ ଫେସ ପ୍ୟାକ୍, ସ୍କ୍ରବ ଭଳି ବ୍ୟବହାର କରିପାରିବେ । ଏହା ଆମ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସହାୟକ ହୋଇଥାଏ । ତେବେ ଏହା ଉପକାରିତା ଥିଲେ ମଧ୍ୟ ଏହାକୁ ବ୍ୟବହାରରେ ସତର୍କତା ଅବଲମ୍ବନ କରନ୍ତୁ । ଏହାର ଅଧିକ ବ୍ୟବହାର ଆମ ତ୍ୱଚା ପାଇଁ କ୍ଷତିକାରକ ହୋଇଥାଏ । ଯଦି ଆପଣଙ୍କ ସ୍କିନ୍ ଅଧିକ ଶୁଷ୍କ ତେବେ ଏହାକୁ କମ ବ୍ୟବହାର କରନ୍ତୁ । ଏହାକୁ ବ୍ୟବହାର ପୂର୍ବରୁ କୌଣସି ଭଲ ସ୍କିନ୍ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ, ଲାଭ ଦାୟକ ହେବ ।





# ମନୁଷ୍ୟକୃତ ଗର୍ଭାଶୟ



ଆମେରିକା ନିଜର ଉନ୍ନତ ଧରଣର ଚିକିତ୍ସା ବିଜ୍ଞାନ ପାଇଁ ସାରା ବିଶ୍ୱରେ ପରିଚିତ । ତେବେ ବର୍ତ୍ତମାନ ନିଜର ଆଉଏକ ଆବିଷ୍କାର ପାଇଁ ପୁଣି ଚର୍ଚ୍ଚାକୁ ଆସିଛି ଆମେରିକା । ଆମେରିକାରେ ପ୍ରସ୍ତୁତ ହୋଇଛି ମନୁଷ୍ୟକୃତ ଗର୍ଭାଶୟ, ଯେଉଁଥିରେ ଅପରିପକ୍ୱ ଶିଶୁଙ୍କୁ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ଅନେକ ପରିବାରକୁ ଖୁବ ସହାୟତା ଦେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ଏନେଇ ସେମାନେ ଅନେକ ପରୀକ୍ଷଣ କରିବା ପରେ ସୂଚନା ଦେଇଛନ୍ତି । ସାଧାରଣତଃ ଗୋଟିଏ ଶିଶୁ ଅପରିପକ୍ୱ ଅବସ୍ଥାରେ ଜନ୍ମନେଲେ ତାର ବିଭିନ୍ନ ସମସ୍ୟା ଦେଖାଦେଇଥାଏ । ଗବେଷକମାନେ ପାଖାପାଖି ୩୦୦ଟି ପରୀକ୍ଷଣ କରିବା ପରେ ଏହି ଫଳାଫଳରେ ପହଞ୍ଚିଥିବା ମତ ଦେଇଛନ୍ତି । ସୂଚନା ଅନୁସାରେ ଏହି ପରୀକ୍ଷା ସମୟରେ ଜୀବଜନ୍ତୁମାନଙ୍କର ବ୍ରେନ୍ ଡେଭଲପ୍‌ମେଣ୍ଟ ହେବା ସହିତ ପୋଷଣ ମଧ୍ୟ ଠିକ୍ ଭାବେ ମିଳିଥିଲା । ଏହାସହିତ ଲିଭର ମଧ୍ୟ ସଠିକ ଢଙ୍ଗରେ କାର୍ଯ୍ୟ କରୁଥିବା ଜଣାପଡିଥିଲା । ଏହା ହଜାରହଜାର ଶିଶୁଙ୍କ ପାଇଁ ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରସ୍ତୁତକାରୀ କମ୍ପାନୀ ମତଦେଇଛନ୍ତି ।

## ମଦ ଦୋକାନରୁ ଚୋରି ଉଦ୍ୟମ ବେଳେ ଲାଗିଲା ନିଆଁ

ଯୋଡ଼ା(ସବ୍ୟୁ): କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ସିନେମା ହଲ ନିକଟରେ ଥିବା ମଦ ଦୋକାନ ରେ ଚୋରି ଉଦ୍ୟମ କରୁଥିବା ବେଳେ ଅଗ୍ନିକାଣ୍ଡ ଯୋଗୁଁ ଲକ୍ଷାଧିକ ଟଙ୍କାର ଜିନିଷ ଜଳି ପୋଡି ପାଉଁଶ ହୋଇଯାଇଛି । ତେବେ ସୂଚନାଯୋଗ୍ୟ ଯେ ସୋମବାର ବିଳମ୍ବିତ ରାତିରେ କିଛି ଚୋର ଆସି ମଦ ଦୋକାନ ପଛପଟୁ ଲୁହା କବାଟକୁ ଲେଦ ମେସିନ ସାହାଯ୍ୟ ରେ କାଟି ପଶିଥିଲେ ।ତେବେ ଲୁଟ କରିବା ଉଦ୍ୟମ ବେଳେ ଲେଦ ମେସିନ ବାରୁଦରେ ଧୀରେ ଧୀରେ ନିଆଁ ପ୍ରକୋପ ବଢିବାରୁ ଭୟରେ ସେଠାରେ ଦୁର୍ବୃତ୍ତ ମାନେ ଚମ୍ପଟ ମାରିଥିଲେ । ଅଗ୍ନିକାଣ୍ଡ ଯୋଗୁଁ ଦୋକାନ ରେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ଜଳିପଡି ପାଉଁଶ ହୋଇଯାଥିଲ । ତେବେ ସକାଳେ ଖବର ପାଇ ଯୋଡ଼ା ପୋଲିସ ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ କୁ ଆୟତ୍ତ କିରିବାରେ ସଫଳ ହେଇଥିଲା । କେଉଭଳି ପରିସ୍ଥିତିରେ ଏପରି ଦୁର୍ଘଟଣା ହେଲା ପୋଲିସ ତାହା ଉପରେ ତଦନ୍ତ ଜାରି ରଖିଛନ୍ତି ।

### ମହିଳା ସୁରକ୍ଷା, ଯୌତକ ନିଷେଧ ଆଇନ ସମ୍ପର୍କିତ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର

## ମହିଳାଙ୍କୁ ସଶକ୍ତ କରୁଛି ଯୌତୁକ ନିଷେଧ, ଘରୋଇ ହିଂସା ଆଇନ : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି । ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କ ଠାରୁ ବି ଅଧିକ ନିଜର । ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର



ଅନୁଷ୍ଠିତ ହୋଇଯାଇଛ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, କୁଟୀର ଶିଳ୍ପ ଭଳି ବହୁ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଆଜି ପୁରୁଷମାନଙ୍କ ଠାରୁ ଅଧିକ । ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା, ମହିଳା କୈନ୍ଦ୍ରିକ ଅର୍ଥନୀତି ଏବଂ ବିକଶିତ ଓଡ଼ିଶାର ପ୍ରାଥମିକତା । ତୃଣମୂଳସ୍ତରରେ ମହିଳା ସୁରକ୍ଷା କେସ ସହ ଜଡ଼ିତ ଆହ୍ୱାନଗୁଡିକ ବିଷୟରେ ପ୍ରତିନିଧିମାନଙ୍କ ସହ ସିଧାସଳଖ ସେ ଆଲୋଚନା କରିଥିଲେ ।

କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହ ସେ ସମ୍ପର୍କିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ପ୍ରତି ଜିଲ୍ଲାର ଶକ୍ତି ସଦନ, ଓ୍ୱାନ ଷ୍ଟପ ସେଣ୍ଟର, ପୋଲିସ ପ୍ରଶାସନିକ, ସୁରକ୍ଷା ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧିବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ଆଇନଗତ ଢାଞ୍ଚା ଓ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଡିଆଇଆର ଦାଖଲ, କୋର୍ଟ ସମନ୍ୱୟ ଏବଂ ରିପୋର୍ଟିଂ ବ୍ୟବସ୍ଥା ସମ୍ପର୍କରେ କ୍ଷେତ୍ରସ୍ତରୀୟ ଆହ୍ୱାନ, ସମନ୍ୱୟ ମଡେଲ, ପୋଲିସର ଭୂମିକା ଓ ସେବା ପ୍ରଦାନକାରୀଙ୍କ ଭୂମିକା, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଓ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା, ତଦନ୍ତ ଓ ସମନ୍ୱୟ, ପିଡବ୍ଲ୍ୟୁଡିଭିଏ ଓ ଡିପି ନିୟମର ଓଭରଲାପିଙ୍ଗ ମାମଲା ସମ୍ବନ୍ଧରେ ୬ଟି ଅଧିବେଶନ ମାଧ୍ୟମରେ ସୂଚନା ଉପସ୍ଥାପନ ପ୍ରଦାନ କରିବା ସହ ବିଶଦ ବିବରଣୀ ରଖିଥିଲେ । ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ପ୍ରଫେସର ପ୍ରଭାତ କୁମାର ରାଉଳ ଓୟୁଏଟିର ଦ୍ୱିତୀୟ ଥର କୁଳପତି



ଭୁବନେଶ୍ୱର (ସବ୍ୟୁ): ରାଜ୍ୟପାଳ ତଥା ଓୟୁଏଟିର କୁଳାଧିପତିଙ୍କ ଡ.ହରିବାବୁ କମ୍ଭମପାଟିଙ୍କ ସ୍ୱୀକୃତି କ୍ରମେ ପ୍ରଫେସର ପ୍ରଭାତ କୁମାର ରାଉଳ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ଦ୍ୱିତୀୟଥର ପାଇଁ ତିନି ବର୍ଷ ପାଇଁ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି । ଏହି ଅବସରରେ ସମସ୍ତ କଲେଜଡିନ, କୃଷି ଗବେଷଣା ଓ କୃଷି ସମ୍ପ୍ରସାରଣଡିନ, କର୍ମଚାରୀ ବୃନ୍ଦ, ଛାତ୍ର ଛାତ୍ରୀମାନେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଗତ କାର୍ଯ୍ୟକାଳ ମଧ୍ୟରେ ପ୍ରଫେସର ରାଉଳ ଦକ୍ଷତାର ପରିଚୟ ଦେଇଥିବାରୁ ତାଙ୍କୁ ପୁନର୍ବାର କୁଳପତି ଭାବେ ନିଯୁକ୍ତି ଦିଆଯାଇଛି ।

## ଗଞ୍ଜେଇ ଜବତ:ଅଭିଯୁକ୍ତ ଗିରଫ

ଯୋଡ଼ା ,(ସବ୍ୟୁ): )କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବିଲେଇ ପଦା ସ୍ଥିତ କାରଣ ସାହି ରେ ଥିବା ଟୋଲ ଗେଟ ନିକଟରୁ ଯୋଡ଼ା ପୋଲିସ ପେଟ୍ରୋଲିଂ ବେଳେ ସନ୍ଧ୍ୟାରେ ୨ କେଜି ଗଂଜେଇ ଜବତ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ ରୋରୁଁଆ ଅଞ୍ଚଳର ସୁଶାନ୍ତ ଗିରି ବୟସ (୩୫)ବୋଲି ଜଣାପଡିଛି । ପୋଲିସ ଙ୍କ ସୂଚନା ଅନୁଯାୟୀ ସୁଶାନ୍ତ ବହୁ ଦିନରୁ ଚୋରା ଭାବେ ଏହି ଗଂଜେଇ ରାକେଟ ଚଳେଇ ଆସୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ସେ ଗଞ୍ଜେଇ ନେଇ ବାଇକ ରେ ଯାଉଥିବା ବେଳେ ପୋଲିସ ତାଙ୍କୁ ଅଟକ ରଖି ଯାଞ୍ଚ କରିବାରୁ ଅଭିଯୁକ୍ତ ଠାରୁ ୨ କେଜି ଗଞ୍ଜେଇ ,ବାଇକ ଏବଂ ୨୨୦୦/- ଟଙ୍କା ଜବତ କରିଥିଲେ ।

## ଦୁଇଦିନିଆ ୟୁଏଇ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ତଥା ଶୈକ୍ଷିକ ଉତ୍କର୍ଷତା ଏବଂ ନବସୃଜନ ପରିସଂସ୍ଥାନ ପାଇଁ ରଣନୈତିକ ଭାଗିଦାରିତାକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେପ୍ଟେମ୍ବର ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଉଛନ୍ତି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗୀତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବେ । ଶ୍ରୀ ପ୍ରଧାନ ଗସ୍ତର ପ୍ରଥମ ଦିନରେ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧକ୍ଷା ସାରା ମୁସଲ୍ଲମଙ୍କ ସହ ଆଲୋଚନା କରିବେ । ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ସେଠାରେ ଅଟଳ



ଇନକ୍ୟୁବେସନ୍ ସେଣ୍ଟର (ପ୍ରଥମ ବିଦେଶୀ କେନ୍ଦ୍ର) ଉଦଘାଟନ କରିବା ସଙ୍ଗେସଙ୍ଗେ ପିଏଚଡି ଏବଂ ବି.ଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଆବୁଧାବିର ବାପ୍ସ ହିନ୍ଦୁ ମନ୍ଦିର ପରିଦର୍ଶନ କରିବା ସହ ସିମ୍ବିୟୋସିସ୍ ବିଶ୍ୱବିଦ୍ୟାଳୟ, ଦୁବାଇ କ୍ୟାମ୍ପସର ପ୍ରଥମ ବାର୍ଷିକଉତ୍ସବରେ ଯୋଗଦେବେ ।

ସେହିପରି ଗସ୍ତର ଅନ୍ତିମ ଦିନରେ ୟୁଏଇର ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅବଦୁଲ ରେହମାନ ଅଲ ଆୱାରଙ୍କ ସହିତ ଆଇଆଇଏମ, ଅହମ୍ମଦବାଦର ଦୁବାଇ କ୍ୟାମ୍ପସର ଉଦଘାଟନୀ କାର୍ଯ୍ୟକ୍ରମରେ ସାମିଲ ହେବେ । ଉଭୟ ମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଚାଲିଥିବା ଦ୍ୱିପାକ୍ଷିକ ସହଯୋଗ ବିଷୟରେ ବିସ୍ତୃତ ଆଲୋଚନା କରିବେ । ୟୁଏଇରେ ଭାରତୀୟ ଉଚ୍ଚ ଶିକ୍ଷାନୁଗୁଡ଼ିକର ଏକ ଗୋଲଟେବୁଲ ସମ୍ମିଳନୀରେ ମଧ୍ୟ ସେ ଯୋଗଦେବେ । ଏହାବ୍ୟତୀତ ଶ୍ରୀ ପ୍ରଧାନ କନସୁଲେଟରେ 'ଏକ ପେଡ୍ ମା କେ ନାମ' ଅଭିଯାନ ଅଦୀନରେ ଗଛ ଲଗାଇବେ । ସେଠାରେ ଶିକ୍ଷକ ଦିବସ ପାଳନ ଅବସରରେ ସିବିଏସଇ ସ୍କୁଲର ପ୍ରିନ୍ସିପାଲଙ୍କ ସହିତ ଆଲୋଚନା କରିବେ ଏବଂ ୟୁଏଇରେ ଥିବା ଭାରତୀୟ ସ୍କୁଲଗୁଡ଼ିକରେ ଅଟଳ ଟିଙ୍କରିଂ ଲ୍ୟାବର ଶୁଭାରମ୍ଭ କରିବେ । ଶେଷରେ ଦୁବାଇରେ ବସବାସ କରୁଥିବା ଭାରତୀୟ ପ୍ରବାସୀମାନଙ୍କ ସହିତ ଆଲୋଚନା କରିବା ସହ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ଦିନ ଦ୍ୱିପ୍ରହରରେ ଘରେ ବୁଲାଇଲେ କଳାକନା

ସୋର,(ସବ୍ୟୁ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ଦହିପୁର ଗ୍ରାମରୁ ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଘରେ କେହି ନ ଥିବା ଚୋର ମାନେ ଘରୁ କଳାକନା ବୁଲେଇ ଦେଇଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମର ଚୈତନ୍ୟ ପ୍ରଧାନ ପ୍ରଧାନ ଶିକ୍ଷକ ଭବେ ଅବସର ନେଇଥିଲେ ।କିନ୍ତୁ ପାଞ୍ଚ ଦିନ ପୂର୍ବରୁ ସେ ଏବଂ ତାଙ୍କ ପନୀ ଉତ୍ତର ଭାରତ ଭ୍ରମଣ କରିବାକୁ ଯାଇଛନ୍ତି । ଘରେ ତାଙ୍କ ଶିକ୍ଷୟିତ୍ରୀ ଝିଅ ହିରଣ୍ମୟୀ ପ୍ରଧାନ ଏବଂ ଜ୍ୱାଇଁ ଶିବ ନାରାୟଣ ସାହୁ ରହନ୍ତି । କିନ୍ତୁ ପୂର୍ବାହ୍ନରେ ଉଭୟ ସ୍କୁଲକୁ ଯାଇଥିବା ବେଳେ ଘରେ କେହି ନ ଥିଲେ ।ଏହି ସୁଯୋଗରେ ଚୋର ମାନେ ଘର ପଛ ପଟ ଝରକା ଗ୍ରିଲ ଭାଙ୍ଗି ଭିତରେ ପଶି ନଗଦ ପଚାଶ ହଜାର ଟଙ୍କା ସମେତ ୫ଲକ୍ଷ ଟଙ୍କାର ଉର୍ଦ୍ଧ ଟଙ୍କାର ସୁନା ଗହଣା ଚୋରି କରି ନେଇଥିଲେ ।

### ଶିଶୁ ବାଟିକାରେ ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତିକୁ ବିରୋଧ ମାମଲା

## ରାଜ୍ୟ ସରକାରଙ୍କୁ ହାଇକୋର୍ଟ ମାଗିଲେ ଜବାବ

କଟକ,(ସବ୍ୟୁ): ପ୍ରଥମ ଶ୍ରେଣୀକୁ ଯିବା ପୂର୍ବରୁ ୫ରୁ ୬ବର୍ଷ ବୟସ ପିଲାଙ୍କ ଲାଗି କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି ଅନୁସାରେ 'ଶିଶୁ ବାଟିକାଦ ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଶିଶୁଙ୍କୁ ଶିକ୍ଷାଦାନ ଲାଗି କେନ୍ଦ୍ର ସରକାର ତାଲିମ୍‌ପ୍ରାପ୍ତ ତଥା ୟର୍ଲି ଚାଇଲଡ୍ ହୁଡ କେୟାର ଏଜୁକେସନ୍ ପାଠ ପଢ଼ିଥିବା ଶିକ୍ଷକଙ୍କୁ ନିଯୁକ୍ତି ଦେବା ଲାଗି କହିଛନ୍ତି । କିନ୍ତୁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍‌ର ଉଲଂଘନ କରି ତାଲିମପ୍ରାପ୍ତ ଶିକ୍ଷକଙ୍କ ପରିବର୍ତ୍ତେ ମନମୁଖୀ ଭାବେ ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ବିଜ୍ଞପ୍ତିକୁ ଚାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ଆଜି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଦିବ୍ୟଲୋଚନ ମହନ୍ତ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣ ଶ୍ରୀପଦ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଦୁଇ ସପ୍ତାହ ପରକୁ ଧାର୍ଯ୍ୟ ହୋଇଛି ।

ଆବେଦନକାରୀମାନେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି-୨୦୨୦ ଅନୁସାରେ ପ୍ରି-ସ୍କୁଲ୍ ପୂର୍ବରୁ ୫ରୁ୬ବର୍ଷ ବୟସର ଶିଶୁଙ୍କୁ ଶିକ୍ଷାଦାନ ପାଇଁ ଶିଶୁ ବାଟିକା ଖୋଲାଯିବ । ପ୍ରତ୍ୟେକ ବିଦ୍ୟାଳୟ ଅଧୀନରେ ଗୋଟେ ଲେଖାଁ ଶିଶୁବାଟିକା ରହିବ । ଏହି ଶିଶୁବାଟିକାରେ ଜଣେ ଲେଖାଁ ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଶିକ୍ଷାନୀତିରେ ଉଲ୍ଲେଖ ରହିଛି । କିନ୍ତୁ ରାଜ୍ୟ ସରକାର ଶିଶୁ ବାଟିକା ଖୋଲିବା ପାଇଁ ଚଳିତବର୍ଷ ନିଷ୍ପତ୍ତି ନେଇଥିଲେ । ଏହି ଶିଶୁବାଟିକାରେ କେଉଁମାନଙ୍କୁ ନିଯୁକ୍ତି ଦିଆଯିବ ସେନେଇ ଏକ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ଶିଶୁବାଟିକାରେ ସ୍ଥାନୀୟ ଗାଁର ଏସ୍‌ସି, ଏସ୍‌ଟି କିମ୍ବା ବିଧବା ମହିଳାଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯିବ । ସମ୍ପୃକ୍ତ ମହିଳାଙ୍କୁ ସ୍କୁଲ୍ ମ୍ୟାନେଜ୍‌ମେଣ୍ଟ କମିଟି ନିଯୁକ୍ତି ଦେବେ । ପ୍ରତି ବର୍ଷ ସେମାନଙ୍କ ଚାକିରି ନବୀକରଣ କରାଯିବ ।

ଏଭଳି ନିଯୁକ୍ତି ପ୍ରକ୍ରିୟାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଛି । ଆବେଦନକାରୀମାନେ ଦର୍ଶାଇଛନ୍ତି ଯେ, ଏଭଳି ନିଯୁକ୍ତି ପ୍ରକ୍ରିୟା କେନ୍ଦ୍ର ସରକାରଙ୍କ ଶିକ୍ଷାନୀତିର ସମ୍ପୂର୍ଣ୍ଣ ବିରୋଧାଚରଣ କରୁଛି । ପ୍ରଥମେ ଜଣେ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । ଓଡ଼ିଶାରେ ଏହିଭଳି ସ୍ୱତନ୍ତ୍ର ତାଲିମ୍‌ପ୍ରାପ୍ତ ୩୦ହଜାର ଶିକ୍ଷକ ଅଛନ୍ତି । କିନ୍ତୁ ଏମାନଙ୍କ କଥା ବିଚାରକୁ ନିଆଯାଉ ନାହିଁ । ଦ୍ୱିତୀୟରେ ଏଥିରେ ଲିଙ୍ଗଗତ ପ୍ରଭେଦ ସୃଷ୍ଟି କରାଯାଉଛି । ଏହି ପଦରେ କେବଳ ମହିଳାଙ୍କୁ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଛି । ତେଣୁ ଏଭଳି ବିଜ୍ଞପ୍ତିକୁ ରଦ୍ଦ କରାଯାଇ ତାଲିମ୍‌ପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଆଜି ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି ।

## ଚଢିଲା ଡ୍ରୋଜର, ମାଟିରେ ମିଶିଲା ନିଶା ମାଫିଆ ଘର

ଭୁବନେଶ୍ୱର, (ସବ୍ୟୁ) : କମିଶନରେଟ୍ ପୋଲିସ ନିଶା କାରବାରକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଅପରେସନ ପ୍ରହାରକୁ ଜୋର୍‌ଦାର କରିଛି । ମଙ୍ଗଳବାର ନୂଆପଲ୍ଲୀ ଅଞ୍ଚଳର ମହିଳା ନିଶା ମାଫିଆ ସାବିତ୍ରୀ ବେହେରାଙ୍କ ଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଡ୍ରୋଜର ମାଡରେ ଘରକୁ ଧୂଳିସାତ୍ କରିଦିଆଯିବା ଘଟଣାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି ।

ନୂଆପଲ୍ଲୀ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ନିକଟ ସରକାରୀ ଜାଗାରେ ସାବିତ୍ରୀ ବେହେରା ଘର କରି ରହିବା ସହ ଦୀର୍ଘଦିନ ହେବ ଗଞ୍ଜେଇ ବ୍ୟବସାୟ କରିଆସୁଥିଲା । ୪ଥର ଗିରଫ ହୋଇ ଜେଲ୍ ଯିବାପରେ ମଧ ସେ ନିଶା କାରବାର ବନ୍ଦ କଲାନାହିଁ । ଏପରିକି ଜେଲ୍‌ରେ ଥାଇ ଗଞ୍ଜେଇ କାରବାରକୁ ନିୟନ୍ତ୍ରଣ କଲା । ଯାହା ଫଳରେ ବିଡିଏ, ବିଏମ୍‌ସି, କମିଶନରେଟ୍ ପୋଲିସର ମିଳିତ ଟିମ୍ ମଙ୍ଗଳବାର ତା'ଘର ଉପରେ ଚଢାଉ କରି ଡ୍ରୋଜର ମାଡ କରିଥିଲେ ।

କେବଳ ସାବିତ୍ରୀ ନୁହେଁ, କମିଶନରେଟ୍ ପୋଲିସ ନିଶା ମାଫିଆଙ୍କ ତାଲିକା ପ୍ରସ୍ତୁତ କରିଛି । ଜଣକ ପରେ ଜଣକ ଘର ଭାଙ୍ଗି ଦିଆଯିବ ବୋଲି ପୋଲିସ କହିଛି । କାରଣ ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାରକୁ କମିଶନରେଟ୍ ପୋଲିସ ଶୂନସହନଶୀଳତା ଭାବେ ନେଉଛି । ଭୁବନେଶ୍ୱର ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର କଲେ ନିଶା ମାଫିଆ ସାବିତ୍ରୀ ବେହେରା ଘର ଭାଙ୍ଗିବା ଭଳି ପଦକ୍ଷେପ ନିଆଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ।

## ବଳାତ୍କାରୀକୁ ୨୦ ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅଞ୍ଚଳ ନାବାଳିକା ବଳାକାର ମାମଲାର ଆସାମୀ ଲୋକନାଥ ମଲ୍ଲିକକୁ ଫାଷ୍ଟଟ୍ରାକ କୋର୍ଟ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ୧୨ ଜଣ ସାକ୍ଷୀ ୭୧ ଟି ଦଲିଲ୍ ଆଧାରରେ ଏହି ଜେଲ୍ ଦଣ୍ଡାଦେଶ ହୋଇଛି । ୨୦୨୪ ମସିହା ଜୁଲାଇ ୧୧ ତାରିଖରେ ଆସାମୀ ଲୋକନାଥ ମଲ୍ଲିକ ପୀଡିତାଙ୍କୁ ବିବାହ କରିବା ବାହାନାରେ ବଳାକାର କରିଥିଲା । ନୂଆପଡା ଗ୍ରାମରେ ଥିବା ତାଙ୍କ ଘରକୁ ପୀଡିତାଙ୍କୁ ଅପହରଣ କରିନେଇ ଶାନ୍ତିପୂର୍ଣ୍ଣ ଭାବେ ରହୁଥିଲେ । ପରବର୍ତ୍ତୀ ସମୟରେ ତାଙ୍କ ପିତାମାତାଙ୍କ ଦ୍ୱାରା ପ୍ରରୋଚିତ ହୋଇ ଆସାମୀ ଯୌତୁକ ଦାବି କରିବା ଆରମ୍ଭ କରିବା ସହ ଶାରୀରିକ ନିର୍ଯ୍ୟାତନା ଦେଇଥିଲା । ଆସାମୀ ପୀଡିତାଙ୍କ ସହ ବହୁବାର ଶାରିରୀକ ସମ୍ପର୍କ ରଖିବାକୁ ବାଧ କରିଥିଲା । ଏଫଆଇଆର ଦାୟର ହେବାର ଦୁଇଦିନ ପୂର୍ବରୁ ଆସାମୀ ତାଙ୍କ ବେକକୁ ଚିପି ମାରିଦେବା ଉଦ୍ୟମ କରିଥିଲା । ସେହି ସମୟରେ ଆସାମୀର ବାପା ପୀଡିତାଙ୍କୁ ମାରିଦେବାକୁ ଉଷୁକାଇଥିଲେ । ପରିସ୍ଥିତିର ସୁଯୋଗ ନେଇ ପୀଡିତା ତାଙ୍କ ଘରୁ ପଳେଇଆସିବାରେ ସଫଳ ହୋଇଥିଲେ । ମଞ୍ଚେଶ୍ୱର ଥାନାରେ ଏହି ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଆସାମୀ ଲୋକନାଥକୁ ଗିରଫ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ହୋଇଥିଲ । ସାକ୍ଷ୍ୟ ପ୍ରମାଣକୁ ଆଧାର କରି ପୋକ୍‌ସୋ ଆକଫ ୬ ଅନୁଯାୟୀ ଆସାମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ହୋଇଛି ।

## ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଅନ୍ତିମ ବିଦାୟ

ନୂଆପଡ଼ା,(ସବ୍ୟୁ): ଜନ ପ୍ରିୟ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀର ମଙ୍ଗଳବାର ଚେନ୍ନାଇ ଠାରୁ ଏକ ଏୟାର ଆମ୍ବୁଲାନ୍ସ ବିମାନ ଯୋଗେ ରାୟପୁର ଆସିଥିଲା । ପରେ ସଡ଼କ ପଥରେ ଖରିଆର ରୋଡରେ ପହଞ୍ଚିଥିଲା । ବିଜେଡି ଦଳୀୟ ନେତା ଓ କର୍ମୀଙ୍କ ଯୋଗଦାନ, ସର୍ବ ସାଧାରଣ ଶେଷ ଦର୍ଶନ ପାଇଁ ଅପେକ୍ଷା କରିଥିଲେ । ଶେଷ ଦର୍ଶନ ପାଇଁ ଓଡ଼ିଶା ପୂର୍ବତନ ମନ୍ତ୍ରୀ ଏବଂ ନେତୃମଣ୍ଡଳୀ ଯୋଗ ଦେଇଥିଲେ । ପୂର୍ବତନ ଭାଜପା ସାଂସଦ ବସନ୍ତ ପଣ୍ଡା, କଂଗ୍ରେସ ପିସିସି ସଭାପତି ଭକ୍ତ ଚରଣ ଦାସ ସହ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ସ୍ନେହାଙ୍ଗିନି ଛୁରିଆ, ଟୁକୁନି ସାହୁ, ପୁଷ୍ପେନ୍ଦୁ ସିଂଦେଓ, ପ୍ରଣବ ପ୍ରକାଶ ଦାସ,ପ୍ରଫୁଲ୍ଲ ମଲ୍ଲିକ,ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଅଧିରାଜ ପାଣିଗ୍ରାହୀ,ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ଆୟୁବ ଖାନ, ମନୋଜ ମିଶ୍ର, ସ୍ୱର୍ଗତ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ୨୦ ନଭେମ୍ବର ୧୯୫୬ ମସିହା ରେ ଖରିଆର ରୋଡ ଠାରେ ଜନ୍ମ ଗ୍ରହଣ କରିଥିଲେ । ରାଜୁ ଭାଇ ରୂପେ ସେ ବେଶ ଲୋକପ୍ରିୟ ଥିଲେ । ଖରିଆର ରୋଡ ଏନ.ଏ.ସି. ଅଧକ୍ଷ ଭାବେ ସଫଳତା ସହ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ସେ ୨୦୦୪ ମସିହା ରେ ପ୍ରଥମେ ସ୍ୱାଧୀନ ବିଧାୟକ ଓ ତିନି ଥର ବିଜେଡ଼ି ଦଳ ରେ ବିଧାୟକ ଭାବେ ବିଜୟୀ ହୋଇ ମନ୍ତ୍ରୀ ହୋଇଥିଲେ । ଛତିଶଗଡ- ଓଡ଼ିଶା ସୀମା ଜୋଙ୍କ ନିଦୀ ବ୍ରିଜ ନିକଟରେ ସମସ୍ତ ବିଜେଡ଼ି ନେତା,କର୍ମୀ ତଥା ସର୍ବ ସାଧାରଣ ପୁରୁଷ ମହିଳା ଶେଷ ଦର୍ଶନ ପାଇଁ ଏକତ୍ରିତ ହୋଇ ରାଜୁ ଭାଇ ଅମର ରହେ ସ୍ଲୋଗାନ ଦେଇ ଏକ ବିରାଟ ମୋଟର ସାଇକେଲ ଶୋଭାଯାତ୍ରାରେ ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଏକତା ଛକ ଠାରେ ଅନ୍ତିମ ଦର୍ଶନ ନିମନ୍ତେ କିଛି ସମୟ ପାର୍ଥିବ ଶରୀରକୁ ରଖିଥିଲେ । ପରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀର ଖରିଆର ରୋଡକୁ ଫେରାଇ ନେଇ ଅନ୍ତିମ ଦର୍ଶନ ପାଇଁ ଜ୍ଞାନ ଜ୍ୟୋତି ବିଦ୍ୟାଳୟ ଖରିଆର ରୋଡରେ ତାଙ୍କ ପାର୍ଥିବ ଶରୀର ରଖି ଅନ୍ତିମ ଦର୍ଶନ କରିବାକୁ ବ୍ୟବସ୍ଥା କରିଥିଲେ । ନୂଆପଡ଼ା ଜିଲ୍ଲାପାଳ ମଧୁସୁଦନ ଦାଶ ଓ ଏସପି ଅମରିତ ପାଲ ସିଂ ଶେଷ ଦର୍ଶନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷ ରେ ଏକ ବିରାଟ ଶୋଭା ଯାତ୍ରାରେ ପାର୍ଥିବ ଶରୀରକୁ ଜୋଙ୍କ ନଦୀ ପଠା ସ୍ଥିତ ମୁକ୍ତିଧାମ ଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର କରାଯାଇଥିଲା ।

## ୩୦ ଲକ୍ଷର ବ୍ରାଉନସୁଗର ଜବତ, ବେପାରୀ ଗିରଫ

କଟକ,(ସବ୍ୟୁ): ଜଣେ ପେସାଦାର ନିଶା ବେପାରୀକୁ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଚନ୍ଦକା ଥାନା ଅନ୍ତର୍ଗତ ପାଣିଓରା ଗାଁର ସରୋଜ ପରିଡା(୨୭) । ତା' ପାଖରୁ ୨୯୨ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ରାଜ୍ୟବ୍ୟାପୀ ଚାଲିଥିବା ପ୍ରହାର ଅଭିଯାନକ୍ରମେ ଅବକାରୀ ବିଭାଗ ନିଶା ମାଫିଆଙ୍କ ବିରାଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି । ଏହି କ୍ରମରେ ଚନ୍ଦକା ଅଞ୍ଚଳର ବ୍ରାଉନସୁଗର ବେପାରୀ ସରୋଜର ସୂଚନା ମିଳିଥିଲା । ତାକୁ ନିଶାଦ୍ରବ୍ୟ ସହିତ ଧରିବା ପାଇଁ ଅବକାରୀ ବିଭାଗ ଜାଲ ବିଛାଇଥିଲା । ଦୁଇ ଦିନ ଧରି ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର



ରଖାଯାଇଥିଲା । ପରେ ଜଣେ ଅଧିକାରୀ ଗ୍ରାହକ ସାଜି ତାକୁ ବିପୁଳ ପରିମାଣର ନିଶାଦ୍ରବ୍ୟ ଯୋଗାଣ ପାଇଁ କହିଥିଲେ । ଏଥିରେ ସରୋଜ ରାଜି ହେବା ପରେ ଦର ଓ ସମୟ ଧାର୍ଯ୍ୟ ହୋଇଥିଲା । ତଦନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ସରୋଜ ଏକ ପଲସର ବାଇକ ଧରି ବ୍ରାଉନସୁଗର ଧରି ଚନ୍ଦକା ବଜାର ଆଡକୁ ଆସୁଥିଲା । ଏତିକିବେଳେ ଛକି ରହିଥିବା ଅବକାରୀ ଟିମ ତାକୁ ମାଡି ବସିଥିଲେ । ଯାଞ୍ଚ ପରେ ତା' ପାଖରୁ ତିନିଟି ଜରି ପୁଡିଆରେ ଥିବା ୨୯୨ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ସରୋଜ ନିଶାଡି ସେବନ କରିବା ସହ ନିଶା ବେପାରୀ ମଧ କରୁଥିବା ଜଣାପଡିଛି । ଗଲା ଦେଡ ବର୍ଷ ହେବ ସେ ଖୋର୍ଦ୍ଧା ଅଞ୍ଚଳରୁ ବ୍ରାଉନସୁଗର ଆଣି ଭୁବନେଶ୍ୱର, ବାରଙ୍ଗ ଓ କଟକ ଉପକଣ୍ଠ ଅଞ୍ଚଳରେ କାରବାର କରୁଥିଲା ବୋଲି ଜେରା ବେଳେ ସ୍ୱୀକାର କରିଛି । ଅପରାହ୍ନରେ ତାକୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ବିଭାଗୀୟ ଅଧିକ୍ଷକ ବିକାଶ ନାୟକଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ଧିରେନ ବେହେରା, ଏସଆଇ ଦିବ୍ୟଜ୍ୟୋତି ସତ୍ୟ ପ୍ରକାଶ, ଏସଆଇ ବିଭୁତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ ପ୍ରମୁଖ ଚଢଉରେ ଅଂଶଗ୍ରହଣ କରିଥିଲେ ।

## ସମ୍ ହସ୍ପିଟାଲ୍‌ରେ ଅଙ୍ଗଦାନକାରୀଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ) ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ସୋମବାର ଜଣେ ୫୨ ବର୍ଷୀୟ ବ୍ରେନ୍ ଡେଡ୍ ବ୍ୟକ୍ତିଙ୍କ ଠାରୁ ଯକୃତ ବାହାର କରାଯାଇ ଭୁବନେଶ୍ୱରର ଅନ୍ୟ ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ନିମନ୍ତେ ପ୍ରେରଣ କରାଯାଇଥିବା ବେଳେ ମଙ୍ଗଳବାର ହସ୍ପିଟାଲ ପକ୍ଷରୁ



ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ ଶରୀରକୁ ଗାଡର୍ ଅଫ୍ ଅନର ପ୍ରଦାନ କରାଯାଇଛି । ଗତ ଅଗଷ୍ଟ ୩୧ରେ ଏକ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ପାଇଥିବା ଜଣେ ସୁରକ୍ଷାକର୍ମୀଙ୍କୁ ଚିକିତ୍ସା ନିମନ୍ତେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲକୁ ଅଣାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କୁ ରବିବାର ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା । ତାଙ୍କ ମୃତ୍ୟୁ ପରେ ପରିବାର ସଦସ୍ୟମାନେ ଅନ୍ୟର ଜୀବନ ବଂଚାଇବା ପାଇଁ ତାଙ୍କର ଅଙ୍ଗଦାନ କରିବା ନିମନ୍ତେ ନିଷ୍ପତି ନେଇଥିଲେ । ଗାର୍ଡ ଅଫ୍ ଅନର ପ୍ରଦାନ ସମୟରେ ସମ୍ ହସ୍ପିଟାଲ୍ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର, ଗ୍ୟାଷ୍ଟ୍ରୋ ସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଜ୍ୟୋର୍ତିମୟ ଜେନା, ଡିଜିଏମ୍ ଅପରେସନ୍ସ ଶ୍ରୀମତି ପୁଷ୍ପାଞ୍ଜଳୀ ରାଉତ, ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତି କାବେରୀ ରାଣୀ ସାହୁ ଓ ତାଙ୍କ ଟିମ୍, ଜୁନିୟର ହସ୍ପିଟାଲ୍ ଆଡମିନିଷ୍ଟ୍ରେଟର ସାଗର ପାଇକରାୟ ଓ ସରୋଜ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ମଧ୍ୟରେ ବୈଠକ

# ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ଉପରେ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟୱାର୍କକୁ ସୁଦୃଢ଼ କରିବା ଦିଗରେ ଆଜି ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି । ଶ୍ରୀ ପ୍ରଧାନ ଆଲୋଚନା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ନାଗରିକଙ୍କ ଯାତାୟତ, ଶିଳ୍ପ ଏବଂ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡିବାରେ ରେଳ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ଗୁରୁତ୍ୱ ଦେଇଛନ୍ତି । ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟରେ



ରେକର୍ଡସଂଖ୍ୟକ ଅର୍ଥ ମିଳୁଛି । କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ମୋଦୀ ସରକାରରେ ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ, ରେଳ ଲାଇନର ଦୋହରୀକରଣ, ତୃତୀୟ ଲାଇନ, ଚତୁର୍ଥ ଲାଇନ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଥିବା ନେଇ ବିଭାଗୀୟ ମନ୍ତ୍ରୀ ଅବଗତ କରାଇଛନ୍ତି ।

ବୈଠକରେ ଝାରସୁଗୁଡ଼ା-ବାରକୋଟ୍ ରେଳଲାଇନ, ଅନୁଗୋଳ-ତାଳଚେର ନୂଆ ରେଳଲାଇନ, ବରଗଡ଼ ରୋଡ-ନୂଆପଡ଼ା ରୋଡ- ରାୟପୁର ରେଳଲାଇନ, ତାଳଚେର-ବିମଳାଗଡ଼ ରେଳଲାଇନ, ବହୁପ୍ରତିକ୍ଷୀତ ଖୋର୍ଦ୍ଧା –ବଲାଙ୍ଗୀର ରେଳ ଲାଇନ, ସମ୍ବଲପୁର-ଜରପଡ଼ା ତୃତୀୟ ରେଳଲାଇନ ଓ ଚତୁର୍ଥଲାଇନର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡାରୁ ତେନ୍ତୁଲୋଇ ମଧ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର କୋଲ୍ କୋରିଡର କରିବାର କଳ୍ପନା ଉପରେ ଆଲୋଚନା ହୋଇଛି । ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି । ବୈଠକରେ ଅନୁଗୋଳର ବଇଁଣ୍ଡାରୁ ଏକ ସଂଯୋଗ ଲାଇନ କିପରି ବଲାଙ୍ଗିର - ଖୋର୍ଦ୍ଧା ଲାଇନରେ ବୌଦ୍ଧ ପର୍ଯ୍ୟନ୍ତ ଯୋଡିହେବ, ତାହାର ମଧ କଳ୍ପନା କରାଯାଇଛି, ଯାହା ଏକ ସେତୁ ଭାବରେ କାମ କରିବ । ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବଡିଭିଜନ ରେଳ ଲାଇନରୁ ବଞ୍ଚିତ ଅଛନ୍ତି । ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟୱାର୍କ ସୁଦୃଢ଼ ହେବ । ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟୱାର୍କ ସଂଯୋଗ କରିବା ଦିଗରେ ମଧ ସରକାର ଯୋଜନା ରଖିଛନ୍ତି, ଯେଉଁ ପ୍ରସଙ୍ଗରେ ବୈଠକରେ ବିଚାରବିମର୍ଶ ହୋଇଥିଲା । ଏହି ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

### ଅସ୍ଥାୟୀ ଡମ୍ପିଙ୍ଗୟାର୍ଡରେ ନିୟମ ଉଲ୍ଲଘଂନ

# ସଂଶୋଧନ ନେଇ ପ୍ରଦୂଷଣ ବୋର୍ଡର ନିର୍ଦ୍ଦେଶ

ଭୁବନେଶ୍ୱର(ସବ୍ୟୁ): ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲ୍ଲଂଘନ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି) । ଗାଡ଼କଣସ୍ଥିତ ଅସ୍ଥାୟୀ ଡମ୍ପିଙ୍ଗୟାର୍ଡରେ ଅନେକ ନିୟମ ଆରମ୍ଭରୁ ଉଲ୍ଲଂଘନ କରାଯାଇଛ । ତେଣୁ ଏହାକୁ ସଂଶୋଧନ କରିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶ ଦେଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଅସ୍ଥାୟୀ ଡମ୍ପିଙ୍ଗୟାର୍ଡ ସମସ୍ୟା ତୁଟାଇବା ପାଇଁ ନିଜେ ପ୍ରବେଶ କରିଛି ପ୍ରଦୂଷଣ ବୋର୍ଡ ।

ମଙ୍ଗଳବାର ପ୍ରଦୂଷଣ ବୋର୍ଡର କିଛି ଅଧିକାରୀ ଏହି ଡମ୍ପିଙ୍ଗୟାର୍ଡ ପରିଦର୍ଶନ କରିବା ସହ ଯାଞ୍ଚ କରିଛନ୍ତି । ତେବେ ଯାଞ୍ଚ ବେଳେ ତ୍ରୁଟି ଥିବା ଜଣାପଡ଼ିଛି । ଆରମ୍ଭରୁ ବିଏମସି ନିୟମ ଉଲଂଘନ କରିଥିବା ପ୍ରଦୂଷଣ ବୋର୍ଡ ଅଧିକାରୀ କହିଛନ୍ତି । ବର୍ତ୍ତମାନ କିଛି ପ୍ରୋସେସିଂୟୁନିଟ ଲାଗିଥିବା ବେଳେ ଅଳିଆର ମାତ୍ରା କମିଛି । କିନ୍ତୁ ଏବେ ବି ପ୍ରଦୂଷଣ ହେଉଛି । ତେବେ ବିଏମସି କ'ଣ ପଦକ୍ଷେପ ନେଇଛି ଓ ଆଗକୁ କ'ଣ ନେବ ? ଏହି ରିପୋର୍ଟ ତୁରନ୍ତ ଦେବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ହୋଇଛି ।

ରିପୋର୍ଟ ଆସିବା ପରେ ଆବଶକୀୟ ପଦକ୍ଷେପ ବା ଆହ୍ୱାନ ନେବ ରାଜ୍ୟ ପ୍ରଦୂଷଣ ବୋର୍ଡ ବୋଲି ବୋର୍ଡର ବରିଷ୍ଠ ବୈଜ୍ଞାନିକ ଉଷାରାଣୀ ପଟ୍ଟନାୟକ କହିଛନ୍ତି । ତେବେ ଟିଟିଏସର ବିକଳ୍ପ ଜାଗା ନହେବା ଯାଏଁ ଏଠାରେ ପ୍ରୋସେସିଂ ଚାଲିବ ବୋଲି ସେ କହିଛନ୍ତି । କିନ୍ତୁ ପ୍ରତିଦିନ ରାଜଧାନିରୁ ଉଠୁଥିବା ସମ୍ପୂର୍ଣ୍ଣ ଅଳିଆର ପ୍ରୋସେସିଂ କରିବା ଓ ଜନବସତି ଉପରେ ଏହାର କୁପ୍ରଭାବ ନପଡୁ ସେନେଇ ବିଏମସି ତୁରନ୍ତ ପଦକ୍ଷେପ ନେବା ପାଇଁ ବୋର୍ଡ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ଶ୍ରୀମତୀ ପଟ୍ଟନାୟକ ।

# ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ



ପୁରୀ, (ସବ୍ୟୁ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ପୁରୀ ଜିଲ୍ଲା ରୁ ଆଜି ଅପରାହ୍ନ ରେ ୧୨୭ ଜଣ ବରିଷ୍ଠ ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି ।ସେମାନେ ଆଜି ଭୁବନେଶ୍ୱର ରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ ରେ ଯାତ୍ରା କରିବେ ।ଏହି ବରିଷ୍ଠ ନାଗରିକ ମାନେ ଅଯୋଧ୍ୟା ଓ ବାରାଣସୀ ପରିଭ୍ରମଣ କରିବା ସହ ଚଳିତ ମାସ ୧୫ ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି ।ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ ସାଥିରେ ଯାଇଛନ୍ତି ।ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ,ସମାଜ ସେବୀ ରାଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଯାତ୍ରାର ଶୁଭ କାମନା କରିଥିଲେ ।ଅତିଥି ମାନେ ନଡ଼ିଆ ବାଡେଇ ଯାତ୍ରା ର ସଫଳତା କାମନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀ ମାନଙ୍କ ସୂଚନା ଅନୁସାରେ ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀ ଙ୍କୁ ଅନୁରୋଧ କରା ଯାଇଥିଲା ।

### ଖୋର୍ଦ୍ଧା ସହର ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ଛାତ୍ର କଂଗ୍ରେସର ପ୍ରତିବାଦ

# ସପ୍ତାହରେ ନହେଲେ ଆନ୍ଦୋଳନ ଧମକ

ଖୋର୍ଦ୍ଧା, (ସବ୍ୟୁ): ଆଗକୁ ପାର୍ବଣ ଋତୁ ।ଏହି ସମୟରେ ଖୋର୍ଦ୍ଧା ସହର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡିଛି । ପଲ୍ଲା ଛକ ମରଣାଜନ୍ତା ପାଲଟିଥିବା ବେଳେ ନୂଆ ବସଷ୍ଟାଣ୍ଡ, ଟିଏଲସି ରୋଡ, ଚଣ୍ଡିଚୁଆ ଛକ, ମେଡିକାଲ ରୋଡ, ପୁରୁଣା ବସଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି ବୋଲି ଅଭିଯୋଗ କରିଛି ଛାତ୍ର କଂଗ୍ରେସ । ଦୂର୍ଗା ପୂଜା ପୂର୍ବରୁ ସହର ରାସ୍ତାଘାଟ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ(ସିଭିଲ) ଶିବଲାଲ ସାହୁଙ୍କୁ ଦାବିପତ୍ର ଦେଇଛନ୍ତି । ସପ୍ତାହ ମଧ୍ୟରେ କରାନଗଲେ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାସ୍ତାରୋକ ଭଳି ଚରମ ପଦକ୍ଷପ ନେବ ବୋଲି ଛାତ୍ର କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି । ଲଘୁଚାପ ଜନିତ ବର୍ଷା ଯୋଗୁ ରାସ୍ତା ମରାମତିରେ ଅସୁବିଧା ହେଉଛି । ଏହାକୁ ତୁରନ୍ତ ମରାମତି କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି । ପିସିସି ମୁଖପାତ୍ର ଅମିତ ମହାନ୍ତିଙ୍କ ଉପସ୍ଥିତି ଓ ଛାତ୍ର ନେତା ମନୱର ହୁସେନ ଖାନଙ୍କ ନେତୃତ୍ୱରେ ନସିର ସୁଲତାନ, ଦେବୀ ପ୍ରସାଦ ଦାସ , ସମର୍ପିତ ସିଂହ, ରାଜେଶ ରୋଶନ ପରିଡା, ମହମ୍ମଦ ଗୁଫ୍ରାନ, ସହିଦ ଖାନ ଙ୍କ ସମେତ ଅନେକ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି । ସହର ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ପିସିସି ମୁଖପତ୍ର ମହାନ୍ତି କୁହନ୍ତି ପିଲ୍ଲା ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ରାସ୍ତା ଅତି କଦର୍ଯ୍ୟ ହୋଇଛି । ବିଶେଷ କରି ବର୍ଷା ହେଲେ



ଯାତାୟାତରେ ଅଧିକ ଅସୁବିଧା ହେଉଛି । ଯାନବାହାନ ଚଳାଚଳ କରିବା ତ' ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡ଼ିଛି । ଏଥିଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଏକାଧିକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏହି ରାସ୍ତା ନିକଟରେ ରହିଥିବାବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ, ବସଷ୍ଟାଣ୍ଡ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଗୋପବନ୍ଧୁ ଚିକିତ୍ସାଳୟକୁ ସଂଯୋଗ କରୁଥିବାରୁ ଦୈନିକ ଶହଶହ ରୋଗୀ ଏହି ରାସ୍ତା ଦେଇ ଯାଇଥାନ୍ତି । ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଲୋକେ ନାହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ବ୍ୟସ୍ତବହୁଳ ରାସ୍ତାର ମରାମତି ନ ହେବା ସରକାର ପ୍ରଶାସନିକ ଅବହେଳାକୁ ସୂଚାଉଛି । ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ଓ ଛାତ୍ର ନେତା ମନୱର କୁହନ୍ତି କେବଳ ପଲ୍ଲାଛକ ନୁହ ସହର ସାରା ଖାଲଖମାରେ ଭର୍ତି ହୋଇଛି । ଦିନେ କି ଦୁଇ ଦିନ ନୁହ ବର୍ଷସାରା ଏଭଳି ସମସ୍ୟା ଲାଗି ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନି । ସହର ଚାରିଆଡେ ଗାତ ସୃଷ୍ଟି ହୋଇଛି । ଏହାର ପ୍ରତିବାଦ ରେ ଆଜି ବିଭାଗୀୟ ଯନ୍ତ୍ରୀ ଙ୍କୁ ଦାବିପତ୍ର ଦିଆଯାଇଛି । ସପ୍ତାହ ସମୟ ଦିଆଯାଇଛି । ତୁରନ୍ତ ମରାମତି କରାନଗଲେ ତା ପର ଦିନ କାର୍ଯ୍ୟାଳୟ ଘେରାଉ କରାଯିବ ।

# ଶିଶୁଭବନରେ ଖୁବଶ୍ରୀଘ୍ର କାର୍ଯ୍ୟକାରୀ ହେବ ମଡ୍ୟୁଲାର ଓଟି

କଟକ, (ସବ୍ୟୁ) :ଶିଶୁଭବନରେ ଖୁବଶ୍ରୀଘ୍ର କାର୍ଯ୍ୟକାରୀ ହେବ ମଡ୍ୟୁଲାର ଓଟି । ଏହାସହ ମେଡିକାଲର ପୁରୁଣା ଓଟି ଥିବା ସ୍ଥାନରେ ଆସନ୍ତା ୬ ମାସ ମଧ୍ୟରେ ସିଟି ସ୍କାନ ଓ ଏମ୍ଆରଆଇ ମେସିନ ସ୍ଥାପନ କରାଯିବ ସହ ଏହାକୁ କାର୍ଯ୍ୟକାରୀ କରାଯିବ । ସେହିପରି ସେଣ୍ଟ୍ରାଲ ଷ୍ଟେରଲାଇ ସପ୍ଲାଏ ଡିପାର୍ମେଣ୍ଟକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବ । ଏହାସହ ନୂତନ ଜିମ୍ପସ-୬ କୋଠାକୁ ସଠିକ୍ ଢ଼ଙ୍ଗରେ କାର୍ଯ୍ୟକାରୀ କରିବା ସହ ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ସମୀକ୍ଷା କରାଯାଇଛି । ଅତିରିକ୍ତ ଡିଏମ୍ଇଟି ପ୍ରଫେସର ଡା. ରୋମା ରତନ ଓ ଓଡିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡ(ଓଏସ୍ଏମ୍ସିଏଲ) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୁମା ଟୁଡୁ ମଙ୍ଗଳବାର କଟକ ଶିଶୁଭବନ ଗସ୍ତ କରି ନୂତନ କୋଠା ବୁଲି ଦେଖିଥିଲେ । ପରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ବୈଠକରେ ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ଉପସ୍ଥିତ ରହି ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ତେବେ ମେଡିକାଲର ଚତୁର୍ଥ ମହଲାରେ ମଡ୍ୟୁଲାର ଓଟି କରାଯାଇଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଶେଷକରି ଆଲୋଚନା କରାଯାଇଥିଲା । ସେହିପରି ସିଟି ସ୍କାନ, ଓ ଏମ୍ଆରଆଇ ପାଇଁ ପ୍ରତ୍ୟେକଦିନ ୧୦୦ରୁ ଅଧିକ ରୋଗୀ ଏସ୍‌ସିବି ମେଡିକାଲକୁ ପଠାଯାଉଥିବାବେଳେ ଏଥିରେ କିପରି ରୋକ୍ ଲଗାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିବାବେଳେ ମେଡିକାଲର ପୁରୁଣା ଓଟି ଥିବା ସ୍ଥାନରେ ଏହି ମେସିନ ସଂସ୍ଥାପନ କରାଯିବ ବୋଲି ଯାଗା ଚିହ୍ନଟ କରାଯାଇଛି । ସେହିପରି ମାସକୁ ପାଖାପାଖି ୧୫୦ ଶିଶୁରୋଗୀଙ୍କର ହେମାଡାଏଲିସିସ କରାଯାଉଥିବାବେଳେ ରୋଗୀ ସଂଖ୍ୟା ମୁତାବକ ମେସିନ ନଥିବାବେଳେ ମେସିନ ସଂଖ୍ୟାକୁ ବୃଦ୍ଧି କରାଯିବ ଏବଂ ଆଉ ୪ଟି ମେସିନ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଉକ୍ତ ବୈଠକରେ ପେଡିଆଟ୍ରିକ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଗୀତାଞ୍ଜଳୀ ସେଠୀ, ପ୍ରଫେସର ଡା. ପ୍ରଶାନ୍ତ କୁମାର ତ୍ରିପାଠୀ, ଓଏସ୍ଏମ୍ସିଏଲର ଜେନେରାଲ ମ୍ୟାନେଜର ଡ. ଅମିତାବ ପୃଷ୍ଟି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

### ଉପଯୁକ୍ତ ଚିକତ୍ସା ନପାଇ ହଷ୍ଟେଲ୍ ଛାତ୍ରୀଙ୍କ ମୃତ୍ୟୁ

# ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅ : ଓଏଚ୍ଆରସି

କଟକ,(ସବ୍ୟୁ) : ରାୟଗଡ଼ା ଜିଲ୍ଲାରେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ପକ୍ଷରୁ ପରିଚାଳିତ ଦୁର୍ଗାପଡ୍ଡୁ ଆଶ୍ରମର ହଷ୍ଟେଲ୍‌ରେ ରହି ଷଷ୍ଠ ଶ୍ରେଣୀରେ ପାଠ ପଢୁଥିବା ଆଦିବାସୀ ଛାତ୍ରୀ ମନିଷା ମାଡ଼ଙ୍ଗୀଙ୍କର ଚିକିତ୍ସାରେ ଅବହେଳା ପାଇଁ ମୃତ୍ୟୁ ଘଟଣାରେ ତାଙ୍କ ବାପାଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ରାଜ୍ୟ ମାନବାଧିକାର କମିସନ(ଓଏଚ୍ଆରସି) ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶ କପି ପାଇବାର ତିନିମାସ ମଧ୍ୟରେ କ୍ଷତିପୂରଣ ରାଶି ଏକ ଜାତୀୟକରଣ ବ୍ୟାଙ୍କରେ ଜମା କରିବା ଲାଗି କମିସନ କହିଛନ୍ତି । ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଓଏଚ୍ଆରସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ମନିଷା ମାଡ଼ଙ୍ଗୀ ଆଶ୍ରମ ସ୍କୁଲ୍ ହଷ୍ଟେଲ୍‌ରେ ରହି ପାଠ ପଢୁଥିଲେ । ସେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ । କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଠିକ୍ ସମୟରେ ଚିକିତ୍ସା ସୁବିଧା ନଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ମାନବାଧିକାର କର୍ମୀ ଶ୍ରୀ ଦାସ ଓଏଚ୍ଆରସିରେ ମାମଲା ରୁଜୁ କରିଥିଲେ । କମିସନ ଏହି ଘଟଣା ସଂକ୍ରାନ୍ତରେ ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରୁ ରିପୋର୍ଟ ତଲବ କରିଥିଲେ । ଏହି ରିପୋର୍ଟ ପାଇବା ପରେ ତର୍ଜମାରୁ ଜଣାପଡ଼ିଥିଲା ଯେ, ଛାତ୍ରୀ ମନିଷା ମାଡ଼ଙ୍ଗୀଙ୍କ ପ୍ରତି ଚିକିତ୍ସାରେ ଅବହେଳା କରାଯାଇଛି । ତାଙ୍କୁ ଠିକ୍ ସମୟରେ ମେଡିକାଲକୁ ନିଆଯାଇନି । ଯାହାଫଳରେ ଅକାଳରେ ତାଙ୍କର ଜୀବନ ଚାଲିଯାଇଛି । ଏହି ଘଟଣା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କମିସନ ଦାୟୀ କରିଛନ୍ତି । ତେବେ ମନିଷା ମାଡ଼ଙ୍ଗୀଙ୍କ ବାପା ମହେନ୍ଦ୍ର ମାଡ଼ଙ୍ଗୀଙ୍କୁ ୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଅଗ୍ରଣୀ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଅନୁଷ୍ଠିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ମଙ୍ଗଳବାର ଏକ ବର୍ଣ୍ଣାଢ୍ୟ ପରିବେଶରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି । ଚାରିଦିନ ଧରି ଅନୁଷ୍ଠିତ ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟ୍ୟ ଉପସ୍ଥାପନା ପରେ ପଞ୍ଚମ ସଂଧ୍ୟାରେ ସମ୍ମାନ ବିତରଣ ସମାରୋହ ସହିତ ସୃଜନ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ 'ଦୁର୍ଯ୍ୟୋଧନ ପରିବେଷଣ ହୋଇଥିଲା । ଉଦ୍‌ଯାପନୀ ଉତ୍ସବର ଅତିଥିମାନେ ଥିଲେ ପୂର୍ବତନ ସାଂସଦ (ରାଜ୍ୟସଭା) ପ୍ରଶାନ୍ତ ନନ୍ଦ, ଏମଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତିଏବଂ ସୃଜନର ନିର୍ଦ୍ଦେଶକ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିଜ ଷ୍ଟଡିଜ୍ ଅଧ୍ୟାପକ ଗୁରୁ ରତିକାନ୍ତ ମହାପାତ୍ର ।

ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ, ନୃତ୍ୟ ନିର୍ଦ୍ଦେଶିକା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶ୍ରୀମତୀ ମାଧବୀ ମୁଦଗଲ ଏବଂ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଏବଂ ସଙ୍ଗୀତ ପ୍ରଶିକ୍ଷକ ଅଲେଖ ଚନ୍ଦ୍ର ସାମଲଙ୍କୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର



୨୦୨୫ ପ୍ରଦାନ ସହିତ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରର ୪୦ ବର୍ଷରୁ କମ୍ ବୟସର ଦୁଇ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଶ୍ରୀମତୀ ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ପୁରସ୍କାର ୨୦୨୫ ପ୍ରଦାନ ସହିତ ୨୫,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଏକ ନୂତନ ପରିଚୟରେ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ ଏବଂ ନାଟ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ଏବଂ କଳା ପ୍ରତି ନିରନ୍ତର ସମର୍ପଣ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୫ ପ୍ରଦାନ ସହିତ ୫୦,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନ ଉତ୍ସବ ପରେ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ଦଳଗତ ନୃତ୍ୟାଭିନୟ ଦୁର୍ଯ୍ୟୋଧନ ପରିବେଷଣ କରିଥିଲେ ।


### ଟାଙ୍ଗୀ ଚଟିଲୋଗଡ଼ା ନିକଟରେ ଦୁର୍ଘଟଣା

# ଟ୍ୟାଙ୍କର ପଛରେ ପିଟିଲା ଆମ ବସ୍, ୭ ଗୁରୁତର

ଚୌଦ୍ୱାର,(ସ.ବ୍ୟୁ.): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଚଟିଲୋ ଗଡ଼ା ନିକଟରେ ଦୁର୍ଘଟଣା ଘଟି ୭ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, କଟକରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ଆମ ବସ୍ ଟାଙ୍ଗୀ ଚଟିଲୋ ଗଡ଼ା ନିକଟରେ ପୂର୍ବରୁ ଠିଆ ହୋଇଥିବା ଏକ ଟ୍ୟାଙ୍କର ପଛପଟେ ପିଟିବା ଫଳରେ ବସ୍‌ରେ ଥିବା ୩୦ଜଣ ଯାତ୍ରୀଙ୍କ ମଧ୍ୟରୁ ୧୫ଜଣ ଆହତ ହୋଇଥିବା ବେଳେ ୭ଜଣ ଗୁରୁତର ଆହତ ହୋଇଥିଲେ । ଖବର ପାଇ ଟାଙ୍ଗୀ ପୁଲିସ୍ ଏବଂ ଏନ୍ଏଚ୍ଆଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯିବା ସହ ଆହତଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୁରୁତରଙ୍କୁ କଟକ ବଡ଼ଡାକ୍ତରଖାନା ଚିକିତ୍ସା ନିମନ୍ତେ ପଠାଇଥିବା ଜଣାପଡ଼ିଛି । ଆମ ବସ୍‌ର ବେପରୁଆ ଗାଡ଼ିଚାଳନା ପାଇଁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ଓ ଅଂଚଳବାସୀ ପ୍ରକାଶ କରିଛନ୍ତି ।

# ରୀତି କବି ସମ୍ମିଳନୀ ଓ ରୀତି ସାହିତ୍ୟ ଆଲୋଚନା ସଭା

ଭୁବନେଶ୍ୱର, (ସବ୍ୟୁ): କବି ପ୍ରଭାକର (ସତ୍ୟାନାଶ)ଙ୍କ ଅଦମ୍ୟ ଉଦ୍ୟମର ଫଳଶ୍ରୁତି ସ୍ୱରୂପ ଏକ ରୀତି କବି ସମ୍ମିଳନୀ ଓ ରୀତି ସାହିତ୍ୟ ଆଲୋଚନା ସଭା ଭୁବନେଶ୍ୱରର ଗୀତିଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଥିଲା । ବହୁ ରୀତି ପ୍ରେମୀ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ । ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟ ଅତିଥି,କବିକମଳ ଜଗନ୍ନାଥ ବାରିକ,ପଣ୍ଡିତ ସୂର୍ଯ୍ୟକାନ୍ତ ରଥ ଓ ବ୍ୟଙ୍ଗ କବି ଜ୍ଞାନ ହୋତା ସ୍ୱତନ୍ତ୍ର ଅତିଥି ଓ ପ୍ରଫେସର ଡକ୍ଟର ବ୍ରଜବନ୍ଧୁ ପଣ୍ଡା ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ । ଏହି ଅବସରରେ କବି ପ୍ରଭାକରଙ୍କ ଦ୍ୱାରା ରଚିତ ଚଉପଦୀ ସଙ୍କଳନ " ରୀତି ଚକ୍ର" ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ପ୍ରଥମ ଥର ପାଇଁ ଓଡିଶାରେ ଏହିପରି ଏକ ତ୍ରୀସ୍ତରିୟ ରୀତି ଗୀତି କବିତା ଉତ୍ସବ ଆୟୋଜନ ହୋଇଥିଲା ଯେଉଁଥିରେ ପ୍ରଥମ ସ୍ତରୀୟ ସଭା ପରିଚାଳନା କରିଥିଲେ ଗୀତି କବି ବିପିନି ମହାନ୍ତି ଯେଉଁଠି କେବଳ କବି ପ୍ରଭାକର ଙ୍କୁ ପରିବାରଗଣଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଦିଆ ଯାଇଥିଲା ବିଶିଷ୍ଟ କବି ଦିଲ୍ଲୀପ ଶତପଥୀ, ଜ୍ଞାନ ରଞ୍ଜନ ଦାସ, ପୁଷ୍ପାଞ୍ଜଳି ନାୟକ, ଡ଼ ରମାକାନ୍ତ ମହାପାତ୍ର, ରତ୍ନାକର ବେହେରା,ଜାନକୀ



ବଲ୍ଲବ ଦାସ,ଡ଼ ବିଭୁ ପ୍ରସାଦ ନାୟକ, ଲକି ବେହେରା ଆଦି ବହୁ କବି କବୟିତ୍ରୀ ଉପସ୍ଥିତ ରହି କବିତା ଗାୟନ କରି ଶୁଭେଚ୍ଛା ଦେଇଥିଲେ କ୍ଷ ଦ୍ୱିତୀୟ ପର୍ବ ରେ ମଞ୍ଚ ପରିଚାଳନା କରିଥିଲେ କବି ପ୍ରସନ୍ନ କୁମାର ଦାସ ଗୀତ କବିତା ଆସର ରେ ବହୁ ମାନ୍ୟ ଗଣ୍ୟ ରୀତି କବିଗଣ କବିତା ପାଠ କରିଥିଲେ, ତୃତୀୟ ଆସରର ମଞ୍ଚ ପରିଚାଳନା କରିଥିଲେ ବିଶିଷ୍ଟ ବ୍ୟଙ୍ଗ କବି ଡ଼ କୁଳାଙ୍ଗାର (ପ୍ରୀତିକାନ୍ତ ପଣ୍ଡା) ଏବଂ ପ୍ରିୟବ୍ରତ ପଣ୍ଡା ସଭାରେ ଆଲୋଚନା ବ୍ୟତୀତ ରୀତି ଭାସ୍କର ସମ୍ମାନ ରେ ଜଗନ୍ନାଥ ବାରିକ,ସ୍ୱର ଉପେନ୍ଦ୍ର ସମ୍ମାନ କବି ନିମାକାନ୍ତ ରାଉତରାୟ, ଶବ୍ଦ ସାଗର ସମ୍ମାନ ଜ୍ଞାନ ରଞ୍ଜନ ଦାସ,ରୀତି ରାସେଶ୍ୱରୀ ସମ୍ମାନ କବି ପ୍ରସନ୍ନ କୁମାର ଦାସ ଙ୍କୁ ପ୍ରଦାନ କରାଯାଇଥିଲା । ଏଭଳି ଭବ୍ୟ ରୀତି କବି ଆସର ଆୟୋଜିତ କରିଥିବାରୁ କବି ପ୍ରଭାକରଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା ।

# କାର ଗ୍ୟାରେଜ ମାଲିକଙ୍କୁ ୨୦ ଲକ୍ଷ ଠକେଇ

ବ୍ରହ୍ମପୁର,(ସବ୍ୟୁ): ପିଏମଇଜିପି ଯୋଜନାରେ ବ୍ରହ୍ମପୁର ସ୍ଥିତ ଗଞ୍ଜାମ ଜିଲ୍ଲା ଶିଳ୍ପ କେନ୍ଦ୍ରରୁ ଋଣ କରାଇବା ଆଳରେ ଜଣେ କାର ଗ୍ୟାରେଜ ମାଲିକଙ୍କ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଠକେଇ କରିଛନ୍ତି । ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ପୋଲିସ ୪୫୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ସୂଚନାପ୍ରକାରେ, କମାପଲ୍ଲୀ ଖଳା ସାହିର ନିଳାମ୍ବର ସେଠୀ ଜଣେ କାର ମେକାନିକ ହାଇଥିବା ବେଳେ ସୁଭେନ୍ଦୁ ପଲେଇ ନାମକ ଜଣେ ବ୍ୟକ୍ତି ସହ ପରିଚୟ ରହିଥିଲା । ଆଜକୁ ୧ ବର୍ଷ ତଳେ ସୁଭେନ୍ଦୁ ଅନ୍ୟ ୨ ଜଣ ବ୍ୟକ୍ତି ଯଥା ଇ. ଜୟଗୋପାଳ ପାତ୍ର ଓ ଦୁର୍ଯ୍ୟୋଧନ ମହାରଣାଙ୍କୁ ଆଣି ନିଳାମ୍ବରଙ୍କ ସହ ପରିଚିତ କରାଇଥିଲେ । ଜୟଗୋପାଳ ଓ ଦୁର୍ଯ୍ୟୋଧନ ନିଜକୁ ଜିଲା ଶିଳ୍ପ କେନ୍ଦ୍ରର କର୍ମଚାରୀ ବୋଲି ପରିଚୟ ଦେବା ସହ ପିଏମଇଜିପି ଯୋଜନାରେ କାର ଗ୍ୟାରେଜ ପାଇଁ ୨୫ ଲକ୍ଷ ଟଙ୍କାର ଲୋନ କରାଇଦେବେ ବୋଲି କହିଥିଲେ । ଜୟଗୋପାଳ ନିଜ ନାମରେ ଚକାଡୋଳା ଆଣ୍ଡ କୋ ନାମକ ଏକ ଗ୍ୟାରେଜ ପଞ୍ଜିକରଣ କରିଥିଲେ । ସେହି ନାମରେ ବ୍ରହ୍ମପୁରର କୌଣସି ସ୍ଥାନରେ ଏକ ଗ୍ୟାରେଜ ଖୋଲିବାକୁ ପଡିବ ବୋଲି ନିଳାମ୍ବରଙ୍କୁ କହିଥିଲେ । ସେହିକ୍ରମରେ ନିଳମ୍ବର ଆଙ୍କୁଲି ଜାତୀୟ ରାଜପଥ କଡରେ ଏକ ଘର ଭଡାକୁ ନେଇ କାର ଗ୍ୟାରେଜ ଖୋଲିଥିଲେ । ଏଥିପାଇଁ ସେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ତେବେ ଡିଆଇସିରୁ ୨୫ ଲକ୍ଷ ଲୋନ ପାଇବାକୁ ହେଲେ ୬ ଲକ୍ଷ ଟଙ୍କା ଦେବାକୁ ପଡିବ ବୋଲି ଉଭୟ ଗ୍ୟାରେଜ ମାଲିକଙ୍କୁ ଜଣାଇଥିଲେ । ଏପରିକି ୬ ଲକ୍ଷ ଟଙ୍କା କାହାଠୁ ଧାର ଆଣିବାକୁ କହିଥିଲେ । ଲୋନ ଟଙ୍କା ମିଳିଲେ ତାହା ସୁଝିଦେବ ବୋଲି ଜୟଗୋପାଳ କହିଥିଲେ । ତାଙ୍କ କଥାରେ ପଡି ନିଳାମ୍ବର ୬ ଲକ୍ଷ ଟଙ୍କା ଧାର ଆଣି ଉଭୟଙ୍କୁ ଦେଇଥିଲେ । ଏହାର କିଛି ଦିନ ପରେ କମାପଲ୍ଲୀ କାନାରା ବ୍ୟାଙ୍କ ଅଧିକାରୀମାନେ ଆଙ୍କୁଲି ସ୍ଥିତ ଉକ୍ତ ଗ୍ୟାରେଜକୁ ଯାଇ ପରିଦର୍ଶନ କରିଥିଲେ । ଏହାପରେ ଉକ୍ତ ଗ୍ୟାରେଜ ପାଇଁ ମେସିନ କିଣିବା ଉଦ୍ଦେଶ୍ୟରେ ଚକାଡୋଳା ଆଣ୍ଡ କୋ ନାମରେ ୧୫ ଲକ୍ଷ ଟଙ୍କାର ଆକଳନ କାନାରା ବ୍ୟାଙ୍କକୁ ଦିଆଯାଇଥିଲା । ବ୍ୟାଙ୍କ ପକ୍ଷରୁ ଉକ୍ତ ଋଣ ଟଙ୍କା ମଞ୍ଜୁର ହୋଇଥିଲା । ହେଲେ କିଛି ସମୟ ପରେ ସେହି ଟଙ୍କା ଫେଡେରାଲ ବ୍ୟାଙ୍କକୁ ଟ୍ରାନ୍ସଫର କରିଦିଆଯାଇଥିଲା । ନିଳାମ୍ବରଙ୍କ ନାମରେ ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର ହୋଇସାରିଥିବା ବେଳେ ଏହା ମଧ୍ୟରେ ୫ ମାସ ବିତି ସାରିଛି । ହେଲେ ନିଳାମ୍ବରଙ୍କ ଗ୍ୟାରେଜକୁ ଗୋଟିଏ ବି ମେସିନ ପ୍ରଦାନ କରାଯାଇନାହିଁ । ଏ ସମ୍ପର୍କରେ ନିଳାମ୍ବର ଉପରୋକ୍ତ ୨ ବ୍ୟକ୍ତିଙ୍କୁ ପଚାରିବାରେ ସେମାନେ ବିଭିନ୍ନ ବାହାନା କରି ଦିନ ଗଡାଇଥିଲେ । ତେବେ ବାରମ୍ବାର ଋଣ ଟଙ୍କା ଓ ମେସିନ ପ୍ରଦାନ ପାଇଁ ଦାବି କରିବାକୁ ଉପରୋକ୍ତ ୨ ବ୍ୟକ୍ତି ନିଳାମ୍ବରଙ୍କୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନିଳାମ୍ବର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ସେ ଉକ୍ତ ଗ୍ୟାରେଜ ଖୋଲି ଏବଂ ଋଣ ପାଇବା ବାବଦକୁ ୧୬ ଲକ୍ଷ ଖର୍ଚ୍ଚ କରିଥିବା ବେଳେ ଅନ୍ୟପଟେ ବ୍ୟାଙ୍କରୁ ତାଙ୍କ ନାମରେ ପ୍ରାୟ ୧୫ ଲକ୍ଷ ଟଙ୍କାର ଋଣ ବୋଝ ରହଛି । ଏହିପରି ଭାବେ ସେ ୩୦ ଲକ୍ଷ ରୁ ଅଧିକ ଟଙ୍କା ଋଣ ବୋଝରେ ରହିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି ।

# ଶିମିଳିପାଳରୁ ୯ ଶିକାରୀ ଗିରଫ: ୫ ବନ୍ଧୁକ, ଧନୁତୀର ଜବତ



ବାରିପଦା, (ସବ୍ୟୁ): ଶିମିଳିପାଳ ଜାତୀୟ ଉଦ୍ୟାନ ଭିତରକୁ ଶିକାର କରିବା ଉଦ୍ଦେଶ୍ୟରେ ପଶିଥିବା ଏକ ସଶସ୍ତ୍ର ଶିକାରୀ ଦଳର ୯ଶିକାରୀଙ୍କୁ ବନ ବିଭାଗ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଅଭୟାରଣ୍ୟକୁ ଶିକାରୀ ମୁକ୍ତ ରଖିବା ପାଇଁ ଲଗାଯାଇଥିବା ଏଆଇ କ୍ୟାମେରା ଫୋଟ ବିଶ୍ଳେଷଣ କରି ବିଭାଗ ସଶସ୍ତ୍ର ଶିକାରୀଙ୍କୁ ଚିହ୍ନଟ କରିଥିଲା । ପୋଡାଡିହା, ଭଞ୍ଜବସା ରେଞ୍ଜ ଏବଂ ଏସ୍‌ଟିଏଫର ସ୍ୱତନ୍ତ୍ର କ୍ଷେତ୍ର କର୍ମଚାରୀଙ୍କୁ ମିଶାଇ ଗଠିତ ଦଳ ଉପରୋକ୍ତ ଗାଁ ରେ ଚଢ଼ାଉ କରିଥିଲା । ଚଢାଉ ବେଳେ ଦୁଇ ଅଭିଯୁକ୍ତଙ୍କୁ ଦଳ ଗିରଫ କରିଥିଲେ ।

ଅନ୍ୟ ୫ଜଣ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫଳରେ ଶିକାର କରିବା ଉଦ୍ଦେଶ୍ୟରେ ପଶିଥିବା ଏକ ସଶସ୍ତ୍ର ଶିକାରୀ ଦଳକୁ ଧରିବା ପାଇଁ ତଦନ୍ତ ଆରମ୍ଭ କରାଯାଇଥିଲା। ପରେ ଲାବଣ୍ୟଦେଇପୁର ଗ୍ରାମପଞ୍ଚାୟତର ସରପଞ୍ଚ ତରୁଣ ସିଂ ଓ ଓ୍ୱାର୍ଡ ମେମ୍ବରଙ୍କ ସମ୍ମୁଖରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୭ଜଣ ଅଭିଯୁକ୍ତ ବନବିଭାଗ ନିକଟରେ ଆତ୍ମସମର୍ପଣ କରିଥିଲେ।

ଏହି ଅଭିଯୁକ୍ତ ମାନେ ହେଲେ ଶରତ ଥାନା ଅଞ୍ଚଳର ଚମ୍ପାଇଁ ସିଂ (୪୮), ପ୍ରଧାନ ସିଂ(୨୮), କାରା ସିଂ(୩୦), କନ୍ଧା ଗାଗ୍ରାଇ(୩୫), ଅଇଁଠୁ ସିଂ(୪୦), ରାମ ସିଂ(୨୫) ଓ ଠାକୁରା ସରେନ(୨୫) ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ସେମାନଙ୍କ ନିକଟରୁ ଦୁଇଟି ଲୋଡେଡ ସମେତ ୫ଟି ବନ୍ଧୁକ, ଧନୁତୀର ଆଦି ଶିକାର କରିବା ଅସ୍ତ୍ର ଜବତ କରିଥିଲେ ।

# ବନ୍ୟଜନ୍ତୁ ଶିକାରୀ ଗିରଫ: ବନ୍ଧୁକ ସହ ସିଂଘ ଜବତ




ଭଂଜନଗର, (ସବ୍ୟୁ): ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଜଣେ ପେଶାଦାର ଶିକାରୀକୁ ଗିରଫ କରିଛି ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ପୋଲିସ । ସଂପୃକ୍ତ ଅଭିଯୁକ୍ତ ଠାରୁ ଗୋଟିଏ ଦେଶୀ ବନ୍ଧୁକ ଏବଂ ଦୁଇଟି ସମ୍ବର ଶିଙ୍ଗ ଜବତ । ନିକଟସ୍ଥ ଚନ୍ଦ୍ରଗିରି ଜଙ୍ଗଲରୁ ଶିକାର କରି ଫେରୁଥିବା ବେଳେ, ମାଙ୍କଡକୁମ୍ଭା ଗାଁ ନିକଟରେ ତାରାସିଙ୍ଗି ଥାନାର ଏସଆଇ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ପେଟ୍ରୋଲିଂ କରୁଥିବା ପୋଲିସ ହାତରେ ଧରା ପଡ଼ିଥିଲା, ଭୁରୁଡୁପଲ୍ଲୀ ଗାଁ ର ସନିଆ ମଲ୍ଲିକ (୫୫) । ପୋଲିସ ଜେରା ପରେ, ସେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଶିକାର କରିବା ଏବଂ ବନ୍ଧୁକ ଭଳି ମାରଣାସ୍ତ୍ର ବ୍ୟବହାର କରୁଥିବା ନେଇ, ସ୍ୱିକାର କରିଥିଲା ଗିରଫ ଅଭିଯୁକ୍ତ । ତେବେ ଏହି ଘଟଣାରେ ଆଉ କେଉଁମାନେ ସଂପୃକ୍ତ, ସେନେଇ ପୋଲିସର ତଦନ୍ତ ଜାରି ରହିଛି ।

ଏ ସଂକ୍ରାନ୍ତରେ ଭଂଜନଗର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଡଃ ଦୀପକ କୁମାର ମିଶ୍ର ସୂଚନା ଦେଇ କହିଛନ୍ତି ଯେ, ଗିରଫ ଅଭିଯୁକ୍ତ ଜଣକ ଜଣେ ପେଶାଦାର ବନ୍ୟଜନ୍ତୁ ଶିକାରୀ । ବିଭିନ୍ନ ସମୟରେ, ସେ ବନ୍ୟଜନ୍ତୁ ଶିକାର କରେ । ଏବଂ ମାଂସ କୁ ଅନ୍ୟତ୍ର ବିକ୍ରି କରିବା ସହ, ମୃତ ବନ୍ୟପ୍ରାଣୀଙ୍କ ଚମଡା, ଶିଙ୍ଗ ଏବଂ ଅନ୍ୟାନ୍ୟ ଅଂଶ ସବୁ ଜଙ୍ଗଲ ଭିତରେ ଲୁଚାଇ ରଖୁଥିଲା । ସୁବିଧା ସୁଯୋଗ ଦେଖି, ସେ ଗୁଡ଼ିକୁ ଅନ୍ୟତ୍ର ଚାଲାଣ କରୁଥିଲା । ଏହା ବି' ସାଧାରଣ ରେ କୁହା ଯାଉଛି ଯେ, ଏତେ ଦିନ ଧରି ବନ୍ୟଜନ୍ତୁ ଶିକାର କରୁଥିଲେ ମଧ୍ୟ, ସଂପୃକ୍ତ ଅଭିଯୁକ୍ତ ଜଣକ ବନବିଭାଗ ଆଖିରେ ଧୂଳି ଦେଇ ଖସି ଯାଉଥିଲା କେମିତି । ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତରେ ଗଂଜାମ ଏସପି ଙ୍କ ନିକଟରେ ସୂଚନା ପହଞ୍ଚିବା ପରେ, ତାଙ୍କର ନିର୍ଦ୍ଦେଶ ପ୍ରକାରେ ଥାନାଧିକାରୀଣି ଶୁଭଲକ୍ଷ୍ମୀ ପୂଜାରୀ ଏକ ଟିମ ଗଠନ କରି, ଏହି ସଫଳତା ପାଇଥିଲେ । ଏବଂ ଥାନା କେଶ ନମ୍ବର ୩୩୭/୨୫ ରେ ଏକ ମାମଲା ରୁଜୁ କରି, ଘଟଣାର ତଦନ୍ତ ଜାରି ରଖିଛି ପୋଲିସ ।

# ଚାରା ବଣ୍ଟନ ରଥର ଶୁଭାରମ୍ଭ

ଛତ୍ରପୁର,(ସବ୍ୟୁ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ମଙ୍ଗଳବାର ଛତ୍ରପୁର ବ୍ଲକ ସିନ୍ଦୁରାପଲ୍ଲୀ ନଗରବନ ପରିସରରେ ଜିଲ୍ଲାସ୍ତରୀୟ ୭୬ତମ ବନମହୋତ୍ସବ -୨୦୨୫ ଉପ ଲକ୍ଷେ, ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆନୁକୁଲ୍ୟରେ ଚାରା ବଣ୍ଟନ ରଥର ଶୁଭଆରମ୍ଭ ହୋଇଯାଇଛି । ଏହା ସହିତ ପ୍ରତ୍ୟେକ ପଞ୍ଚାୟତରେ ଚାରା ରୋପଣ ନିମନ୍ତେ ୫ଶହ ଲେଖାଏଁ ଚାରା ପ୍ରଦାନ କରାଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ,ବ୍ରହ୍ମପୁର ଡିଏଫଓ ସନ୍ନି ଖୋଖର୍‌ଙ୍କ ଉପସ୍ଥିତରେ ଏହା ଉଦଘାଟନ ହୋଇଯାଇଛି । ଆସନ୍ତା ୧୭ ତାରିଖ ଦିନ ଗଞ୍ଜାମ ଜିଲ୍ଲା ରେ ପ୍ରାୟ ୭ ଲକ୍ଷ ରୁ ଅଧିକା ଚାରା ରୋପଣ କରାଯିବ ବୋଲି ବ୍ରହ୍ମପୁର ଡ଼ିଏଫଓ ସୂଚନା ଦେଇଛନ୍ତି । ଛତ୍ରପୁର ବନ ବିଭାଗ ଅଧୀନରେ ପ୍ରାୟ ୧୫ ହଜାର ଚାରା ରୋପଣ କରାଯିବ । ଏହି କାର୍ଯ୍ୟକ୍ରମ ରେ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମ ଜିତ ସାହୁ, ଛତ୍ରପୁର ଫରେଷ୍ଟ ବାବୁ ସେଠିଙ୍କ ସମେତ ବନ ବିଭାଗ ର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସାର ପାଇଁ ତାତିଲେ ଚାଷୀ

ଭଂଜନଗର , (ସବ୍ୟୁ): ସାର ସଙ୍କଟ କୁ ନେଇ , ଗଂଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗୋବରା ପଞ୍ଚାୟତର ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଉତ୍ତେଜନା । ସ୍ଥାନୀୟ ଗୋବରା ଏବଂ ବେଣିପଲ୍ଲୀ ପଞ୍ଚାୟତର ଶତାଧିକ ଚାଷୀ, ସାର ଅଭାବ ଏବଂ କଳାବଜାରୀ ହୋଇଥିବା ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ । ଘଣ୍ଟା ଘଣ୍ଟା ଧରି ସେବା ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଠିଆ ହୋଇ ରହିବାକୁ ପଡିଥିଲା, ଚାଷୀଙ୍କୁ । ତଥାପି ସାର ନମିଳିବାରୁ, ଉତେଜନା ଦେଖା ଯାଇଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି, ସ୍ଥାନୀୟ ଗାଙ୍ଗପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି, ଉତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ସହ, ସାର ବଣ୍ଟନ ପ୍ରକ୍ରିୟାକୁ ବନ୍ଦ କରିଥିଲେ । ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ପ୍ରକାରେ, ବର୍ତମାନ ଲୋକଙ୍କର ଧାନ ରୁଆ କାର୍ଯ୍ୟ ସରିଛି ଏବଂ ଧାନ ଫସଲକୁ ଏବେ ସାର ର ଆବଶ୍ୟକ ହେଉଥିବାରୁ, ତାହା ଚାଷୀଙ୍କୁ ଯୋଗାଇ ଦେବାରେ ଅନିୟମିତତା ସୃଷ୍ଟି କରାଯାଉଛି । ପୂର୍ବରୁ ଆସିଥିବା ୪୦୦ ବସ୍ତା ସାର ବଣ୍ଟନରେ ହେରାଫେରି କରାଯାଇଥିବା କୁହା ଯାଇଥିବା ବେଳେ ଏବେ ଚାଷୀଙ୍କୁ ସାର ଯୋଗାଇ ଦିଆନଗଲେ, ଧାନଚାଷ ପ୍ରଭାବିତ ହେବ ବୋଲି ଅଭିଯୋଗ ହୋଇଛି । ଏହାସହ ଚାଷୀଙ୍କ ହୋ ହାଲ୍ଲା ବଢିବାରୁ, ଆସିଥିବା ସୀମିତ ସଂଖ୍ୟକ ସାରକୁ ବଣ୍ଟନ କରିନପାରି, ପୋଲିସ ଉପସ୍ଥିତିରେ ଗୋଦାମରେ ତାଲା ଠୁଙ୍କି ଚାଲିଗଲେ, ସମବାୟ ସମିତିର କର୍ମଚାରୀ ମାନେ । ତେବେ ପରବର୍ତ୍ତୀ ସମୟରେ, ଚାଷୀଙ୍କୁ ସାର ଯୋଗାଇ ଦିଆନଗଲେ ଆଗକୁ ଚାଷୀଙ୍କ ଦ୍ୱାରା ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଥିବା ଆଲୋଚନା ହେଉଛି ।

# ଶିଙ୍କୁଳି ପଦର ଗ୍ରାମରେ ଆଦିବାସୀଙ୍କ ରଣ ହୁଙ୍କାର

ପାରଳାଖେମୁଣ୍ଡି, (ସବ୍ୟୁ): ଆଦିବାସୀ ସଂଘର୍ଷ ମୋର୍ଚା (ଏ ଏସ ଏମ) ତରଫରୁ ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ବାଘମାରି ପଞ୍ଚାୟତ ଶିଙ୍କୁଳି ପଦର ଗ୍ରାମ ଠାରୁ ଏକ ଆଦିବାସୀ ଶୋଭାଯାତ୍ରା ବାହାରି ହାଟପଦା ଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ବିରୋଧି ନୀତି ବିରୁଦ୍ଧ ରେ ସାଧାରଣ ସଭା ରେ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ, ନରସିଂହ ମଣ୍ଡଳ କେଶବ ରଇତ ବକ୍ତବ୍ୟ ରଖିବା ସହ ଅକେଫାବର ମାସରେ ମୋହନା ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ଆହ୍ୱାନ ଦେଇଥିଲେ । ୨୦୦୬ ଜଙ୍ଗଲ ଅଧିକାର ଆଇନ କାର୍ଯ୍ୟକାରୀ କରାଯାଉନାହିଁ । ଆଦିବାସୀ ମାନେ ପୂର୍ବ ପୁରୁଷ ରୁ ଭୋଗ ଦଖଲରେ ଥିବା ଜମି ଗୁଡ଼ିକୁ ସରକାର ଅଣ ଆଦିବାସୀ ମାନଙ୍କୁ ଦେବା ସୁଯୋଗ ଦେଉଛି ।

ସରକାର ଆଦିବାସୀଙ୍କ ଦୁଖ ନ ଦେଖି ବଡ ବଡ କମ୍ପାନୀ ମାନଙ୍କୁ ଜମି ଅଧିକାର ଦେଉଛନ୍ତି । ସରକାର ଆଦିବାସୀଙ୍କ ସମ୍ବିଧାନିକ ଅଧିକାର କୁ ଖିଲାପ କରନ୍ତି ତାହା ହେଲେ ଆନ୍ଦୋଳନ ତୀବ୍ର କରିବା ପାଇଁ ରାଜ୍ୟ ସଭାପତି ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି ।ଏହି ଶୋଭାଯାତ୍ରା ଓ ବିକ୍ଷୋଭ ରେ ନରସିଂହ ମଣ୍ଡଳ, ମାଥ୍ୟୁ ରଇତ, ସାଇଡ୍ରିକ ମଲ୍ଲିକ,ଡାଙ୍ଗଲା ରଇତ, ତମାସ ରଇତ,କେଶବ ରଇତ, ଯୋହନ ର ଇତ, ଏଲିଆବ ଗମାଙ୍ଗ, ସାମସଙ୍ଗ ରଇତ, ସର୍ବଶ୍ରୀ ଗମାଙ୍ଗ, ସୁଦାମ ରଇତ, ସିମିୟ ରଇତ, ବସା ରଇତ, ଅବିୟ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

# ସାରର ସୁଗମ ଯୋଗାଣ ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାପାଳଙ୍କ ଓସଓ୍ୱାନ ହଲ ଠାରେ ଜିଲ୍ଲା ରେ ସାରର ସୁଗମ ଯୋଗାଣ ଓ ବିକ୍ରମ ପାଇଁ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚାଷୀଙ୍କୁ ସୁଚାରୁ ରୂପେ ସାର ଯୋଗାଇବା ନିମନ୍ତେ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି।

ଚାଷୀମାନେ ସାର ପାଇଁ ନାହାନ୍ତି ସେମାନଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେବାକୁ କୁହାଯାଇଛି । ଯେଉଁ ପ୍ୟାକସ କିମ୍ବା ବିକ୍ରୟ କେନ୍ଦ୍ର ଗୁଡିକ ରେ ଅଧିକ ସାର ଗଛିତ ଅଛି, ଆବଶ୍ୟକ ପଡିଲେ ଅନ୍ୟ ପ୍ୟାକସ କିମ୍ବା ବିକ୍ରୟ କେନ୍ଦ୍ର କୁ ଟ୍ୟାଗ କରାଯିବ । ସମବାୟ ଓ କୃଷି ବିଭାଗର ସମନଓ୍ୱୟ ରଖି ଚାଷୀ ମାନଙ୍କୁ ଉପଯୁକ୍ତ ଭାବେ ସାର ପ୍ରଦାନ ନିମନ୍ତେ ଜିଲ୍ଲାପାଳ ପରାମର୍ଶ ଦେଉଛନ୍ତି । ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଆହୁରି ଅଧିକା ସାର ପ୍ରଦାନ ନିମନ୍ତେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିବା ସୂଚନା ମିଳିଛି । ଏହି ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭାରପ୍ରାପ୍ତ ଡିଆରସିଏସ (ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସମୂହ ) ଯୋଗମାୟା ସାବତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ଏବଂ ଅନ୍ୟାନ୍ୟ ଅଧିକାରୀ ମାନେ ଭିସି ମାଧ୍ୟମରେ ଯୋଡି ହୋଇଥିଲେ ।

# ଜିଲ୍ଲା ନୋଡାଲ ସେକ୍ରେଟାରୀ ଡ଼.ଏନ ତିରୁମାଲା ନାଏକଙ୍କ ଗଜପତି ଗସ୍ତ

ପାରଳାଖେମୁଣ୍ଡି, (ସବ୍ୟୁ): ମଙ୍ଗଳବାର ଗଜପତି ଜିଲ୍ଲା ନୋଡାଲ ସେକ୍ରେଟାରୀ ତଥା ଉପ-ଅଧ୍ୟକ୍ଷ,ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଡ଼.ଏନ ତିରୁମାଲା ନାଏକଙ୍କ ଦୁଇ ଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସି ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କାର୍ଯ୍ୟକାରି ହୋଇଥିବା ଇଣ୍ଡୋର୍ ଷ୍ଟାଡିୟମ ବୁଲି ଦେଖିବା ସହ ନିକଟସ୍ଥ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ଚାବି କାଠି ପ୍ରଦାନ କରିଥିଲେ । ସେହିପରି ନୂଆଗଡ ବ୍ଲକ ଅନ୍ତର୍ଗତ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାୟଗଡ଼ା ବ୍ଲକ ଅନ୍ତର୍ଗତ ଜୟ ମା ମଙ୍ଗଳା ମିଶନ ଶକ୍ତି ସିଲେଇ କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟକରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନଙ୍କ ସହିତ ଆଲୋଚନା କରିଥିଲେ ।

ସ୍ଥାନୀୟ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଉତ୍ତମ ଶିକ୍ଷାଦାନ ଓ ଭଲ ପାଠପଢ଼ା ପରିବେଶ ସୃଷ୍ଟି କରିବାପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଡ଼ମ୍ବାପୁର ଅଙ୍ଗନଓ୍ୱାଡି ଗୃହ ନିର୍ମାଣିଦେଖିଥିଲେ ଓ ସ୍ଥାନୀୟ ସୁଭଦ୍ରା ହିତାଧିକାରୀଙ୍କ ସହିତଆଲେଚନା କରିଥିଲେ । ଏହି ଗସ୍ତ ସମୟରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା,ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ମଙ୍ଗଳ ଅଧିକାରୀ ସଲମନ ରାଇକା, ଜିଲ୍ଲା ପ୍ରକଳ୍ପ ପରିଚାଳକ ଓଡ଼ିଶା ଜୀବିକା ମିଶନ , ଜିଲ୍ଲା ସାଧାରଣ ପରିଚାଳକ ଶ୍ରୀ ସୁନାରମ ସିଂ ସମେତରା.ଉଦୟଗିରି,ନୂଆଗଡ ଓ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ଖେଳକୁଦ ପ୍ରତିଯୋଗିତା: ଭାଗ ନେବେ ପିସିପୁର ସ୍କୁଲର ନିମାଇ ଓ ଗାଜ




ବାରିପଦା, (ସବ୍ୟୁ): ବିଶୋଇ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଖେଳକୁଦ୍ ପ୍ରତିଯୋଗିତାରେ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଜଣ ଛାତ୍ର କବାଡି ପ୍ରତିଯୋଗିତାରେ ଭାଗ ନେବାପାଇଁ ବାରିପଦା ବ୍ଲକସ୍ତରରୁ ମନୋନୀତ ହୋଇଥିଲେ।

ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଭିଷେକ ବେହେରାଙ୍କ ବଳିଷ୍ଠ ପ୍ରଶିକ୍ଷଣରେ ନିମାଇ ମୁର୍ମୁ, ଗାଜ ଟୁଡୁ, ବାବା ସିଂ, ଜାଗେନ କିସ୍କୁ, ରାକେଶ ବେହେରା ଓ ବିଷ୍ଣୁପଦ ମହାନ୍ତ ପ୍ରମୁଖ ୬ ଜଣ ଛାତ୍ରଙ୍କ ମଧ୍ୟରୁ ୮ମ ଶ୍ରେଣୀର ନିମାଇ ଓ କୋରନା ସମୟରେ ପାଠପଢା ଛାଡିଦେଇଥିବା ୭ମ ଶ୍ରେଣୀର ଗାଜ ଟୁଡୁ ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ତରଫରୁ କବାଡି ଦଳରେ ସ୍ଥାନ ପାଇଛନ୍ତି ଓ ବାରିପଦା ବ୍ଲକ ସ୍ଥିତ ଶାଳବଣୀ ଗ୍ରାମର ନିମାଇ। କରଞ୍ଜିଆ ସ୍ଥିତ ଠାକୁରଝରଣ ଗ୍ରାମର ଗାଜ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ଛାତ୍ରାବାସରେ ରହି ପାଠ ପଢ଼ନ୍ତି। ବିଶୋଇରୁ ଫେରିବା ପରେ ବିଦ୍ୟାଳୟ ଫାଟକ ନିକଟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରାବାସର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଉପସ୍ଥିତିରେ କୃତୀ ଖେଳାଳି ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ, ଓ୍ୱାର୍ଡେନ ସରୋଜ କୁମାର ସାବତ, ଏକାଉଣ୍ଟେଣ୍ଟ ଗୌତମ ପଣ୍ଡା ସହଯୋଗ କରିଥିଲେ। ପ୍ରକାଶ ଥାଉକି ଅତୀତରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି ।

# ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ନିର୍ଯାତନା

## ଦୃଷ୍ଟିହୀନଙ୍କ ହାତ ମୋଡିଲେ ସ୍କୁଲ କୋଷାଧ୍ୟକ୍ଷ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହର ନିକଟସ୍ଥ କଣ୍ଟାନାଳୀ ବାଇପାସ ଠାରେ ଥିବା ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ନିର୍ଯାତନାକୁ ନେଇ ଚାରିଆଡେ ଚର୍ଚ୍ଚା ଚାଲିଛି । ନିର୍ଯ୍ୟାତନା ଘଟଣାକୁ ପ୍ରତିବାଦ କରିବାରୁ ଜଣେ ଦୃଷ୍ଟିହୀନ ଛାତ୍ରଙ୍କ ହାତ ମୋଡି ଦିଆଯାଇଛି । ଖବର ପାଇ ମଙ୍ଗଳବାର ଚାଇଲଡ ହେଲ୍‌ ଲାଇନ ସଦସ୍ୟ ସମ୍ପୃକ୍ତ ବିଦ୍ୟାଳୟରେ ପହଂଚି ଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରି ସ୍କୁଲରେ ଛାଡିଥିବା ଜଣାଯାଇଛି । ସୂଚନା ଯୋଗ୍ୟ, ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟରେ ବହୁ ସମୟରେ ଛାତ୍ର ଛାତ୍ରୀଙ୍କୁ ନିର୍ଯାତନା ଦିଆଯାଉଥିବାର ଖବର ରହିଥିଲା । ବିଦ୍ୟାଳୟରେ ନିମ୍ନମାନର ଖାଦ୍ୟ ସହିତ ଶିଶୁ ମାନଙ୍କ ଯନି ମଧ୍ୟ ନିଆଯାଉନଥିବାର ଜଣାପଡିଥିଲା । ଏ ସବୁ ଘଟଣାକୁ ନେଇ ଜଣେ ଦୃଷ୍ଟିହୀନ ଛାତ୍ର ଚାଇଲଡ ହେଲ୍ପଲାଇନକୁ ଜଣାଇଥିଲେ । ଏହି ଘଟଣା ଜଣା ପଡିବା ପରେ ବିଦ୍ୟାଳୟର କ୍ୟାସିଅର ମଳୟ ପାଣିଗ୍ରାହୀ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କୁ ତଳେ ପକାଇ ମାଡ଼ ମାରିବା ସହ ଛାତ୍ରଙ୍କ ହାତ ମୋଡି ଦେଇଥିଲେ । କୌଣସି ସୂତ୍ରରୁ ଖବର ପାଇ ବିଦ୍ୟାଳୟରେ ଚାଇଲଡ ଲାଇନ ହେଲ୍‌ର ୩ ଜଣ ସଦସ୍ୟ ପହଂଚି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ପରେ ସମ୍ପୃକ୍ତ ଦୃଷ୍ଟିହୀନ ଛାତ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇ ତାଙ୍କର ଚିକିତ୍ସା କରାଇଥିବା ଜଣାଯାଇଛି । ଏହି ଘଟଣାରେ କ୍ୟାସିଅରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହିତ ତଦନ୍ତ ପାଇଁ ଦାବି କରାଯାଇଛି ।

# ପିପୁଲ୍ସ କଲେଜରେ ହୋମଗାର୍ଡ ଚୟନ ପରୀକ୍ଷା

ବୁଗୁଡ଼ା , (ସବ୍ୟୁ): ଗଞ୍ଜାମ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଆୟୋଜିତ ହୋମଗାର୍ଡ ଚୟନ ପରୀକ୍ଷା-୨୦୨୫ ବୁଗୁଡା ଥାନା ଅନ୍ତର୍ଗତ ପିପୁଲ୍ସ କଲେଜ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏହି ପରୀକ୍ଷା ନିମନ୍ତେ ୨୦୭ ଜଣଙ୍କୁ ଆଡମିଟ କାର୍ଡ ଯୋଗାଇ ଦିଆଯାଇଥିବା ବେଳେ ୧୬ ୯ ଜଣ ପରୀକ୍ଷା ଦେଇଥିଲେ ଏବଂ ୩୮ ଜଣ ଅନୁପସ୍ଥିତ ରହିଥିଲେ । ପିପୁଲ୍ସ କଲେଜ କର୍ତ୍ତୃପକ୍ଷ ଉକ୍ତ ପରୀକ୍ଷା ପରିଚାଳନା କରିଥଲେ । ସ୍ଥାନୀୟ ଥାନା ଅଧିକାରୀ ସୀତାଂଶୁ ଶେଖର ମାନ୍ଧାତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ହୋମଗାର୍ଡ ଚୟନ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ଜଣାଯାଇଛି ।

# ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର , (ସବ୍ୟୁ): ମଙ୍ଗଳବାର ଦିନ ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣWନଗର ପ୍ରାଙ୍ଗଣରେ ଏକ ଦୀକ୍ଷାନ୍ତ ଶିକ୍ଷା ସଚେତନତା କାର୍ଯଯକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ ବରେଣ୍ୟ ସମାଜ ସଂସ୍କାରକ, ଲେଖକ, ସମାଜସେବୀ, ଓଯୋସ୍ୱିନୀ ବକ୍ତା ଯଥା ସୁପରିଚିତ କଥାକାର ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନୂତନ ଭାରତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଭାବଗର୍ଭକ, ପ୍ରେରଣାଦାୟୀ, ଉଚ୍ଚକୋଟୀର ଏବଂ ଉପାଦେୟ ଉଦ୍‌ବୋଧନ ଦେଇ ଥିଲେ । ଭାରତୀୟ ଜ୍ଞାନ ପରମ୍ପରାର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ନୂତନ ଶିକ୍ଷାନୀତିକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ବେଦ, ଉପନିଷଦ, ବୈଜ୍ଞାନିକ, ପୌରାଣିକ ତଥ୍ୟ ଏବଂ ଇତିହାସରେ ପୁରାତନ ଭାରତୀୟ ଶ୍ରେଷ୍ଠ ସଂସ୍କୃତି ଏବଂ ବିଜ୍ଞାନ ଚେତନାକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱର୍ ଛାତ୍ରଛାତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ନାଗରିକ ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ସମସ୍ତ ପ୍ରଧ୍ୟାପକ ଏବଂ ବିଦ୍ୟାଳୟର ବହୁ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି ସଚେତନତା କାଯ୍ୟକ୍ରମରେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା, ବ୍ରହ୍ମପୁର ରୋଟାରୀ କ୍ଲବର ସମ୍ପାଦକ ଶିବରାମ ପାଣିଗ୍ରାହୀ, ସମାଜସେବୀ ସୁକାନ୍ତ ପଟ୍ଟନାୟକ, ନୀଳକଣWନଗର ସରସ୍ୱତୀ ବିଦ୍ୟା ମନ୍ଦିର ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ନୀଳକଣW ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ଶ୍ରୀମତୀ ପ୍ରଣତୀ ସାମଲ, ଡ. ରାଜେନ୍ଦ୍ର ଡାକୁଆ, 1 ଦେବେନ୍ଦ୍ର ପାଢ଼ୀ, ହରେକୃଷ୍ଣ ପାଢ଼ୀ, ପୂର୍ବତନ ସଭାପତି ଧର୍ମରାଜ ସାହୁ, ଉପଦେଷ୍ଟା ଶ୍ରୀମତୀ ମମତା ପାଣିଗ୍ରାହୀ, ବରିଷ୍ଠ ଶିକ୍ଷାବିତ୍ ପ୍ରଧ୍ୟାପକ ଡ. ବିବେକାନନ୍ଦ ପଣ୍ଡା, ପ୍ରଧ୍ୟାପକ ଡ. ବି.ରାଜେନ୍ଦ୍ର ମୂର୍ତ୍ତୀ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି, ଉଚ୍ଚବିଦ୍ୟାଳୟର ଅଧ୍ୟକ୍ଷ ଏସ୍. ମୋହନ ରାଓ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ଏବଂ ଶିଶୁ ମନ୍ଦିରର ପ୍ରାଧାନାଚାର୍ଯ୍ୟ ସୁରେଶ ଆଚାର୍ଯ୍ୟ ଏବଂ ଯୁକ୍ତ ଦୁଇ ବିଭାଗର ପର୍ଯ୍ୟାୟ ପ୍ରମୁଖ ସ୍ୱରାଜ୍ୟ ମାଝୀ ମଂଚାସୀନ ଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପରିଚାଳନା ଏବଂ ସଂଯୋଜନା କରିଥିଲେ । ଶେଷରେ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦନଗୁଡ଼ା ଗାଁ ପାଇଁ ବିପଦ ଗୋଲପାଲମ ଚିଟ ନାଳ : ଅସ୍ଥାୟୀ ପୋଲ ସାହା ଭରସା



ପାରଳାଖେମୁଣ୍ଡି, (ସବ୍ୟୁ): ରାଜ୍ୟରେ ବର୍ଷା ଋତୁ ଲାଗି ପାହାଡ଼ ଉପରେ ପ୍ରବଳ ବର୍ଷା ଲାଗି ରହିଥିବା ବେଳେ ଛୋଟ ଛୋଟ ନାଳ ନଦୀ ଉପର ମୁହଁରେ ଜଳ ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି । ବର୍ଷା ଦିନ ଆସିଲେ ଭଗବାନଙ୍କ ଭରସାରେ ଯାତାୟାତ କରୁଛନ୍ତି ଆଦନଗୁଡ଼ା ଗ୍ରାମବାସୀ ।

ସୂଚନା ଅନୁସାରେ ଗଜପତି ଜିଲ୍ଲା ଝାମି ପଞ୍ଚାୟତ ଅନ୍ତର୍ଗତ ଆଦନଗୁଡ଼ା ଗ୍ରାମରେ ୬୦ରୁ ଉର୍ଦ୍ଧ ପରିବାର ୫୦୦ଜଣ ଲୋକେ ବସବାସ କରନ୍ତି । ଏହି ଗାଁରୁ ଭଲ ରାସ୍ତା ନଥିବା ବେଳେ ବିଲ ହୁଡ଼ା ଦେଇ ବିପଦଜନକ ଭାବେ ନାଳ ପାରି ହୋଇ ସହର, ପଞ୍ଚାୟତ, ବ୍ଲକ ଓ ବିଦ୍ୟାଳୟକୁ ଯିବାଆସିବା କରନ୍ତି ଏଠାକାର ଗ୍ରାମବାସୀ । ମୁଖ୍ୟତଃ ଏହି ଗ୍ରାମର ୩୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ପ୍ରତିଦିନ ଯିବା ସରକାରୀ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାତାୟତ କରୁଥିବା ବେଳେ ରୋଗୀ ଚିକିତ୍ସା ପାଇଁ ବହୁ ସମସ୍ୟା ସୃଷ୍ଟି କରୁଛି ବୋଲି କହିଛନ୍ତି ସରପଞ୍ଚ ଏଡ଼ଙ୍ଗା ଶବର, ମିନାକ୍ଷୀ ବେହେରା, ସମିତି ସଭ୍ୟ ଏସ ଶ୍ରୀନିବାସ ଓ ଓ୍ୱାର୍ଡ ମେମ୍ବର ଲକ୍ଷଣ ଶବର । ତେବେ ବର୍ତ୍ତମାନ ବର୍ଷା ଲାଗି ରହିଥିବା ବେଳେ ଉକ୍ତ ନାଳରେ ପ୍ରଚୁର ସ୍ରୋତରେ ପାଣି ପ୍ରଭାବ ହେଉଥିବା ଦେଖିଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନଙ୍କ ସୁରକ୍ଷା ନିମନ୍ତେ ନାଳ ପାରିହେବା ପାଇଁ ଜୀବା ପଞ୍ଚାୟତ ପକ୍ଷରୁ କାଠ ଓ ବାଉଁଶର ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି ।

ଉକ୍ତ ଗ୍ରାମରେ ପକ୍କା ରାସ୍ତା ନିର୍ମାଣ କରିବା ସହ ଗୋଲପାଲମ ଚିଟ ନାଳ ଠାରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ସୁଧାମ ଶବର, ରାମ ଶବର, ଲୋକନାଥ ଶବର, ଲାଜାର ମଣ୍ଡଳ, ପ୍ରେମଲତା ଶବର , ଦିବସ ଶବର ଓ ମହେନ୍ଦ୍ର ଶବର ।

# ପିଲାଚୋରି ଅଭିଯୋଗରେ ୯ ଅଟକ



ରେଙ୍ଗାଲି, (ସବ୍ୟୁ) : କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଭାଲିଆବେଡା ଗ୍ରାମରେ ଆଜି ସକାଳ ଦଶଟା ବେଳେ ପ୍ରତେକ ଦିନ ପରି ବିଦ୍ୟାଳୟକୁ ପାଠ ପଢିବାକୁ ଭାଲିଆବେଡା ଗ୍ରାମର ଅଷ୍ଟମ ଶ୍ରେଣୀର ଦୁଇଜଣ ଛାତ୍ର ସତ୍ୟପ୍ରକାଶ ସାହୁ, ଯୁବରାଜ ବେହେରା ଯାଉଥିଲେ। ସେହି ସମୟରେ ସ୍କୁଲ ସାମ୍ନା ଦେଇଯାଉଥିବା ଦୁଇ କାରରେ ନଅ ଜଣ ଛଦ୍ମ ବେଶଧାରୀ ଅଘୋରୀ ବାବା ଛାତ୍ର ସତ୍ୟପ୍ରକାଶ ସାହୁଙ୍କୁ ଅପହରଣ ଉଦ୍ୟମ କରୁଥିବା ବେଳେ ସାଥି ଛାତ୍ର ଯୁବରାଜ ବେହେରାର ଉପସ୍ଥିତ ବୁଦ୍ଧି ଯୋଗୁ ବର୍ତ୍ତୀ ଯାଇଥିଲେ। ପିଲାଙ୍କ ଚିତ୍କାର ଶୁଣି ସଙ୍ଗେ ସଙ୍ଗେ ସମସ୍ତ ଗ୍ରାମବାସୀ ପହଞ୍ଚି ଦୁଇ କାର ( ଏମପି ୧୭ ସିବି ୩୫୯୬ ଓ ଏମପି୧୯ ସିବି ୭୫୬୦) ସହିତ ନଅ ଜଣ ଛଦ୍ମ ବେସି ଅଘୋରୀ ବାବାଙ୍କୁ ଧରି ରେଙ୍ଗାଲି ଥାନା ହେପାଜତରେ ଦେଇଥିଲେ। ଆଠ ଜଣଙ୍କ ଘର ମଧ୍ୟପ୍ରଦେଶ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ଉତ୍ତର ପ୍ରଦେଶ ହୋଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି। ଦୁଇ କାର ସହିତ ନଅ ଜଣକୁ ଅଟକ ରଖି ରେଙ୍ଗାଲି ପୋଲିସ ଅଧିକ ତଦନ୍ତ ଜାରିରଖିଛି।

# ତାଳବେଡ଼ା ଗ୍ରାମରେ ପାଣି ପାଇଁ ହାହାକାର
# ମହିଳା ଓ ପୁରୁଷଙ୍କ ପିଓ କାର୍ଯ୍ୟାଳୟ ଆଗରେ ଧାରଣା

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ କଣ୍ଢାଳ ପଂଚାୟତ ତାଳବେଡ଼ା ଗ୍ରାମରେ ପାନୀୟଜଳ ସଙ୍କଟକୁ ନେଇ ଆଜି ଗ୍ରାମବାସୀଙ୍କ ପକ୍ଷରୁ ଶତାଧିକ ପୁରୁଷ ଓ ମହିଳା ଲିଙ୍ଗରାଜ ପ୍ରୋଜେକ୍ଟ ଅଫିସ୍ ସମ୍ମୁଖରେ ଗଣଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । ପିଓ କାର୍ଯ୍ୟାଳୟରେ ଧାରଣା ଦେବା ଯୋଗୁଁ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟ କରି ପାରିନଥିଲେ । ସକାଳ ୭ଘଟିକା ସମୟରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ଗ୍ରାମବାସୀମାନେ ଧାରଣା ଦେଇଥିବାର ଖବର ପାଇ ଜିଲ୍ଲାପାଳ ଗ୍ରାମବାସୀମାନଙ୍କୁ ଏହାର ସମାଧାନର ସୂତ୍ର ବାହାର କରିବାକୁ କାର୍ଯ୍ୟାଳୟକୁ ଡ଼କାଇ ଏକ ବୈଠକ କରାଯାଇଥିଲା ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ।



ଲିଙ୍ଗରାଜ କୋଇଲା ଖଣିର ଏହି ଗ୍ରାମଟି ପାର୍ଶ୍ୱବର୍ତ୍ତି ଅଂଚଳ ହୋଇଥିବାରୁ ବର୍ଷସାରା ପାନୀୟଜଳର ସଙ୍କଟ ଦେଖାଦେବା ସହ ବର୍ଷାଜନିତ ଯେଉଁ ଜଳ ପୁଷ୍କରିଣୀ କିମ୍ବା କୂଅରେ ରହିଥାଏ ସେହି ପାଣି ପ୍ରଦ୍ୟୁଷଣ ଯୋଗୁଁ ବ୍ୟବହାର ପାଇଁ ଅନୁପଯୋଗୀ ହୋଇଥାଏ। ଫଳରେ ବର୍ଷତମାମ ପାନୀୟଜଳ ପାଇଁ ଅନ୍ୟ ଉପରେ ଗ୍ରାମାବାସୀମାନେ ନିର୍ଭରଶୀଳ ହୋଇଥାନ୍ତି । ପଂଚାୟତର ସମସ୍ତ ଗ୍ରାମକୁ ପାନୀୟଜଳ ଯୋଗାଇ ଦେବାକୁ ପୂର୍ବ ସରକାର ଏମସିଏଲ ଅର୍ଥରାଶିରୁ ଆରଡ଼ବ୍ଲୁଏସ୍ଏସ୍ ମାଧମରେ ଏଲଏନଟି କମ୍ପାନୀକୁ ପାଇପ ବିଛାଇବା ଠାରୁ ଆରମ୍ଭକରି ପାଣି ଯୋଗାଇବା ଦେବାକୁ କୁହାଯାଇଥିଲା ।

ମାତ୍ର ଏଲଏନଟି କର୍ତ୍ତୃପକ୍ଷ ଅତି ନିମ୍ନମାନର କାର୍ଯ୍ୟ କରିଥିବାରୁ ଆଜକୁ ପ୍ରାୟ ୨୦ଦିନ ହେବ କଣ୍ଢାଳ ପଂଚାୟତକୁ ପାନୀୟଜଳ ସଙ୍କଟ ଦେଖା ଦେଇଥିବାର ଅଭିଯୋଗ ହୋଇଛି । ଏହି ଘଟଣାକୁ କେନ୍ଦ୍ରକରି ଏମସିଏଲ ଦୋଷ ଛଡ଼ାଇବାକୁ ଯାଇ ରାଜ୍ୟ ସରକାରଙ୍କୁ ପାନୀୟଜଳ ଯୋଗଇ ଦେବାକୁ କୋଟି କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଏମସିଏଲ କାହିଁକି ପାଣି ଦେବେ ବୋଲି ଯୁକ୍ତି ବାଢ଼ିବା ସହ ଅପରପକ୍ଷେ ପ୍ରଶାସନ ଏଥିରେ ମୁହଁ ଖୋଲୁନଥିବା ଗ୍ରାମାବାସୀମାନେ ଏହା ଅଭିଯୋଗ କରୁଛନ୍ତି । ତେବେ କୋଇଲା ଖଣି ଯୋଗୁଁ କଣ୍ଢାଳ ପଂଚାୟତର ସମସ୍ତ ଗ୍ରାମ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେମାନେ ମୌଳିକ ସୁବିଧାରୁ ବଂଚିତ ହେଉଥିବା ଅଭିଯୋଗ କରିବା ସହ ଏସବୁ ସମସ୍ୟାକୁ ନେଇ ଆଗାମୀ ଦିନରେ ଏକ ବଡ଼ଧରଣର

# ଅନୁଗୁଳ ପୌରପାଳିକାକୁ ଜାତୀୟ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର



ଅନୁଗୁଳ, (ସବ୍ୟୁ) : ଅନୁଗୁଳ ପୌରପାଳିକା ମଙ୍ଗଳବାର ନୂଆଦିଲ୍ଲୀରେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର-୨୦୨୫ ରେ ସମ୍ମାନିତ ହୋଇଛି। ଦେଶରେ ସ୍ୱଚ୍ଛ ସହର ଭାବେ ତୃତୀୟ ସ୍ଥାନ ହାସଲ କରି ଅନୁଗୁଳ ପୌରପାଳିକା ୧୨,୫୦,୦୦୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଓ ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି।

ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଠାରୁ ନଗରପାଳ ଅକ୍ଷୟ ସାମନ୍ତ ଏବଂ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ (ପପୁ) ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମାରୋହରେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ପୌରପାଳିକା ଉପାଧକ୍ଷା ଅନୁପମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଅନୁଗୁଳରେ ଖୁସିର ଲହରୀ ଖେଳିଯାଇଛିଏବଂ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଗର୍ବ ଓ ଉତ୍ସାହର ପରିବେଶ ଦେଖାଦେଇଛି।

## ଅବକାରୀ ଚଢ଼ାଉ ,୨ ଗିରଫ

ବଇଣ୍ଡା, (ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଣ୍ଡଝଳ ଗ୍ରାମର ପ୍ରବୀଣ ପ୍ରଧାନ ଙ୍କ ଘର ଉପରେ ମଙ୍ଗଳବାର ଦିନ ବଇଣ୍ଡା ଓ ଅବକାରୀ ବିଭାଗ ଚଢ଼ାଉ ୧୦ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ସେହିପରି ଧୋବଣୀ ବେହେରାଙ୍କ ଘରୁ ୧୫ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ତାଙ୍କୁ ମଧ୍ୟ ଗିରଫ କରା ଯାଇଛି। ଏମାନେ ଘରେ ବେଆଇନ ଭାବରେ ଚୋରାରେ ମଦ ବିକ୍ରି କରୁଥିବା ବେଳେ ଖବର ପାଇ ଅବକାରୀ ଟିମ ଚଢ଼ାଉ କରି ଗିରଫ କରିଥିଲା।

## ସ୍ୱାମୀଙ୍କୁ ମାଡ଼ ମାରି ଅପହରଣ ଉଦ୍ୟମ

ଠାକୁରଗଡ଼,(ସବ୍ୟୁ) : ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ହୁଲା ଗ୍ରାମର ସନ୍ତୋଷ ସାହୁ ଙ୍କୁ ତାଙ୍କ ପନୀ ଲକ୍ଷ୍ମୀପ୍ରିୟା ସାହୁ ଓ ସେମାନ ଙ୍କର ସମ୍ପର୍କକିୟ ବଡ ହିଂସର ଗ୍ରାମର ପବନା ବେହେରା, ଛୋଟା ବେହେରା, ମଳୟ ବେହେରା, ଦୀପି ବେହେରା, ଉତ୍କଳ ବେହେରା ମାଡ଼ ମାରିବା ସହ ଅପହରଣ କରିନେବା ପାଇ ଉଦ୍ୟମ କରିଥିବା ସନ୍ତୋଷ ହଣ୍ଡପା ଥାନାରେ ସୋମବାର ଦିନ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୩୩୪/୨୫ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି - ସନ୍ତୋଷଙ୍କ ସହ ଲକ୍ଷ୍ମୀପ୍ରିୟା ପାରିବାରିକ କଳହକୁ କେନ୍ଦ୍ର କରି ଲକ୍ଷ୍ମୀପ୍ରିୟା ତାଙ୍କ ବାପ ଘରକୁ ୨୦ ଦିନ ହେବ ପଳାଇ ଯାଇଥିଲେ। ହେଲେ ଲକ୍ଷ୍ମୀପ୍ରିୟା ଉକ୍ତ ବ୍ୟକ୍ତି ମାନଙ୍କୁ ଏକାଠି କରି ଏକ କାରରେ ଆସି ସନ୍ତୋଷଙ୍କୁ ମାଡ଼ ମାରିବା ସହ ଅପହରଣ କରିନେବା ପାଇ ଉଦ୍ୟମ କରା ଯାଇଛି।

## କଳା ମୁଗୁନିପଥର ଓ ରୋଡ ମେଟାଲ କ୍ୱାରୀ ବନ୍ଦ ନିର୍ଦ୍ଦେଶ

ଢେଙ୍କାନାଳି, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲାରେ ବେଆଇନ ଭାବରେ ବିଭିନ୍ନ ଖଣି ଖାଦାନରେ ଖଣି ମାଫିଆ ମାନେ ବିସ୍ଫୋରଣ କରୁଥିବାର ଜଣାପଡିଥିଲା । ଜିଲ୍ଲାରେ ବିସ୍ଫୋରଣ ପାଇଁ ଅନୁମତି ପ୍ରଦାନ କରାଯାଇନଥିବା ବେଳେ ତୁରନ୍ତ ଖଣି ଖାଦାନରେ ବିସ୍ଫୋରଣକୁ ବନ୍ଦ କରିବାକୁ ଖଣିଅଧିକାରୀଙ୍କ ପତ୍ର ସଂଖ୍ୟା ୧୮୦୮/୦୮.୦୯.୨୦୨୫ରେ ସମସ୍ତ ଲଘୁଖଣି ଲିଜ୍‌ଧାରୀ ଏବଂ କଳାମୁଗୁନି ପଥର,ରୋଡ ମେଟାଲ କ୍ୱାରୀ ମାଲିକ ମାନଙ୍କୁ ଏହି ନିର୍ଦ୍ଦେଶ ଜାରିକରାଯାଇଛି । ଖଣି ଲିଜଧାରୀ ଅଧିକାରୀଙ୍କ ତରଫରୁ ବାରମ୍ବାର ଖଣି ଅନୁମତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ତାହାକୁ ଖାତିର ନକରି ଲିଜ ଧାରୀମାନେ କାର୍ଯ୍ୟ କରିଆସୁଛନ୍ତି । ଫଳରେ ଖଣି ଅଧିକାରୀଙ୍କ ତରଫରୁ ଏଭଳି ନିର୍ଦ୍ଦେଶନାମା ଜାରିକରାଯିବା ସହିତ ଜିଲ୍ଲାପାଳ,ତହସିଲଦାର ମାନଙ୍କୁ ଅବଗତ କରାଯାଇଛି ।

# ବେଆଇନ ଖଣି ଓ ବ୍ଲାଷ୍ଟିଂ ବନ୍ଦ ପାଇଁ ଦାବି
# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶତାଧିକ ପୁରୁଷ-ମହିଳା



ଢେଙ୍କାନାଳି, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ପଞ୍ଚାୟତା ବାଘଲପୁର ନିହଲପ୍ରସାଦ ରୋଡ ମେଟାଲ-୧କଳା ମୁଗୁନି ପଥର ଖଣିକୁ ବନ୍ଦ କରିବା ଓ ବେଆଇନ ବ୍ଲାଷ୍ଟିଂକୁ ବନ୍ଦ ଦାବୀରେ ଶତାଧିକ ମହିଳା ପୁରୁଷ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି । ନିହଲପ୍ରସାଦ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବାଘଲପୁରରେ ଥିବା ନିହଲପ୍ରସାଦ ରୋଡ ମେଟାଲ-୧ କଳା ମୁଗୁନି ପଥର କରି ଅଜିତ ସାହୁ ୫ବର୍ଷ ପାଇଁ ନିଲାମ ପାଇଛନ୍ତି ।ବ୍ଲାଷ୍ଟିଂ ଅନୁମତି ନଥାଇ ସେ ଖଣିରେ ବେଆଇନ ଭାବରେ ବ୍ଲାଷ୍ଟିଂ କରିବା ସହିତ ପ୍ରଶାସନକୁ ଚଞ୍ଚକତା କରି ଭୁଲ ତଥ୍ୟପ୍ରଦାନ କରୁଛନ୍ତି । ସେ ପାଇଥିବା ଖଣି ୨୦୨୧-୨୨ରେ ହୋଇ ମଧ୍ୟ ୨୦୧୯ରେ କିପରି ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଆଦେଶରେ ନିହଲପ୍ରସାଦ ରୋଡ ମେଟାଲ-୧ରେ ବିସ୍ଫୋରକ ବ୍ୟବହାର ପାଇଁ ଆଦେଶ ଥିବା ବେଳେ ବ୍ୟବହାର ପାଇଁ କୌଣସି ଆଦେଶ ନଥିଲା । କିନ୍ତୁ ସେ ପ୍ରଶାସନକୁ ପେସୋର ଆଦେଶ ଦେଖାଇ ପୁରୁଣା ଖଣିରେ ବିସ୍ଫୋରକ ସାମଗ୍ରୀ ରଖିବାର ଆଦେଶ ଥିଲା । ଆରଟିଆଇ ମାଧମରେ ମିଳିଥିବା ସୂଚନା ଅନୁସାରେ ଡିଡିଏମଙ୍କ ଠାରୁ ମିଳିଥିବା ପତ୍ର ସଂଖ୍ୟା ୧୨୦୪/୨୦୨୫ରେ କେବଳ ଜଣକୁ ଛାଡିଦେଲେ କୌଣସି ଲିଜ୍‌ଧାରୀଙ୍କୁ ଜିଲ୍ଲାପାଳ ବ୍ଲାଷ୍ଟିଂ ଅନୁମତି ପ୍ରଦାନ କରିଥିବାର ଜଣାପଡିଛି ।ଆଦେଶକୁ ଉଲଙ୍ଘନ କରି କିପରି ବ୍ଲାଷ୍ଟିଂ କରାଯାଉଛି ତାହାର ତଦନ୍ତ ଦାବୀ କରାଯାଇଛି । ସେହିପରି ବ୍ଲାଷ୍ଟିଂ ସ୍ଥାନ ଠାରୁ ମାତ୍ର ୨ଶହ ମିଟରରେ ଜନବସତି ଥିବାରୁ ଘର ଭାଙ୍ଗିବା ସହିତ ଧନଜୀବନ ପ୍ରତି ବିପଦ ରହୁଛି । ଲଘୁ ଖଣିଜ ନିଲାମ ପାଇଁ ୫ବର୍ଷ ସମୟ ଥିବା ବେଳେ ତାହା କିପରି ୨୦୨୭କୁ ବୃଦ୍ଧି କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗ ହୋଇଛି । ଲିଜ୍‌ଧାରୀ ଓଏମଏମସି ନିୟମ ୨୦୧୬ ଧାରା ୨୭(୧୩) ଅନୁସାରେ ଫର୍ମ-ଏନ ଅନୁଯାୟୀ ନିର୍ଣ୍ଣୟ ହୋଇଥିବା ଟଙ୍କା ଠାରୁ କମ ଟଙ୍କାରେ ରେଜିଷ୍ଟ୍ରେସନ ହୋଇଥିବାରୁ ସରକାରଙ୍କ ରାଜସ୍ୱ ହାନୀ ହେଉଛି । ଲିଜ ଧାରୀ ଅଜିତ ସାହୁ ନିହଲପ୍ରସାଦରେ ପାଇଥିବା ପ୍ଲଟ ବ୍ୟତୀତ ରଖିତ ଖାତାର ପ୍ଲଟ ନଂ ୨୧୦୬/୨୧୦୦/୨୦୯୪/୧୯୨୦/୧୯୨୧/୧୯୩୩/୧୯୩୪/୧୯୨୩/୧୯୨୪/୨୦୯୦ରୁ ବେଆଇନ ଭାବରେ ଖଣି ଖାଦାନ କରୁଥିବାର ଅଭିଯୋଗ ହୋଇଛି । ଏଭଳି ପରିସ୍ଥିତିରେ ଏହାର ତଦନ୍ତ ସହିତ ଖଣିକୁ ସମ୍ପୂର୍ଣ୍ଣଭାବରେ ବନ୍ଦ କରିବାକୁ ଦାବୀକରିଛନ୍ତି ।

## ଜିଲ୍ଲା ସଭାପତି ଚୟନ ପାଇଁ କଂଗ୍ରେସ ପର୍ଯ୍ୟବେକ୍ଷକଙ୍କ ଆଠମଲ୍ଲିକ ଗସ୍ତ

ଆଠମଲ୍ଲିକ ,(ସବ୍ୟୁ) : ଗତ କିଛି ଦିନ ହେଲା କଂଗ୍ରେସର ବିଭିନ୍ନ ଜିଲ୍ଲାର ସଭାପତି ଚୟନ ପାଇଁ କଂଗ୍ରେସ ପର୍ଯ୍ୟବେକ୍ଷକଙ୍କ ବିଭିନ୍ନ ଜିଲ୍ଲା ଗସ୍ତ କରୁଥିବା ବେଳେ ମଙ୍ଗଳବାର ଅନୁଗୁଳ ଜିଲ୍ଲା ସଭାପତି ଚୟନ ପାଇଁ ପର୍ଯ୍ୟବେକ୍ଷକ ଙ୍କ ଆଠମଲ୍ଲିକ ଗସ୍ତ ହୋଇଥିବାର ଦେଖା ଯାଇଥିଲା। ଏ ଆଇ ସି ସି ପର୍ଯ୍ୟବେକ୍ଷକ ଭାବରେ ଡ଼ି କେ ସୁରେଶ, ପି ସି ସି ପର୍ଯ୍ୟବେକ୍ଷକ ଭାବରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ, ନିରଞ୍ଜନ ନାଏକ, ବିନୋଦ ପାତ୍ର ପ୍ରମୁଖ ଆଠମଲ୍ଲିକ ଗସ୍ତରେ ଆସି ଜିଲ୍ଲା ର ବିଭିନ୍ନ ଅଞ୍ଚଳର ଦଳୀୟ କର୍ମୀ ଙ୍କ ଠାରୁ ଜିଲ୍ଲା ସଭାପତି ପାଇଁ ଆବେଦନ ପତ୍ର ଗ୍ରହଣ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅମ୍ବିକା ପ୍ରସାଦ ଭଟ୍ଟ, ପି ସି ସି ସମ୍ପାଦକ ବିଜୟା ନନ୍ଦ ଚାଉଳିଆ, ଗତ ସାଧାରଣ ନିର୍ବାଚନ ର ବିଧାୟକ ପ୍ରାର୍ଥୀ ହିମାଂଶୁ ଚାଉଳିଆ, ସନ୍ତୋଷ ପ୍ରଧାନ, କ୍ଷୀରୋଦ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି କମଳା କାନ୍ତ ପ୍ରଧାନଙ୍କ ସମେତ ବହୁ ଦଳୀୟ ସମର୍ଥକ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ କଂଗ୍ରେସ କର୍ମୀ ମାନଙ୍କ ବହୁ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ରେ ଟିକନ ବେହେରା, ଶତ୍ରୁଘ୍ନ ସାହୁ, ଲବ ବେହେରା,, କିଶୋର ମହାକୁଡ଼, ପ୍ରଦୀପ ପ୍ରଧାନ, ସରୋଜ ମହାକୁଡ଼, କାର୍ତ୍ତିକ ଷ,,,ରଞ୍ଜନ ପ୍ରଧାନ, ରାମା ନନ୍ଦ ପାଣିଗ୍ରାହୀ, ଅନିଲ ପାଣିଗ୍ରାହୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ।

## ଗ୍ରାମବାସୀଙ୍କ ସହ ଆଲୋଚନା କଲେ ବିଧାୟକ

ବଇଣ୍ଡା, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବିଲେଇ ନାଳୀ ଓ କଟ ରଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ମଙ୍ଗଳବାର ଦିନ ଆଠମଲ୍ଲିକ ବିଧାୟକ ନଳିନୀ କାନ୍ତ ପ୍ରଧାନ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ପଞ୍ଚାୟତ ଗୁଡିକର ବଇସିଣା, କୃଷ୍ଣ ପୁର, କଟ ରଙ୍ଗା, ବିଲେଇନାଳୀ, ଗରୁଡ଼, ବଡ ଗୋବିନ୍ଦପୁର, ଭେଜିଗୋଠ ଆଦି ବିଭିନ୍ନ ଗ୍ରାମ କୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ଗ୍ରାମରେ ଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କ ରେ ଆଲୋଚନା କରା ଯାଇଥିଲା। ନିର୍ବାଚନ ପୂର୍ବରୁ ଦିଆ ଯାଇଥିବା ପ୍ରତିଶୃତି ଗୁଡିକ କିପରି ପାଳନ ହେବ ସେ ନେଇ ସେ ରାଜ୍ୟ ସରକାର ଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି କହିଛନ୍ତି।

ଅନ୍ୟ ପଟରେ ରାଜ୍ୟ ସରକାର ଙ୍କର ଆସୁଥିବା ସମସ୍ତ ଯୋଜନା ଗୁଡିକ କିପରି ଲୋକେ ସଠିକ ଭାବରେ ପାଇବେ ସେ ନେଇ ତଦାରଖ କରିବେ ବୋଲି କହିଛନ୍ତି। ଏଥିରେ ସରପଞ୍ଚ କଟରଙ୍ଗା ମୋହିନୀ ପ୍ରଧାନ , କୁମୁଦ ଚନ୍ଦ୍ର ପ୍ରଧାନ, ଅରୁଣ କୁମାର ସାହୁ, ରଞ୍ଜନ ସାହୁ, ବିନୋଦ ପ୍ରଧାନ,ପରମାନନ୍ଦ ଧଳ, ହାପି ସାହୁ ସନ୍ତୋଷ ସାହୁ, ରାଜେନ୍ଦ୍ର ସାହୁ, ନନ୍ଦ କିଶୋର ସାହୁ, ଗଙ୍ଗା ଧର ସାହୁ, ପ୍ରସନ୍ନ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଜିଲ୍ଲାରେ ଚାଲିଛି ଶହ ଶହ ବେଆଇନ ଖଣି ଖାଦାନ

## ୩ ଜଣକୁ ମିଳିଛି ବ୍ଲାଷ୍ଟିଂ ଅନୁମତି

ଢେଙ୍କାନାଳି, (ସବ୍ୟୁ) : ଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୯୨୩୩/୧୭.୦୬.୨୦୨୫ ଅନୁସାରେ ଜିଲ୍ଲାରେ କଟକ ଜିଲ୍ଲା ଆଠଗଡ କୋରାଙ୍ଗ ଗ୍ରାମର ଧନେଶ୍ୱର ସାହୁଙ୍କ ପୁଅ ପ୍ରେମାନନ୍ଦ ସାହୁଙ୍କୁ ଓଡାପଡା ତହସିଲ ଅମାନ୍ତପଡା ପର୍ବତର ୮ଏକର ପରିମିତ ଜମିରେ ନିୟନ୍ତ୍ରିତ ବ୍ଲାଷ୍ଟିଂ କରିବାକୁ ଅନୁମତି ପ୍ରଦାନ କରାଯାଇଛି । ଯାହା କେବଳ ଜଗଦମ୍ବା ଟ୍ରେଡର୍ସର ରାଜୁ ଲାଲ ଜଟଙ୍କ ଦ୍ୱାରା ହୋଇପାରିବ ବୋଲି ଅନୁମତି ପ୍ରଦାନ କରାଯାଇଛି ।ଫଳରେ ବିସ୍ଫୋରକ ନିମୟ ଅନୁସାରେ ବିସ୍ଫୋରଣ କରାଯିବା ସହିତ ମାଗାଜିନ ଡିପୋରୁ ଏହା ପରିବହନ କରାଯାଇ ପୋଲିସ ସହାୟତାରେ ନିଆଯିବ ବୋଲି ଉଲ୍ଲେଖ ରହିଛି ।ଯିଦି ବିସ୍ଫୋରଣ ଦ୍ୱାରା ଜୀବନହାନୀ ଘଟେ ତେବେ ପ୍ରେମାନନ୍ଦ ସାହୁ ଦାୟୀ ରହିବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଛି ।ବ୍ଲାଷ୍ଟି କାର୍ଯ୍ୟ ସମ୍ପର୍କରେ ଏସପିଙ୍କୁ ଅବଗତ କରାଯିବା ସହିତ ବ୍ୟକ୍ତି,ପ୍ରାଣୀଙ୍କ ସୁରକ୍ଷା ଚିନ୍ତା କରାଯିବ ବୋଲି ନିର୍ଦ୍ଦେଶ ରହିଛି । ସେହିପରି ପତ୍ର ସଂଖ୍ୟା ୯୨୩୦/୨୦୨୫ରେ କଟକ ଜିଲ୍ଲା ବାରଙ୍ଗ ଥାନା ନରାଜ-ମାର୍ଥାପୁର ଉପର ସାହିର ରାମକୃଷ୍ଣ ସାହୁଙ୍କ ପୁଅ ବାସୁଦେବ ସାହୁଙ୍କୁ ଅନୁମତି ପ୍ରଦାନ କରାଯାଇଥିବା ବେଳେ ଭୁବନେଶ୍ୱର ମଞ୍ଚେଶ୍ୱର ଜଗବନ୍ଧୁ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡର ମାନେଜିଂ ଡାଇରେକଟର ଜଗବନ୍ଧୁ ମୁଦୁଲିଙ୍କୁ ମଧ୍ୟ ନିହଲପ୍ରସାଦ ରୋଡ ମେଟାଲ କ୍‌ୱାରୀ ପ୍ଲଟ ନଂ ୧୨୪୧/.୯୭୬୧ରେ ବିସ୍ଫୋରକ ଲାଇନସେନସ ଥିବା ମୁକୁନ୍ଦପୁର ସରଗଡାର ସୁନିଲ କୁମାରଜେନା ଓରଫ ସୁନିଲ ଏଣ୍ଟରପ୍ରାଇଜର୍ସ ମାଧମରେ ବିସ୍ଫୋରଣ କରିବାକୁ ଅନୁମତି ପ୍ରଦାନ କରାଯାଇଛି । ଏହି ୩ ଜଣକୁ ଜିଲ୍ଲାରେଅନୁମତି ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲାରେ ହିନ୍ଦୋଳଏବଂ ଓଡାପଡା ବ୍ଲକର ଶହ ଶହ ଖଣିରେ ପ୍ରତିଦିନ ବିସ୍ଫୋରଣ ଚାଲୁଥିବାର ଜଣାପଡିଛି ।

# ସମବାୟ ସମିତିରେ ସାର ଅଭାବ : ଚାଷୀଙ୍କ ଭୟରେ ସମ୍ପାଦକ ଥାନାର ଦ୍ୱାରସ୍ଥ



କାମାକ୍ଷାନଗରି, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସମବାୟ ସମିତିରେ ସାର ଅଭାବକୁ ନେଇ ଚାଷୀମାନେ ହୋ ହାଲ୍ଲା କରିବା ସହିତ ସାର ପାଇଁ ଅପକ୍ଷା କରିଛନ୍ତି । କିନ୍ତୁ ଚାଷୀଙ୍କ ଭୟରେ ସମ୍ପାଦକ ସମିତିରେ ନରହି ଥାନାର ଦ୍ୱାରସ୍ଥ ହୋଇଥିବାର ଜଣାପଡିଛି । ସମିତିକୁ ମାତ୍ର ୨୨୨ ବସ୍ତା ସାର ଆସିଥିବା ବେଳେ ୧ହଜାରରୁ ଅଧିକ ଚାଷୀ ସାର ପାଇଁ ଚାହିଁ ରହିଛନ୍ତି । କାମାକ୍ଷାନଗର ପ୍ରାଥମିକ କୃଷି ସମବାୟ ସମିତି ସାମ୍ନାରେ ଚାଷୀ ମାନେ ସାର ପାଇଁ ହୋ ହାଲ୍ଲା ସାଙ୍ଗକୁ ସାର ଗୋଦାମ ସଟର ପକାଇ ଦେଇଥିବାର ଜଣାପଡିଛି । ସମବାୟ ସମିତିର କର୍ମଚାରୀଙ୍କୁ ଗୋଦାମ ଭିତରକୁ ଚାଷୀ ମାନେ ଛାଡୁନଥିବା ବେଳେ ଚାଷୀଙ୍କ ଭୟରେ ସମବାୟ ସମିତି ସମ୍ପାଦକ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ସୂଚନା ଅନୁସାରେ କାମାକ୍ଷାନଗର ପ୍ରାଥମିକ କୃଷି ସମବାୟ ସମିତି ରେ ମଙ୍ଗଳବାର ଚାଷୀ ମାନଙ୍କୁ ସାର ବଣ୍ଟନ କରିବାର ସମୟ ଧାର୍ଯ୍ୟ କରାଯାଇଥିଲା । ସମବାୟ ସମିତି ତରଫରୁ ଦିନ ୩ଟାରୁ ଚାଷୀ ମାନଙ୍କୁ ସାର ଦେବା ପାଇଁ ନୋଟିସ କରାଯାଇଥିଲା । ମାତ୍ର ଅଳ୍ପସଂଖ୍ୟକ ସାର ଆସିଥିବା ଯୋଗୁ ଚାଷୀ ମାନେ ନିର୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଲାଇନ ଲଗାଇ ସାର ଗୋଦାମ ଆଗରେ ଭିଡ଼ ଜମାଇଥିଲେ । ତେବେ କାମାକ୍ଷାନଗର କୃଷିସମବାୟ ସମିତିକୁ ସରକାର ଙ୍କ ତରଫରୁ ମାତ୍ର୨୨୨ ବସ୍ତା ସାର ଯୋଗାଇ ଦିଆଯାଇଥିବା ବେଳେ ଏକାବେଳେ ୧ହଜାରରୁ ଉର୍ଦ୍ଧ୍ୱ ଚାଷୀ ସାର ନେବା ପାଇଁ ହୋ ହାଲ୍ଲା କରିଥିଲେ । ଅଳ୍ପ ସାରକୁ ଅଧିକ ଚାଷୀ ହୋଇଥିବା କାରଣରୁ ବହୁ ଚାଷୀ ଆଗୁଆ ଲାଇନ ଲଗାଇ ଧାଡିରେ ଛିଡା ହୋଇଥିବା ବେଳେ ଅନେକ ଚାଷୀ ସାର ନମିଳିବା ଆଶଙ୍କା କରି ଗୋଦାମ ଗୃହର ସଟରର ତାଲା ପକାଇଦେଇଥିଲେ । ଫଳରେ ଘଟଣା ସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କୁ ଭୟକରି କୃଷି ସମବାୟ ସମିତିର ସମ୍ପାଦକ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି । କାମାକ୍ଷାନଗରରେ ବାରମ୍ବାର ଅଭିଯୋଗ ପରେ ଚାଷୀଙ୍କୁ ଠିକରେ ସାର ନମିଳିବାରୁ ଚାଷୀ ମାନେ ଉତ୍ୟକ୍ତ ହୋଇଥିବା ବେଳେ ପ୍ରଶାସନ ଓ ସରକାର କିପରି ଅଧିକରୁ ଅଧିକ ସାର ଯୋଗାଇ ଦେବେ ନେଇ ଦାବି କରିଛନ୍ତି ।

# ୨୦ ହଜାର ଟଙ୍କା ଲାଞ୍ଚ ନେଇ ଗ୍ରାମ୍ୟ କୃଷି ଅଧିକାରୀ ଗିରଫ

ଠାକୁରଗଡ଼ି, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକର ଧଉରାପାଲି, ରଣିଆ କଟା, ଧଉରାପାଲି ପଞ୍ଚାୟତ ପାଇ ନିଯୁକ୍ତି ହୋଇଥିବା ଗ୍ରାମ୍ୟ କୃଷି କର୍ମଚାରୀ ବିଶ୍ୱନାଥ ଦାସ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ରେ ଅନୁଗୋଳ ଭିଜିଲାନ୍ସ ଟିମ ଗିରଫ କରିଛି। ତାଙ୍କୁ କିଶୋରନଗର ବ୍ଲକ କୃଷି କାର୍ଯାଳୟ ରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ ଗିରଫ କରିଥିଲା। ଏଥିସହ ସେ ଲାଞ୍ଚ ନେଉଥିବା ୨୦ ହଜାର ଟଙ୍କାକୁ ଜବତ କରିଛି। ହଣ୍ଡପା ଥାନା ରଘୁନାଥପୁର ଗ୍ରାମର ରଞ୍ଜନ କୁମାର ପ୍ରଧାନ କିଶୋରନଗର ବ୍ଲକର ଏକ ଏନଜିଓ ସଂସ୍ଥାରେ କୋଡ଼ିନେଟର ଭାବରେ କାମ କରୁଛନ୍ତି। ବିଶେଷ କରି ତାଙ୍କ ସଂସ୍ଥା ର ବିରି, ମୁଗ, ରାଶି, ଏବଂ ଔଷଧ ବିତରଣ ପାଇ ୟୁଟିଲାଇଜେସନ ସାର୍ଟିଫିକେଟ ଆବଶ୍ୟକତା ରହିଛି। ଏହି ସାର୍ଟିଫିକେଟ ଦେବା ପାଇ ବିଶ୍ୱନାଥଙ୍କ ପାଖରେ ରେ ସେ ଆବେଦନ କରିଥିଲେ।

ହେଲେ ବିଶ୍ୱନାଥ ତାଙ୍କୁ ସାର୍ଟିଫିକେଟ ଦେବାରେ ବିଳମ୍ବ କରିଥିଲେ। ରଞ୍ଜନ ବାରମ୍ବାର କିଶୋରନଗର ବ୍ଲକ କୃଷି କାର୍ଯାଳୟ କୁ ଦୌଡ଼ି ଥିଲେ ମଧ୍ୟ ତାଙ୍କୁ ସାର୍ଟିଫିକେଟ ନ ଦେଇ ହଇରାଣ କରା ଯାଇଥିଲା। ପରେ ବିଶ୍ୱନାଥ ଏହି ସାର୍ଟିଫିକେଟ ପ୍ରଦାନ ପାଇ ୨୦ ହଜାର ଟଙ୍କା ଲାଞ୍ଚ ମାଗି ଥିଲେ। ପରେ ରଞ୍ଜନ ଏ ନେଇ ସୋମବାର ଦିନ ଅନୁଗୋଳ ଭିଜିଲାନ୍ସ କାର୍ଯା ଳୟ ନିକଟରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ରଞ୍ଜନଙ୍କୁ



କେମିକାଲ ବୋଳା ୨୦ ହଜାର ଟଙ୍କା ଦିଆ ଯାଇଥିଲା । ବିଶ୍ୱନାଥ କିଶୋରନଗର ବ୍ଲକ କାର୍ଯାଳୟ ରେ ଥିବା ବେଳେ ସନ୍ଧ୍ୟା ୫:୩୦ ରେ ରଞ୍ଜନ ଯାଇ ୨୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ପୂର୍ବ ରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା ।

# ଆକ୍ସନ ମୁଡ଼ରେ ପୌର ନିର୍ବାହୀ ଅଧିକାରୀ: ଗାତ ନପୋତିଲେ ତଣ୍ଡ ଗଣିବେ

ଅନୁଗୁଳ ,(ସବ୍ୟୁ) :ଅନୁଗୁଳ ସହର ରାସ୍ତାକୁ ଚକାଚକ୍ କରିବା ପାଇଁ ଯୋଜନା ହୋଇଛି। ବିଭିନ୍ନ ଓ୍ୱାର୍ଡରେ ଏଥିପାଇଁ କଂକ୍ରିଟ୍ ରାସ୍ତା ନିର୍ମାଣ କରାଯାଇଛି। ସେହିପରି ସହରରେ ପିଚୁ ରାସ୍ତା ଓ ପେଭର୍ ବ୍ଲକ୍ ମଧ୍ୟ ପକାଯାଇଛି। ସହରବାସୀଙ୍କ ଯାତାୟାତରେ ଯେଭଳି କୌଣସି ସମସ୍ୟା ନଉପୁଜେ ସେଥି ପାଇଁ ଧ୍ୟାନ ଦିଆଯାଉଛି। କିନ୍ତୁ ସହରରେ ପାର୍ବଣ ଋତୁ ଆସିଲେ ରାସ୍ତାକୁ ଖୋଳାଯାଇ ଟେଣ୍ଟ ଲଗାଯାଉଛି। ପରେ ସେହି ଗାତ ଲୋକଙ୍କ ପାଇଁ ବିପଦ ପାଲଟୁଥିବା ଦେଖିବାକୁ ମିଳୁଛି। ତେବେ ଚଳିତ ବର୍ଷ ଏହାକୁ ରୋକିବାକୁ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳୁଛି। ଖୋଳିଥିବା ଗାତକୁ ସମ୍ପୃକ୍ତ ଟେଣ୍ଟ ମାଲିକ ପୋତିବା ପାଇଁ ନିୟମ ଜାରି କରାଯାଇଛି। ନହେଲେ ସେମାନଙ୍କୁ ଜରିମନା ଦେବାକୁ ପଡ଼ିବ ବୋଲି କୁହାଯାଇଛି।

ସୂଚନା ମୁତାବକ, ଶିଳ୍ପ ସମୃଦ୍ଧ ଅନୁଗୁଳ ସହରରେ ପାର୍ବଣ ଋତୁ ଆସିଲେ ସବୁ ପୂଜା ମଣ୍ଡପ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥାଏ। ସୁଉଚ୍ଚ ତୋରଣ ସାଙ୍ଗକୁ ସାଜସଜ୍ଜା ନେଇ ପ୍ରତିଯୋଗିତା ହେଉଥିବାର ଦେଖିବାକୁ ମିଳୁଛି। ଗଣେଶ ପୂଜା ପରେ ପରେ ଦୁର୍ଗାପୂଜା, ଲକ୍ଷ୍ମୀପୂଜା, କାଳୀପୂଜା ଧୁମ୍‌ଧାମରେ ପାଳିତ ହୋଇଥାଏ। ତେବେ ଏହି ପୂଜା ଅବସରରେ ସହରର ବିଭିନ୍ନ ସ୍ଥାନରେ ଥିବା ପୂଜା ମଣ୍ଡପଗୁଡ଼ିକରେ ବଡ଼ ବଡ଼ ଟେଣ୍ଟ ବନ୍ଧା ହୋଇଥାଏ। ଏଥିପାଇଁ ସହରର ରାସ୍ତାକୁ ସମ୍ପୃକ୍ତ ଟେଣ୍ଟ ସଂସ୍ଥା ଖୋଳି ବାଉଁଶ ପୋତିଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ସେ ଗାତଗୁଡ଼ିକ ପୋତାଯାଉ ନାହିଁ।

ଫଳରେ ସହର ରାସ୍ତା ଗାତରେ ଭର୍ତ୍ତି ହୋଇ ବିପଦକୁ ଆମନ୍ତ୍ରଣ କରୁଛି। ଏପରିକି ଏହି ଗାତରେ ବହୁ ଜନସାଧାରଣ ଯାତାୟାତ ସମୟରେ ପଡି ଯିବା ହେତୁ ଗୁରୁତର ଆହତ ହେଉଛନ୍ତି। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ପୌରପାଳିକା ପକ୍ଷରୁ ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ପୃକ୍ତ ଟେଣ୍ଟ ମାଲିକ ଖୋଳିଥିବା ଗାତକୁ କଂକ୍ରିଟ୍ ଦେଇ ପୂରଣ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶକୁ ଅବମାନନା କଲେ ଜରିମନା ଆଦାୟ ହେବ ବୋଲି ପୌରପାଳିକା ପକ୍ଷରୁ ଜଣାପଡିଛି। ଗଣେଶ ପୂଜାରେ ଟେଣ୍ଟ ମାଲିକଙ୍କଠାରୁ ଗୋଟିଏ ଗାତ ପିଛା ୮୦ ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି। ଶିମିଳିପଡ଼ା, ହେମସୁରପଡ଼ା, ଓ୍ୱାର୍ଡ ନମ୍ବର ୫, ହୁଲୁରିସିଂହା, ରାଜକିଶୋରପଡ଼ା, ୨୧ରେ ଗଣେଶ ୧୮, ୧୯, ପୂଜା ପାଇଁ ବନ୍ଧା ଯାଇଥିବା ଟେଣ୍ଟ ମାଲିକଙ୍କ ପାଖରୁ ମୋଟ୍ ୨୪ ହଜାର ୭୨୦ ଟଙ୍କା ପୌରପାଳିକା ଜରିମନା ଆଦାୟ କରିଥିବା ଜଣାପଡିଛି ।

# ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ସହାୟକ ଉପକରଣ ପ୍ରଦାନ



ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ପାଟଣା ପକ୍ଷରୁ ସୋମବାର ଦିନ ଭିନ୍ନକ୍ଷମ ବିଦ୍ୟାର୍ଥୀ ମାନଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଛି।ଏହି ଉପକରଣ ବଣ୍ଟନରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ସୀମାରାଣୀ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ମଙ୍ଗଳ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ୍ୟ ଏବଂ ଅନ୍ୟ ଅତିଥି ଭାବେ ଗୋଷ୍ଠି ସମ୍ବଳ ଶିକ୍ଷକ ମାନିକେତନ ପାତ୍ର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କମଳାକାନ୍ତ ପତି ସିଇ. ଆର.ସି. ଜ୍ୟୋତିର୍ମୟ ତ୍ରିପାଠୀ ଓ ରଜନୀ ନାଏକ ଙ୍କ ଉପସ୍ଥିତରେ ହୁଇଲି ଚେୟାର ଟ୍ରାଇ ସାଇକେଲ ଓ ଟ୍ରଲି ବ୍ୟାଗ ୩୦ ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀମାନ ଙ୍କୁ ବଣ୍ଟନ କରାଯିବା ସହ ଆଉ ୩୦ ଜଣଙ୍କୁ ଚିହ୍ନଟ କରି ପଠାଯାଇଛି।

# ହରଡ଼ ଘଣାରେ ତାଳସାରୀ ମେରାଇନ ଥାନା ଅଧିକାରିଣୀ

ଭୋଗରାଇ, (ସବ୍ୟୁ): ବାଲେଶ୍ୱରଜିଲ୍ଲା ଭୋଗରାଇବ୍ଲକ ସୀମାନ୍ତ ତାଳସାରୀ ମେରାଇନ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଏବେ ହରଡ଼ ଘଣାରେ ପଡିଛନ୍ତି । ସୋସିଆଲ ମିଡିଆରେ ବ୍ରାଉନ ସୁଗାର ଜବତକୁ ନେଇ ଥାନାଧିକାରୀଙ୍କ ଏକ ଅଡିଓ ଭାଇରାଲ ହୁଡ଼ିଛୁଳିଛି ।ଏହି ଅଡିଓ ରେ ଗଣମାଧ୍ୟମକୁ ମେରାଇନ ଥାନା ଅଧିକାରିଣୀ ମୋର ଭୁଲ ହୋଇଛି, ଆପଣମାନଙ୍କୁ ମୁଁ ସମ୍ମାନ ଦେଉଛି ଥାନାକୁ ଆସନ୍ତୁ ଇତ୍ୟାଦି କହି ନେହୁରା ହେଉଥିବାର ଚର୍ଚ୍ଚା ଜୋର ଧରିଛି । ସୂଚନାନୁଯାୟୀ,ସାହାବାଜିପୁର ଠାରେ ସୋମବାର ସକାଳୁ ତାଳସାରୀ ମେରାଇନ ଥାନା ପକ୍ଷରୁ ପେଟ୍ରୋଲିଂ ବେଳେ ଅଚାନକ ଚଢ଼ାଉକରି ଜଣେ ବ୍ରାଉନ ସୁଗାର ପେଡ଼ଲରଙ୍କୁ କାବୁ କରିବା ସହିତ ୩୦ ଗ୍ରାମ ୯ ୫ ୦ ମି ଗ୍ରାମ ବ୍ରାଉନ ସୁଗାର ମୋବାଇଲ ସହ ଏକ ବାଇକ ଓ ମୋବାଇଲ ଜବତ କରିଥିବା ପୋଲିସ ଦାବି କରିଛି ଓ ଏହି କାରବାରରେ ସମ୍ପୃକ୍ତଥିବା କମର୍ଦ୍ଦା ଥାନା କଣ୍ଡାବାଣୀ ଗ୍ରାମର ଦୀପକ ନାୟକ (୨ ୫ ) ଙ୍କୁ ଅଟକରଖି ୭ ୯ / ୨ ୫ ରେ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବାର ମେରାଇନ ଥାନାର ଅଧିକାରିଣୀ ଚମ୍ପାବତୀ ସୋରେନ ସୂଚନା ଦେଇଛନ୍ତି ।ବ୍ରାଉନସୁଗାର ଧରିବାକୁ ନେଇ ସମସ୍ତ ଘଟଣା ରାହାସାହାପୁର ଥିବାରୁ ଭଲ ପ୍ରୟାସ ତଦନ୍ତ ଦାବି ହୋଇଛି ପ୍ରତ୍ୟକ୍ଷ ଦର୍ଶୀ କହିବାନୁଯାୟୀ ପୋଲିସ ରବିବାର ରାତିରେ ସନ୍ଦେହ ଘେରରେ ଏକ କାରସହିତ ୪ ଜଣ ଯୁବକଙ୍କୁ ଥାନାକୁ ନେଇଁ ଅଟକ ରଖିଥିଲେ ।ବ୍ରାଉନ ସୁଗାର ଜବତ ଘଟଣାରେ ଏହି ଯୁବକ ମାନେ ସମ୍ପୃକ୍ତ ଥିବାର ସନ୍ଦେହ ଘେରରେ ଥିବାବେଳେ ପୋଲିସ ଅନ୍ୟ ୩ ଯୁବକଙ୍କୁ ପରେ ଛାଡି ଦେଇଥିବାର ଅଭିଯୋଗ ହୋଇଛି । ସିନ ରିକ୍ରେସନ ପରେ କେବଳ ଜଣଙ୍କୁ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ପୋଲିସ ଥାନାକୁ ଆଣି ସହାବାଜିପୁର ରେ ରାସ୍ତାରେ ଗଣମାଧ୍ୟମ ସମ୍ମୁଖରେ ଗିରଫ କରି ମାମଲାକୁ ଫେରଫାର କରି ଅନ୍ୟ ଅଭିଯୁକ୍ତଙ୍କୁ ଖସାଇ ଦେଇଥିବାର ଅଭିଯୋଗ ହୋଇଛି । ଭୋଗରାଇର ତାଳସାରୀ ସାମୁଦ୍ରିକ ଥାନାରେ ଅଟକଥିବା ଓଡି୦୫-ଏ ଇ-୪୨୬୬ ନମ୍ବରକାରକୁ ଖସାଇ ଦିଆଯାଇଥିବାବେଳେ କାର ବଦଳରେ ଏକ ଓ ୦୧ ଏ ଜେଡ ୯୮୧୫ ନମ୍ବର ର ବାଇକ ବ୍ୟବହାର କରାଯାଇ ଗଣମାଧ୍ୟମ ଉପସ୍ଥିତିରେ ପୋଲିସ ଗିରଫ ହୋଇଥିବା ସମ୍ପର୍କ ରହିଛି ।ଏହି ବ୍ରାଉନସୁଗାର କାରବାରରେ ପୋଲିସ ଭୂମିକାକୁ ନେଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ପୋଲିସର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କଲାପରେ ଅଧିକାରୀ ମାନେ ଘଟଣାର ତଦନ୍ତ ହେବ ବୋଲି ସୂଚନା ମିଳିଛି ।ଏହି ଘଟଣାକୁ ନେଇଁ ଜିଲାରେ ଚର୍ଚ୍ଚା ଜୋର ଧରିଛି ।

# ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିମନ୍ତେ ସମୀକ୍ଷା ବୈଠକ

ଭଦ୍ରକ,(ସବ୍ୟୁ):ମଙ୍ଗଳବାରଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଜିଲ୍ଲାପାଳ,ଭଦ୍ରକଙ୍କ ଅଧ୍ୟକ୍ଷତାରେ ଟେକ୍ସଟାଇଲ ପାର୍କ ଓ ଶିଳ୍ପ ପାର୍କ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ.ସୁରେଶ କୁମାର ଦଳେଇ,ନିର୍ବାହୀ ନିର୍ଦ୍ଦେଶକ,ଇଡକୋ,ଭୁବନେଶ୍ୱର,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ,ସଞ୍ଜୟ କୁମାର ପ୍ରତିହାରୀ,ଜେନେରାଲ ମ୍ୟାନେଜର, ଇଡକୋ, ଭୁବନେଶ୍ୱର,ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ,ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ,ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା,ତହସିଲଦାର ଭଣ୍ଡାରିପୋଖରୀ ରୋଜାଲିନ ବେହେରା,ଟିମ ଲିଡର ଦିପା ସୁବ୍ରତ ସ୍ୱାଇଁ ଉପସ୍ଥିତ ଥିଲେ । ଧାମନଗର ଛକ ଠାରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ନିମନ୍ତେ ତିନିଗୋଟି ମୌଜାର ମୋଟ ଏ.୨୧୭.୭୧ ରୟତ ଜମି ଅଧିଗ୍ରହଣ କରାଯାଇଛି ଓ ଏହାବାଦ ଏ.୧୭.୨୬ ସରକାରୀ ଜମି ଅନ୍ତର୍ଭୁକ୍ତ ଅଛି। ପ୍ରଥମ ପର୍ଯ୍ୟାୟରେ ଏ.୫୯.୬୩ ଜମି ଆଇଓସିଏଲକୁ ହସ୍ତାନ୍ତର କରାଯାଇଅଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟୁନ ଏ. ୭୦.୨୩ ଜମି ଆଇଓସିଏଲ ଓ ଏ.୧୦୫.୧୧ ଜମି ଏମସିପିଆଇ ପିଭିଟିକୁ ଯୋଗାଇବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ହସ୍ତାନ୍ତର ହୋଇଥିବା ଜମିରେ କିପରି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଜିଲ୍ଲାପାଳ ପ୍ରାଧାନ୍ୟତା ଦେବାସହିତ ହସ୍ତାନ୍ତର ହେବାକୁଥିବା ପ୍ରସ୍ତାବିତ ଜମିକୁ ସରଳୀକରଣ କରିବା ଉପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତ ୧୮ ତାରିଖରେଡିଜିପିଏସ ସର୍ଭେ କାମ ଆରମ୍ଭ ହେବ ବୋଲି ଆଇଓସିଏଲ କର୍ତ୍ତୁପକ୍ଷ ସୂଚନା ଦେଇଥିଲେ। ସେହିଭଳି ଏକ ନୂତନ ରାସ୍ତା ପ୍ରକଳ୍ପ ମଧ୍ୟକୁ ଯିବାପାଇଁ ଚିହ୍ନଟ ନିମନ୍ତେ ଯୁଗ୍ମ ତଦନ୍ତ ହେବ। ଏଥିରେ ଇଡକୋ, ଆଇସିଏଲ,ତହସିଲଦାର ଏବଂ ଜଳସେଚନ ବିଭାଗର କର୍ମଚାରୀ ରହିବେ। ସେହିପରି ପ୍ରକଳ୍ପ ସ୍ଥାନ ମଧ୍ୟରେ ଅନୁନ୍ୟ ଏ.୫.୦୦ ଜମି ବୈଦ୍ୟୁତିକ ସବଷ୍ଟେସନ ପାଇଁ ଚିହ୍ନଟ କରାଯିବ। ଜଙ୍ଗଲ ଜମି ବାବଦରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବାପାଇଁ ଜିଲ୍ଲାପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଭଣ୍ଡାରିପୋଖରୀ ଓ ତହସିଲଦାର,ଭଣ୍ଡାରିପୋଖରୀଙ୍କୁ ତାଗିଦ୍ କରିଥିଲେ। ସେହିଭଳି ଶିଳ୍ପ ପାର୍କ ପ୍ରକଳ୍ପ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏ.୯୬୧.୨୬୪୯ ଜମି ଅଧିଗ୍ରହଣ ନିମନ୍ତେ ଭୂ-ଅର୍ଜନ ଆଇନର ଧାରା ୧୧(୧) ଅନୁସାରେ ନୋଟିଫିକେସନ ହୋଇଯାଇଅଛି ଓ ଦ୍ୱିତୀୟ ପର୍ଯ୍ୟାୟରେ ଇଡକୋ ତରଫରୁ ପ୍ରସ୍ତାବିତ ଏ.୨୩୬୦.୫୧୪୪ ପରିମିତ ବେସରକାରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଇଡକୋ ଯଥାଶିଘ୍ର ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଏହାର ଅଗ୍ରଗତି କରିବାକୁ ଅନୁରୋଧ କରାଯାଇଛି।

# ଭାରତୀ ସାହୁଙ୍କ ଠାରୁ ଗଞ୍ଜେଇ ଜବତ

ଭଣ୍ଡାରିପୋଖରୀ,(ସବ୍ୟୁ):ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବଡବନସ୍ତା ଗ୍ରାମର କୁନି ସାହୁର ପତ୍ନୀ ଭାରତୀଙ୍କ ଘରୁ ୨ କିଲୋ ୪ଶହ ୭୦ଗ୍ରାମ ବେଆଇନ ଗଞ୍ଜେଇ ମଙ୍ଗଳବାର ମଧ୍ୟାହ୍ନରେ ଫାଣ୍ଡି ପୁଲିସ ଜବତ କରିଥିବା ଜଣାଯାଇଛି। ଭାରତୀ ଜଣେ ପେଷାଦାର ଗଞ୍ଜେଇ ବିକ୍ରେତା ଭାବେ ଜଣାଶୁଣା। ଗତ ଜୁଲାଇ ୯ ତାରିଖରେ ଭାରତୀଙ୍କ ଘରୁ ୮କିଲୋ ଗଞ୍ଜେଇ ଜବତ କରାଯାଇ ମାମଲା ରୁଜୁ ହୋଇଥିଲା। ମାତ୍ର ଗଞ୍ଜେଇ ବିକ୍ରୟ ବନ୍ଦ ହୋଇନଥିଲା। ପୁନର୍ବାର ପାଇଁ ଘରେ ବେଆଇନ ଗଞ୍ଜେଇ ମହଜୁଦ କରି ରଖାଯାଇଥିବା ସୂଚନା ପାଇ ଥାନାଧିକାରୀ କମଳାକାନ୍ତ ଦାସ, ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି, ସବଇନିସପେକ୍ଟର ସ୍ନେହପ୍ରଭା ସାହୁଙ୍କ ନେତୃତ୍ୱରେ କନେଷ୍ଟବଳ ବିଚିତ୍ରାନନ୍ଦ ବେହେରା, ରଞ୍ଜୁ ମହାଳିକ ଚଢାଉ କରି ଗଞ୍ଜେଇ ଜବତ କରିଥିଲେ। ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କ ଉପସ୍ଥିତିରେ ପୁଲିସ ଜବତ ଗଞ୍ଜେଇ ଓଜନ କରି ଜଉମୁଦ ଦେବା ସହ ଭାରତୀକୁ ଗିରଫ କରିଥିଲା। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି।

# ୮୦ଲିଟର ଦେଶୀ ମଦ ଜବତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରୟ ଉପରେ ମଙ୍ଗଳବାର ଭଣ୍ଡାରିପୋଖରୀ ଥାନା ପୁଲିସ ଓ ଅବକାରୀ ପୁଲିସ ମିଳିତ ଭାବେ ଚଡାଉ କରି ୮୦ ଲିଟର ଦେଶୀ ମଦ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି। ଜୋରାଗଡିଆ ଗ୍ରାମର ବେଆଇନ ମଦ ବିକ୍ରେତା ଗୁଣ୍ଡିଆ ଜେନା ଓ ଗୌରାଙ୍ଗ ଜେନା, ରଣଜିତ ଗ୍ରାମର ବେଆଇନ ମଦ ବିକ୍ରେତା ଦେବେନ୍ଦ୍ର ନାୟକ ଓ ଆକୁଳିକଣା ଗ୍ରାମର ବେଆଇନ ମଦ ବିକ୍ରେତା ରବିନ୍ଦ୍ର ସେଠୀଙ୍କୁ ଗିରଫ କରାଯାଇଛି। ଅବକାରୀ ପୁଲିସ ପକ୍ଷରୁ ୧୧୮,୧୧୯,୧୨୦ ଓ ୧୨୧/୨୦୨୫-୨୬ନଂ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଆନନ୍ଦପୁର କଲେଜ ପଦାର୍ଥ ବିଜ୍ଞାନ ବିଭାଗରେ ସ୍ୱାଗତ ସଭା



ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର କଲେଜ ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ସଭା ସେମିନାର କକ୍ଷରେ ବିଭାଗୀୟ ମୁଖ୍ୟ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ନିମାଇଁ ଚରଣ ରାଉତ,ପ୍ରଫୁଲ୍ଲ କୁମାର ପଣ୍ଡା,ବିଜୟ କୁମାର ସାହୁ,ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ, ବିଶ୍ୱଜିତ ରାଉତ ,ଦିବ୍ୟରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇ ପାଠ ପଢି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ।ନୂତନ କରି ଯୋଗ ଦେଇଥିବା ଅଧ୍ୟାପକ ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବାଗତ ମାନଙ୍କୁ ମଧ୍ୟ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା।ଶେଷରେ ସେମିନାର ସମ୍ପାଦକ ଧନଞ୍ଜୟ ରାଉତ ସଭା ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବାବା ବୁଢା ଗଣେଶଙ୍କର ତୈଳ ଚିତ୍ର ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ସ୍ଥାପନା

ଭଦ୍ରକ,(ସବ୍ୟୁ):ଭଦ୍ରକ ପ୍ରସିଦ୍ଧ ଐତିହାସିକ ବାବା ବୁଢା ଗଣେଷଙ୍କର ଏକ ତୈଳଚିତ୍ର ଜିଲ୍ଲାପାଳଙ୍କର କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କର ଉପସ୍ଥିତିରେ ସ୍ଥାପନା କରାଯାଇଅଛି। ଉକ୍ତ ତୈଳଚିତ୍ରଟିକୁ ବାବା ବୁଢା ଗଣେଶ କମିଟି ତରଫରୁ ପ୍ରଦାନ କରାଯାଇଅଛି। ଭଦ୍ରକରେ ଭାଇଚାରା ପ୍ରତିଷ୍ଠା ଦିଗରେ ବାବା ବୁଢା ଗଣେଷ କମିଟି ଦୀର୍ଘ ଦିନ ଧରି ବନ୍ଧୁ ମିଳନ ସହିତ ବିଭିନ୍ନ କାର୍ଯ୍ୟକ୍ରମ କରିଆସିଛି। ଉକ୍ତ ତୈଳଚିତ୍ରଟିର ସ୍ଥାପନା ପରେ ବିଭିନ୍ନ ଆଡୁ ଆସୁଥିବା ଜନସାଧାରଣ ବାବାଙ୍କର ମହିମା ବିଷୟରେ ଅବଗତ ହେବେ। ଏହିପରି ପ୍ରୟାସକୁ ବୁଦ୍ଧିଜିବୀ ମହଲରେ ପ୍ରଶଂସା ଭାଜନ ହୋଇପାରିଛି। ସ୍ଥାପନା ସମୟରେ ଜିଲ୍ଲାପାଳଙ୍କ ସମେତ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ,ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ,ବାବା ବୁଢା ଗଣେଶ କମିଟିର ସଦସ୍ୟବୃନ୍ଦ ଓ ସାମ୍ବାଦିକ ଅଶୋକ କୁମାର ନାୟକ ଉପସ୍ଥିତ ଥିଲେ।

# ରାଜସ୍ଥାନୀ ମଦ ବ୍ୟବସାୟୀ ଗିରଫ

ଠାକୁରମୁଣ୍ଡା,(ସବ୍ୟୁ): ଦେଶୀ ମଦ ବ୍ୟବସାୟ ଅଭିଯୋଗରେ ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ରାଜସ୍ଥାନୀ ଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ରାଜସ୍ଥାନ ଭରତପୁର ଜିଲ୍ଲା ଦିଘ ଥାନା ସରୋୱାଲୀ ଗ୍ରାମର ଯୁବକ ନିହାଲ ସିଂ (୨୯) ଦୀର୍ଘ ୪ ବର୍ଷ ହେଲା ଠାକୁରମୁଣ୍ଡା ଥାନା ସିମଡିହା ଗ୍ରାମରେ ରହି ଆସୁଛନ୍ତି । ସେ ଏଠାରେ ପ୍ରେମ ବିବାହ କରି ରହିବା ସହିତ ମଦ ବ୍ୟବସାୟ କରି ଆସୁଥିଲେ । ଅଭିଯୋଗ ପାଇ ଅବକାରୀ ବିଭାଗ ମଙ୍ଗଳବାରଦିନ ଚଢ଼ାଉ କରି ର ତା ଘରୁ ୧୯ ଲିଟର ମହୁଲି ମଦ ଜବତ କରିଥିଲା । କେଶ ନଂ ୧୦୨/୨୫ରେ ନିହାଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ମାଟିଆପଲ୍ଲା ଛକରୁ ବାଲି ବୋଝେଇ ହାଇୱା ଜବତ

ସୋର, (ସବ୍ୟୁ) : ସୋର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଥିବା ଜଣାପଡିଛି। ସୁଚନା ଅନୁସାରେ ଆଜି ଅପରାହ୍ଣରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ମାଟିଆପଲା ଛକ ନିକଟରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ବାଲି ବୋଝେଇ କରି ଆସୁଥିବା ଓଡି ୨୨ ଏଏ ୯୧୮୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ଡ୍ରମ୍ପରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ପରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଜବତ କରି ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଅନେକ ବାଲି ବୋଝେଇ ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

# ଇଂଜିନିୟର ଶାନ୍ତିଙ୍କ ପରଲୋକ

ଢେଙ୍କିକୋଟ ,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟର ପ୍ରଶାନ୍ତ କୁମାର ନାୟକ ଙ୍କ ଏକମାତ୍ର କନ୍ୟା ସନ୍ତାନ ମୋନାଲିସା ନାୟକ ଓରଫ ଶାନ୍ତି (୩୦) ଛତିଶଗଡ଼ର ରାୟଗଡ ଠାରେ ଜିନ୍ଦଲ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ । ତେବେ ସୋମବାରଦିନ କମ୍ପାନୀ ତରଫରୁ ତାଙ୍କ ଘରକୁ ଝିଅ ମୃତ୍ୟୁ ହୋଇଥିଫବା ଖବର ଦିଆଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଶାନ୍ତିର ମୃତଦେହ ଢେଙ୍କିକୋଟ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବହୁ ଲୋକ ତାଙ୍କ ଶେଷ ଦର୍ଶନ କରିଥିଲେ ।ଶେଷକୃତ୍ୟ ପାଟଣା ବୈତରଣୀ ନଦୀ କୂଳରେ କରାଯାଇଛି ।

# ଆଜିଠୁ ବାଲେଶ୍ୱର ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର,(ସବ୍ୟୁ): ଆସନ୍ତାକାଲି ୧୦ ତାରିଖଠାରୁ ୧୩ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଖ୍ରୀଷ୍ଟିଆନ ହାଇସ୍କୁଲ୍ ପଡ଼ିଆରେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବେ।୧୪ ବର୍ଷରୁ କମ୍ ବାଳକ, ବାଳିକା ତଥା ୧୭ ବର୍ଷରୁ କମ୍ ବାଳକ, ବାଳିକା ଚାରୋଟି ବିଭାଗରେ ପ୍ରତିଯୋଗିତା ହେବ।୧୦ ଓ ୧୧ ତାରିଖରେ ଭଲିବଲ୍, ବିଚ୍ ଭଲିବଲ୍, ଆର୍ଚେରୀ, ହେଣ୍ଡବଲ୍ ଓ ହକି ଏବଂ ୧୨ ଓ ୧୩ ତାରିଖରେ ଖୋଖୋ, କବାଡି, ଫୁଟବଲ୍, ବେଡମିଣ୍ଟନ୍, ଚେସ, ରଗବି ଓ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ତାଳପଦା ଦୁର୍ଗାପୂଜାରେ ଏବର୍ଷ ଆକର୍ଷଣ ଧଉଳି ଶାନ୍ତି ସ୍ତୁପ

ବେତନଟୀ, (ସବ୍ୟୁ): ସବୁଠାରୁ ପୁରାତନ ତାଳପଦା ଦୁର୍ଗାପୂଜା ଏଥର ଏକାଅଶୀ ବର୍ଷରେ ପାଦ ଦେଉଛି। ଆଧ୍ୟାତ୍ମିକ ଏବଂ ଆକର୍ଷଣ ସମିଶ୍ରଣରେ ପାଳିତ ହେଉଥିବା ଏହି ମହୋତ୍ସବ ସାତ ଦିନ ଧରି ଚାଲିବାକୁ ଥିବା ବେଳେ ପୂର୍ବ ବର୍ଷ ଭଳି କଟକ ଜରି ମେଢ ମନ ମୋହିବା ସହିତ ଧଉଳି ଶାନ୍ତିସ୍ତୁପର ତୋରଣ ଦେଖିବାକୁ ମିଳିବ। ସେହିପରି ସପ୍ତମୀରେ ଭକ୍ତି ସଙ୍ଗୀତ ଓ ନୃତ୍ୟର ଅର୍ଘ୍ୟ, ମହାଷ୍ଟମୀରେ ଭୁବନେଶ୍ୱରର ସ୍ୱନାମଧନ୍ୟ ସା ରେ ଗା ମା ପା ବ୍ୟାଣ୍ଡ, ମହାନବମୀରେ ସଙ୍ଗୀତଜ୍ଞ ସୁବାଷ ଦାଶ ଓ ସାଥୀଙ୍କ ମେଲୋଡି, ଦଶହରାରେ ଡାନ୍ସ ଧମାକା ଏବଂ ଏହାପରେ ତିନିଦିନ ମାଗଣା ଅପେରା ଦେଖିବାକୁ ପାଇବେ। ଦଶହରାରେ ପଶ୍ଚିମ ବଙ୍ଗ ବାଣ ସଜ୍ଜିତ ବିରାଟ ରାବଣ ପୋଡି ସମାରୋହ ମଧ୍ୟ ଅନୁଷ୍ଠିତ ହେବ।ଏହି ଏକାଅଶୀତମ ଦୁର୍ଗାପୂଜାକୁ ଅଧିକ ମନୋରମ ଓ ଶୃଙ୍ଖଳିତ କରିବା ପାଇଁ ଇତି ମଧ୍ୟରେ ଏକ ଉପଦେଷ୍ଟା ତଥା ପ୍ରସ୍ତୁତି ବୈଠକ ଗତ ରବିବାର ଦିନ ଅନୁଷ୍ଠିତ ହେଇ ଯାଇଛି। ଏଥିରେ ବିଧାୟକ ସନାତନ ବିଜୁଳି ଯୋଗ ଦେଇ ମୂଲ୍ୟବାନ ପରାମର୍ଶ ଦେବା ସହିତ ସମସ୍ତ ସାହାଯ୍ୟ ଓ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକରେ ଅନ୍ୟ ବିଶିଷ୍ଟ ବ୍ୟକ୍ତି ମାନଙ୍କ ମଧ୍ୟରେ ବ୍ଲକର ଚେୟାରମ୍ୟାନ ମୀନତି ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁନୀଲ କୁମାର ଦାଶ, ପୂର୍ବତନ କଲେଜ ଅଧ୍ୟକ୍ଷ ପ୍ରଦୀପ ପଣ୍ଡା, ସମାଜସେବୀ ତଥା ସାମ୍ବାଦିକ ଅମିୟ କୁମାର ବଳ ସମେତ ଅନ୍ୟମାନେ ଯୋଗ ଦେଇଥିଲେ। କମିଟି ସଭାପତି ଡକ୍ଟର ଜଗନ୍ନାଥ ପାତ୍ର, ସମ୍ପାଦକ ରଞ୍ଜନ କୁମାର ବେହେରା, ଉପ ସଭାପତି ଲକ୍ଷ୍ମୀଧର ରାଉତ, ଯୁଗ୍ମ ସମ୍ପାଦକ ସତ୍ୟ ନାରାୟଣ ନାୟକ, କୋଷାଧ୍ୟକ୍ଷ ଦୀପକ ପାତ୍ର ସହିତ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବହୁମାଘେରୀ ସ୍କୁଲ : ନୂତନ ଘର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ବାସୁଦେବପୁର,(ସବ୍ୟୁ):ବାସୁଦେବପୁର ବ୍ଲକର କିସ୍ମତ କୃଷ୍ଣପୁର ପଞ୍ଚାୟତର ବହୁମାଘେରୀ ସ୍କୁଲର ନୂତନ ଘର ନିର୍ମାଣ ଦାବୀରେ ଫାଟକର ତାଲା ଦେଇଛନ୍ତି ଅବିଭାବକ ଓ ଛାତ୍ର ଛାତ୍ରୀ ପ୍ରତିଶୃତି ପାଇବା ପରେ ହଟିଲେ ଅବିଭାବକ। ଗୁରୁଦିବସରେ ତିନି ଛାତ୍ରୀଙ୍କ ମୁଣ୍ଡରେ ଛାତ ଖସି ଆହତ ହେବାର ଚାରିଦିନ ଅତିକ୍ରମ କଲାଣି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ଓ ବିଡିଓ ତନ୍ମିତା କର ପହଂଚି ସ୍କୁଲରେ ପହଂଚି ଅବିଭାବକ ଓ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ନୂତନ ଘର ନିର୍ମାଣର ପ୍ରତିଶୃତି ଦେବା ପରେ ଚାରିଦିନ ଧରି ଲାଗି ରହିଥିବା ସମସ୍ୟାର ମଙ୍ଗଳବାରଦିନ ପୂର୍ଣ୍ଣ ଛେଦପଡିଛି। ନୂତନ ଘର ନିର୍ମାଣ ନହେବା ପର୍ଯ୍ୟନ୍ତ ପାଠ ପଢିବାକୁ ଯିବେନାହିଁ ବୋଲି ଅବିଭାବମାନେ ଆଗରୁ କହିଛନ୍ତି। ବାସୁଦେବପୁର ବିଧାୟକ ଶ୍ରୀଦାସ ଓ ବିଡିଓ ବିଦ୍ୟାଳୟର ପହଂଚି ବାସ୍ତବତା ପରିଦର୍ଶନ କରିବା ପରେ ବିଧାୟକ ଆଂଚଳିକ ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଆସନ୍ତା କାଲି ବୁଧବାରଠାରୁ ପାଖରେ ଥିବା ଏକ ଅସ୍ଥାୟୀ ଘରେ ପାଠ ପଢା ଚାଲିବ। ବିଦ୍ୟାଳୟ ପରିଚାଳନା କମିଟି ଘର ଭାଙ୍ଗିବା ପାଇଁ ରେଜୋଲୁସନ କରି ଦେବା ପରେ ଘର ଭାଙ୍ଗି ନୂତନ ଘର ନିର୍ମାଣ କାମ ଆରମ୍ଭ ହେବ ବୋଲି ବିଧାୟକ ଶ୍ରୀଦାସ କହିଥିଲେ।

# ଗଞ୍ଜେଇ ଜବତ : ଜଣେ ଅଟକ

ସୋର,(ସବ୍ୟୁ):ସୋର ପୁଲିସ ପକ୍ଷରୁ ସରଶଙ୍ଖ ନିକଟରୁ ଜଣେ ଗଞ୍ଜେଇ ବ୍ୟବସାୟୀଙ୍କ ନିକଟରୁ ୫ କିଲୋ ଗଞ୍ଜେଇ ଜବତ କରିବା ସହିତ ତାକୁ ଅଟକ ରଖିଛି । ମିଳିଥିବା ସୁଚନା ଅନୁସାରେ ଆଜି ସକାଳେ ସୋର ପୁଲିସ ପକ୍ଷରୁ ପେଟ୍ରୋଲିଂ କରାଯାଉଥିବା ବେଳେ ସୋର କୁପାରୀ ରାସ୍ତା ସରଶଙ୍ଖ ନିକଟରେ କୃଷ୍ଣଦାସପୁର ଗ୍ରାମର ବିଜୟ କୁମାର ବେହେରା ଚାଲିଚାଲି ଯାଉଥିଲେ। ସନ୍ଦେହରେ ତାଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ବ୍ୟାଗରୁ ୫ କିଲୋଓଜନର ଗଞ୍ଜେଇ ଜବତ କରିବା ସହିତ ତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଅବସର ପ୍ରାପ୍ତ ଶିକ୍ଷକ ସଙ୍ଗଠନର ବାର୍ଷିକୋତ୍ସବ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ସଦର ବ୍ଲକ ସ୍ଥିତ ପଳାଶପଙ୍ଗା ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଦିନ ଅବସର ପ୍ରାପ୍ତ ଶିକ୍ଷକ ସଂଗଠନର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧାପକ ଡଃ ବିମ୍ବାଧର ବେହେରା ମୁଖ୍ୟ ଅତିଥି ଯୋଗ ଦେଇଥିବା ବେଳେ ଡଃ ସୁଧାକର ଦାଶ ମୁଖ୍ୟବକ୍ତା , ମମତା ରାଣୀ ଦାସ, ଉତ୍ତମ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଆମ ଗୁରୁକୁଳକୁ ସମସ୍ତ ଅତିଥି ଗଣ ଉନ୍ମୋଚିତ କରିଥିଲେ । ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୈଳାସ ଚନ୍ଦ୍ର ମିଶ୍ର , ଲିଲିମୁନୀ ମୁଣ୍ଡା, ନୀଳାମ୍ବର ମହାନ୍ତ, ରାସମଣି ମାଝୀ, ଅଭିମନ୍ୟୁ ସେଠୀ, ଭବାନୀରାଣୀ ଗିରି ଏବଂ ୨୦୨୫ ମସିହା ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ସଫଳତାର ସହ ପାସ କରିଥିବା ଛାତ୍ରଛାତ୍ରୀ ଚନ୍ଦନ କୁମାର ମହାନ୍ତ, ପୁଷ୍ପିତା ମହାକୁଡ, ଅମରଜିତ ମହାନ୍ତ , ଦେବୀ ପ୍ରସାଦ ବଳ ଓ ଦେବସ୍ମିତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ବେଣୁଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଅଧ୍ୟାପକ ଅମୂଲ୍ୟ କୁମାର ପ୍ରଧାନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନର ମାର୍ଗଦର୍ଶକ ମନମୋହନ ସିଂ ସଂଗଠନର ଗୁରୁତ୍ୱ ଏବଂ ଏହାର ମହତ୍ କଥା ଉପସ୍ଥାପନା କରିବା ସହିତ ସଂଗଠନକୁ ଦୀର୍ଘ ସ୍ଥାୟୀ କରି ଆଗେଇ ନେବା ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡିଥିଲେ । ସଂଗଠନର ଉପଦେଷ୍ଟା ଶୁକଦେବ ମହାନ୍ତ , ବୀରବର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ , ହରିହର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ଦଶରଥ ନାୟକ, ସମାଜସେବୀ କରୁଣାକର ମିଶ୍ର,କୁଡି ବାସ ବେହେରା , ପ୍ରଧାନ ଗୁରୁଜୀ କ୍ଷମାନନ୍ଦ ମହାନ୍ତ , ବିଜୟ ପ୍ରତାପ ସିଂହଦେଓ ସଂଗଠନର ସଂପାଦକ ବିଦ୍ୟାଧର ପ୍ରଧାନ ଏବଂ ସମସ୍ତ ଗୁରୁଜୀ ଗୁରୁମା ମାନେ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଶେଷରେ ସଂଗଠନର କାର୍ଯ୍ୟକାରୀ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉମାମଣି ନାୟକଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରରେ ରାଜ୍ୟସ୍ତରୀୟ ଗୁରୁଦିବସ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ସ୍ଥାନୀୟ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ,ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ସଦର ବ୍ଲକସ୍ଥିତ ମ୍ୟୁନିସ୍‌ପାଲ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଉମାମଣୀ ନାୟକଙ୍କୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ରମାଗତ ଭାବେ ଦ୍ୱିତୀୟଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା । ରେମୁଣା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଜୟଶ୍ରୀ ବୋଷ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ପୂର୍ଣ୍ଣିମା ଦାସ, ଶିକ୍ଷକ ଅରୁଣ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିଲେ ।

# ଭୁଲ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗର ତଦନ୍ତ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଦିନ କିଛି ନା କିଛି ପ୍ରାୟୋଜିତ ଅଘଟଣ ବା ତଦନ୍ତର ଖବରକୁ ନେଇ ଚର୍ଚ୍ଚାରେ ରହିଛି। ୧୩ ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା.କମଳାକାନ୍ତ ସ୍ୱାଇଁ ଏଠାରୁ ବଦଳି ନହେବାକୁ ଚଳାଇଥିବା ପ୍ରାଣମୂର୍ଚ୍ଛା ଉଦ୍ୟମ ସବୁ ଘଟଣା ଓ ଅଘଟଣର ମୂଳ କାରଣ ବୋଲି ଚର୍ଚ୍ଚା ହେଉଛି। ଏହି କ୍ରମରେ ଗତ ଅଗଷ୍ଟ ୧୩ ତାରିଖ ସନ୍ଧ୍ୟାରେ ରୋଗୀ ବିନୋଦିନୀ ରାଉତଙ୍କ ମୃତ୍ୟୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଜନିତ ହୋଇଥିବା ଅଭିଯୋଗର ତଦନ୍ତ ମଙ୍ଗଳବାର ହୋଇଥିଲା। ମୃତକଙ୍କ ସ୍ୱାମୀ ଅଶୋକ କୁମାର ରାଉତ ଗତ ୨୦ ତାରିଖରେ ଏ ସମ୍ପର୍କରେ ଡାକ୍ତର ସୁଧାଂଶୁ ବେହେରା ଓ ନର୍ସ ନିରୁପମା ମଲ୍ଲିକଙ୍କ ବିରୋଧରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗର ତଦନ୍ତ ମଙ୍ଗଳବାର ଦିନସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥିଲା। ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଅଧିକ୍ଷକ ଡା.ମିନତୀଲତା ଦାସଙ୍କ ନେତୃତ୍ୱରେ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ମୀନକେତନ ମହାନ୍ତି, ହସପିଟାଲ ପରିଚାଳକ ଡା. ସମୀର ମହାପାତ୍ର ଓ ବରିଷ୍ଠ ଫାର୍ମାଶିଷ୍ଟ ରଜତ ସାହୁ ରୁଦ୍ଧଦ୍ୱାର ତଦନ୍ତ କରିଥିଲେ। ଅଭିଯୋଗକାରୀ ଓ ପରିବାର ସମେତ ଅବସରପ୍ରାପ୍ତ ଶିକ୍ଷକ ମୁକ୍ତିକାନ୍ତ ମହାନ୍ତି, ଚିକିତ୍ସା କରିଥିବା ଡାକ୍ତର ବେହେରା, ନର୍ସଙ୍କୁ ପଚରାଉଚରା କରିଥିଲେ। ତଦନ୍ତକାରୀ ଦଳ ତଦନ୍ତ ସମ୍ପର୍କରେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଜିଲ୍ଲାସ୍ତରୀୟ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ ଆରମ୍ଭ

ବାଲେଶ୍ୱର,(ସବ୍ୟୁ): ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜମୁଖୀ ଶିକ୍ଷା ଓ ପ୍ରଭାବଯୁକ୍ତ ଗବେଷଣା ପ୍ରତିବଦ୍ଧତାର ସାକ୍ଷ୍ୟ ରୂପେ ବାଲେଶ୍ୱର ଜିଲ୍ଲାର ସମସ୍ତ ୧୨ଟି ବ୍ଲକରେ ବ୍ୟାପକ ସାମାଜିକ-ଆର୍ଥିକ ଓ ଜୀବିକା ସର୍ଭେ ଆରମ୍ଭ କରାଯାଇଛି।ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ପରାମର୍ଶରେ ଆରମ୍ଭ ଏହି ସପ୍ତାହ-ଦୀର୍ଘ ସର୍ଭେ, ସୁବର୍ଣ୍ଣରେଖା ମହାବିଦ୍ୟାଳୟ (ଏସ୍‌ଆର୍‌ଏମ୍‌ଭି) (ବାଲିଆପାଳ) ସହିତ ସଂଯୁକ୍ତଭାବେ ଓ ଜାତୀୟ ସେବା ଯୋଜନା (ଏନଏସଏସ) ମାଧ୍ୟମରେ ଆୟୋଜିତ ହୋଇଛି। ଏହାକୁ ବିଶ୍ୱବିଦ୍ୟାଳୟର ଜନସଂଖ୍ୟା ଅଧ୍ୟୟନ ଓ ସମାଜିକ କାର୍ଯ୍ୟବିଭାଗ ସମନ୍ୱୟକ ଭାବେ କରୁଛନ୍ତି।ସର୍ଭେ ମାଧ୍ୟମରେ ଗ୍ରାମସ୍ତରରେ ପରିବାରମାନଙ୍କ ସହ ସିଧାସଳଖ କଥୋପକଥନ ଦ୍ୱାରା ନିମ୍ନଲିଖିତ ମୁଖ୍ୟ ପ୍ରସଙ୍ଗ ଗୁଡ଼ିକ ଉପରେ ତଥ୍ୟ ସଂଗ୍ରହ କରାଯାଉଛି ଯଥା ଜାତି ଓ ସମୁଦାୟର ଗଠନ, ପଛୁଆ ଶ୍ରେଣୀର ଲୋକମାନଙ୍କ ଜୀବନଜାପନ ପ୍ରଣାଳୀ, ଦରିଦ୍ର ସୀମାରୁ ତଳେ (ବିପିଏଲ୍) ପରିବାରଙ୍କ ସାମାଜିକ ଓ ଆର୍ଥିକ ପରିସ୍ଥିତି, ସରକାରୀ ଓ ବେସରକାରୀ କଲ୍ୟାଣ ଯୋଜନାର ସୁବିଧାର ଉପଲବ୍ଧି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟଗୁଡିକୁ ପ୍ରାପ୍ତ କରିବା ପାଇଁ ପ୍ରାଥମିକତା ଦିଆଯିବା।ଏହି ସର୍ଭେରେ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ଗବେଷକ, ୩୨ଜଣ



ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ୬୦ରୁ ଅଧିକ ଏନଏସଏସ ସେବକ-ସେବିକାମାନେ ଅଂଶଗ୍ରହଣ କରୁଛନ୍ତି। ସୁବର୍ଣ୍ଣରେଖା କଲେଜ (ବାଲିଆପାଳ), ଜଗନ୍ନାଥ ଡିଗ୍ରୀ କଲେଜ (ଜଳେଶ୍ୱର), ଆରଆଇଏଚଏସ କଲେଜ (ଭୋଗରାଇ), ଖଇରା କଲେଜ, ସିମୁଳିଆ କଲେଜ ଓ ମାର୍କୋଣା କଲେଜର ଏନଏସଏସ ସ୍ୱେଚ୍ଛାସେବୀ ମାନେ ଏହି କାର୍ଯ୍ୟରେ ଅଗ୍ରଣୀ ଭୂମିକା ନେଉଛନ୍ତି। ଉଦ୍ଘାଟନୀ ସଭାରେ ପ୍ରେମାନନ୍ଦ ସେଠୀ, ବ୍ରଜ ବିହାରୀ ପତି, ଅଶୋକ କୁମାର ରଥ (ପିଓ- ଏନଏସଏସ), ଗୌରଙ୍ଗ ଚରଣ ରାଉତ ,ରଞ୍ଜନ କୁମାର ପାରହୀ, ସତ୍ୟନାରାୟଣ ସାହୁ (ଏସ୍‌ଆର୍‌ଏମ୍‌ଭି)ଙ୍କ ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପିକା ରଶ୍ମିରେଖା ରାଉତ, ସୁପ୍ରିୟା ରାଉତ ଓ ସହକାରୀ ଅଧ୍ୟାପକ ସମୀର କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ସଭାକୁ ନିର୍ବାହ କରିବାରେ ଡ଼କ୍ଟର ଜଗନ୍ନାଥ ବେହେରା ଓ ଶ୍ରୀମତୀ ଜି.ବି. ମୁଣ୍ଡୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।ଏହି ଅବସରରେ କୁଳପତି ପ୍ରଫେସର ତ୍ରିପାଠୀ କହିଥିଲେ, ଏହି ସର୍ଭେ କେବଳ ତଥ୍ୟ ସଂଗ୍ରହ ପାଇଁ ନୁହେଁ, ଏହା ସମାଜ ପରିବର୍ତ୍ତନ ସହିତ ଶିକ୍ଷା ଓ ଗବେଷଣାକୁ ସେତୁବନ୍ଧରେ ପରିଣତ କରୁଛି। ଏହିପ୍ରକାର କାର୍ଯ୍ୟକ୍ରମ ଦ୍ୱାରା,ସାମାଜିକ ଦାୟିତ୍ୱ ଓ ସାର୍ବଜନୀନ ଉଦ୍ଦେଶ୍ୟ ସହିତ ଶିକ୍ଷାଗତ ଗବେଷଣାକୁ ସମନ୍ୱୟ କରି, ଫକୀରମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଏକ ଅଗ୍ରଣୀ ଉଚ୍ଚଶିକ୍ଷା ସଂସ୍ଥା ଭାବେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିବାର ଲକ୍ଷ୍ୟ ରଖିଛି।

# ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱ ଦୂର କରୁଛି ଟିପିଏନଓଡ଼ିଏଲ ଗ୍ରାହକ ସେବାକେନ୍ଦ୍ର

ବାଲେଶ୍ୱର,(ସବ୍ୟୁ): ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଏବଂ ସେମାନଙ୍କ ମଧ୍ୟରେ ସେବା ସମ୍ପର୍କିତ କୌଣସି ଦ୍ୱନ୍ଦ୍ୱ ଥିଲେ ଏହାକୁ ଦୂର କରିବା ପାଇଁ ଟିପିଏନଓଡ଼ିଏଲ ସର୍ବଦା ଗୁରୁତ୍ୱ ଦେଇ ଆସିଛି । ବିଶେଷତଃ ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟରକୁ ନେଇ ଥିବା ଦ୍ୱନ୍ଦ୍ୱ ଦୂର କରିବାକୁ ଟିପିଏନଓଡ଼ିଏଲ ଅଗ୍ରାଧିକାର ଦେଇଛି। ଉପଭୋକ୍ତାଙ୍କ ମଧ୍ୟରେ ସ୍ମାର୍ଟ ମିଟର ସମ୍ପର୍କିତ ସଚେତନତା ସୃଷ୍ଟି କରିବା ତଥା ଏ ନେଇ ସେମାନଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଟିପିଏନଓଡ଼ିଏଲର ପ୍ରତ୍ୟେକ ଗ୍ରାହକ ସେବା କେନ୍ଦ୍ରରେ ସ୍ମାର୍ଟ ମିଟର ଓ ସାଧାରଣ ବୈଦ୍ୟୁତିକ ମିଟର ସ୍ଥାପନ କରାଯାଇଛି। ଦୁଇଟି ମିଟରକୁ ସମାନ ବୈଦ୍ୟୁତିକ ଲୋଡ୍ ପ୍ରଦାନ କରାଯାଇ ସ୍ମାର୍ଟ ମିଟର ସମ୍ପର୍କିତ ଦ୍ୱନ୍ଦ୍ୱକୁ ଉପସ୍ଥିତ ଗ୍ରାହକ ସେବା ଅଧିକାରୀ ଦୂର କରିବାରେ ସହାୟତା କରୁଛନ୍ତି । ଟିପିଏନଓଡ଼ିଏଲର ବର୍ତ୍ତମାନ ୧୬ଟି




ଡିଭିଜନ ଅଞ୍ଚଳରେ ଥିବା ଗ୍ରାହକ ସେବା କେନ୍ଦ୍ରରେ ଏହି ବ୍ୟବସ୍ଥା ଉପଲବ୍ଧ ରହିଛି । ବାଲେଶ୍ୱରରେ ଥିବା ୫ଟି ଗ୍ରାହକ ସେବା କେନ୍ଦ୍ର, ଭଦ୍ରକରେ ୨ଟି, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ୩ଟି ଲେଖାଏଁ ଗ୍ରାହକ ସେବା କେନ୍ଦ୍ରରେ ଏହି ସୁବିଧା କରାଯାଇଛି। ଯାହାକି ଉପଭୋକ୍ତାମାନଙ୍କ ସ୍ମାର୍ଟ ମିଟର ସମ୍ପର୍କିତ ସମାସ୍ୟା ଦୂର କରିବାରେ ସହାୟକ ହେଉଛି। ସୂଚନା ଥାଉକି, ଉପଭୋକ୍ତା ବିଶ୍ୱସନୀୟତା ଓ ସେବାରେ ଉନ୍ନତି ଓ ଉତ୍କର୍ଷ ଆଣିବା ଦିଗରେ ଏକ ମାଇଲଖଣ୍ଟ ସ୍ୱରୂପ ଥିବା ମିଟର ପରୀକ୍ଷଣ ଲ୍ୟାବକୁ ସମ୍ମାନଜନକ ନ୍ୟାସନାଲ୍ ଆକ୍ରିଡେସନ୍ ବୋର୍ଡ ଅଫ୍ ଟେଷ୍ଟିଂ ଆଣ୍ଡ୍ କାଲିବ୍ରେସନ୍ ଲାବୋରେଟୋରିଜ୍ (ଏନ୍‌ଏବିଏଲ୍) ମାନ୍ୟତା ପ୍ରଦାନ କରାଯାଇଛି। ଏନଏବିଏଲର ଏହି ମାନ୍ୟତା ହେଉଛି ଲ୍ୟାବର ବୈଷୟିକ ଦକ୍ଷତା, ଆନ୍ତର୍ଜାତିକ ମାନ ପୂରଣ କରିବା ଏବଂ ସଠିକ୍ ଓ ଭରସାଯୋଗ୍ୟ ପରୀକ୍ଷଣ ଫଳାଫଳ ପ୍ରଦାନ କରିବାର ଏକ ପ୍ରମାଣ। ଏହା ଦ୍ୱାରା ଉତ୍ତର ଓଡ଼ିଶାର ଉପଭୋକ୍ତାମାନେ ବେଶ୍ ଉପକୃତ ହେବେ।

(ଶ୍ରୀମଦ୍‌ଭଗବଦ୍ ଗୀତା ୧୮ / ୩୬)
–ମୋକ୍ଷଯୋଗଃ–
(ଶ୍ରୀଭଗବାନୁବାଚ)

**ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ**
**ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଞ୍ଚ ନିଗଚ୍ଛତି ।। ୩୬ ।।**

(ହେ ଭାରତବ:ଭ ! ଇଦାନୀଂ (ଅଧୁନା) ତ୍ରିବିଧଂ ସୁଖଂ ତୁ ମେ (ମାତ୍‌କାଶାତ୍) ଶୃଣୁ । (ସାତ୍ତ୍ୱିକଂ ସୁଖମାହ) ଯତ୍ର (ଯସ୍ମିନ୍ ସୁଖେ) ଅଭ୍ୟାସାତ୍ (ଅତିପରିଚୟାତ୍) (ନ ତୁ ବିଷୟସୁଖମିବ ସହସା) ରମତେ (ରତିଂ ପ୍ରାପ୍ନୋତି), (ଯସ୍ମିନ୍ ରମମାଣଶ୍ଚ) ଦୁଃଖାନ୍ତ (ଦୁଃଖସ୍ୟ ଅବସାନଂ), ନିଗଚ୍ଛତି (ନିତରାଂ ପ୍ରାପ୍ନୋତି) ॥ ୩୬ ॥

# ଓଡ଼ିଶା ବାହାରେ ଓଡ଼ିଆ

୧୯୩୬ ଏପ୍ରିଲ ପହିଲାରେ ଭାଷା ଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହୋଇଥିଲା । କିନ୍ତୁ ଆହୁରି ଅନେକ ଓଡ଼ିଆମାନଙ୍କ ଅଞ୍ଚଳ ଓଡ଼ିଶା ବାହାରେ ରହିଗଲା । ଓଡ଼ିଶା ଅଞ୍ଚଳର ସେମାନେ ହୋଇ ନଥିବାରୁ ସେମାନଙ୍କୁ ଓଡ଼ିଆ ବୋଲି କୁହାଯାଇ ପାରିବ । ମାତ୍ର ସେମାନେ ଓଡ଼ିଶାର ବୋଲି କୁହାଯାଇ ପାରିବ ନାହିଁ । ଭୌଗଳିକ ଦୃଷ୍ଟିରୁ ସେମାନଙ୍କୁ ଅବିଭକ୍ତ ବିହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଅବିଭକ୍ତ ମଧ୍ୟପ୍ରଦେଶ ରାଜ୍ୟରେ ରହିବାକୁ ପଡ଼ିଲା । ସବୁଠାରୁ ଦୁଃଖର କଥା, ଅନ୍ୟ ରାଜ୍ୟରେ ରହିଥିଲେ ମଧ୍ୟ ସେମାନେ ଦିନେ ନା ଦିନେ ଓଡ଼ିଶା ପ୍ରଦେଶରେ ଅର୍ନ୍ତଭୁକ୍ତ ହେବେ ବୋଲି ଭାବୁଥିଲେ । ତାହା ଏତେ ସହଜ କଥା ନଥିଲା । ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଷଢ଼େଇକଳା ଓ ଖରସୁଆଁ ଦିନେ ନା ଦିନେ ଓଡ଼ିଶା ରାଜ୍ୟକୁ ଫେରି ଆସିବ ବୋଲି ସେଠାକାର ଓଡ଼ିଆମାନେ ଆଶା କରିଥିଲେ । ଏଥିପାଇଁ ଆନ୍ଦୋଳନ ମଧ୍ୟ ହୋଇଥିଲା । ମାତ୍ର ତତ୍କାଳୀନ ବିହାରର କଂଗ୍ରେସ ନେତା ରାଜେନ୍ଦ୍ର ପ୍ରସାଦ (ଯିଏ କି ପରବର୍ତ୍ତୀ କାଳରେ ଭାରତର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ) ତାଙ୍କରି ଚକ୍ରାନ୍ତ ଫଳରେ ଷଢ଼େଇକଳା ଓ ଖରସୁଆଁ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ହୋଇ ମଧ୍ୟ ଓଡ଼ିଶା ରାଜ୍ୟରେ ମିଶି ପାରି ନଥିଲା । ଏକଦା ବୀର ଓଡ଼ିଆ ଜାତିର ବୀରତ୍ୱ ଓ ବରତ୍ୱ ଲୋପ ପାଇଥିଲା । ବିହାର ରାଜ୍ୟ ଦ୍ୱିଧା ବିଭକ୍ତ ହେବାରୁ ନଭେମ୍ବର ୧୫ (୨୦୦୦)ରେ ଝାଡ଼ଖଣ୍ଡ ରାଜ୍ୟର ସୃଷ୍ଟି ହେଲା । ଉଭୟ ଷଢ଼େଇକଳା ଓ ଖରସୁଆଁ ରାଜ୍ୟ ଝାଡଖଣ୍ଡ ରାଜ୍ୟର ଅର୍ନ୍ତଭୁକ୍ତ ହୋଇଥିଲା । ସେହିପରି ମଧ୍ୟପ୍ରଦେଶ ରାଜ୍ୟ ଦୁଇଭାଗରେ ବିଭକ୍ତ ହେବାରୁ ଗତ ୨୦୦୦ ନଭେମ୍ବରରୁ ଛତିଶଗଡ଼ ରାଜ୍ୟ ଗଠିତ ହୋଇଥିଲା । ଛତିଶଗଡ଼ରେ ବହୁ ସଂଖ୍ୟାରେ ଓଡ଼ିଆ ଥିଲେ ମଧ୍ୟ ସେମାନେ ମଧ୍ୟ ଓଡ଼ିଶାକୁ ତାଙ୍କୁ ନିଜ ରାଜ୍ୟ ବୋଲି ଭାବିବାର ସୁଯୋଗ ଆଉ ନଥିଲା ।

ପଶ୍ଚିମବଙ୍ଗରେ ମେଦିନିପୁର (ମିଦନାପୁର) ଓ ଆନ୍ଧ୍ର ପ୍ରଦେଶର ମଞ୍ଜୁଷା, ବିଶାଖାପାଟଣା, ଶ୍ରୀକାକୁଲମ ପ୍ରଭୃତି ଅଞ୍ଚଳମାନଙ୍କରେ ବହୁ ଓଡ଼ିଆ ବସବାସ କରୁଛନ୍ତି । ସେମାନେ ସ୍ୱମତ୍ତେ କୌଣସିମତେ ଓଡ଼ିଆ ଭାଷାକୁ ନିଜ ଘରେ ବା ପଡୋଶୀଙ୍କ ସହିତ ନିଜ ଗ୍ରାମ ବା ସହରରେ ବଞ୍ଚାଇ ରଖିଥିଲେ ମଧ୍ୟ ଓଡ଼ିଶା ସରକାର ବା ଓଡ଼ିଶା ଲୋକଙ୍କ ପ୍ରୋତ୍ସାହନ ଅଭାବ କାରଣରୁ ସେ ଦିଗରେ ସେମାନେ ଆଗେଇ ପାରି ନଥିଲେ ।

ଦୁଃଖର କଥା ଓଡ଼ିଶା ବାହାରେ ଓଡ଼ିଆମାନେ ବିଶେଷକରି ପଶ୍ଚିମବଙ୍ଗ ଅଞ୍ଚଳରେ ବଞ୍ଚି ରହିବାକୁ ନିଜକୁ ଆଉ ଓଡ଼ିଆ ବୋଲି ପରିଚୟ ଦେଇ ନଥିଲେ । ଫଳରେ ମିଦିନାପୁର ଅଞ୍ଚଳରେ ଅନେକ ବ୍ୟକ୍ତି ସେମାନଙ୍କର ସାଙ୍ଗିଆକୁ ପଣ୍ଡାରୁ ପାଣ୍ଡାକୁ ପରିବର୍ତ୍ତନ କରିଦେଲେ । ଆଉ କେତେ ଓଡ଼ିଆ ନାଁ ଶେଷରେ ସାଙ୍ଗିଆକୁ ସାମଲରୁ ସାସମଲ କରିଦେଇ ବଙ୍ଗାଳୀ ସମାଜରେ କୌଣସି ମତେ ପଶିଯାଇ ରକ୍ଷା ପାଇଗଲେ । ସେହିପରି ଅବିଭକ୍ତ ଆନ୍ଧ୍ର ପ୍ରଦେଶରେ ଅନେକ ସେମାନଙ୍କର ସାଙ୍ଗିଆକୁ ଦୃଷ୍ଟାନ୍ତ ସ୍ୱରୂପ ହରିହର ମହାପାତ୍ର ହୋଇଗଲେ ଏମ୍. ହରିହର, ଜନାର୍ଦ୍ଦନ ଦାସ ମଧ୍ୟ ହୋଇଗଲେ ଡି. ଜନାର୍ଦ୍ଦନ ।

ଏପରି ଅବସ୍ଥାରେ ଝାଡ଼ଖଣ୍ଡ ବାସିନ୍ଦା, ଓଡ଼ିଆ ଡାକ୍ତର, ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡଙ୍ଗୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ମାସକ ତଳେ ୧୪ ଦଫା ସମ୍ବଳିତ ଏକ ଦାବିପତ୍ର ଦେଇଥିଲେ । ତହିଁରେ ସେ ଉଲ୍ଲେଖ କରିଥିଲେ ଯେ ଅବିଭକ୍ତ ବିହାର ରାଜ୍ୟରେ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଅଣ ଓଡ଼ିଆ ଭାଷାରେ ଥିବା ପାଠ୍ୟ ପୁସ୍ତକ ସବୁକୁ ଓଡ଼ିଆ ଭାଷାରେ ପ୍ରକାଶ କରାଇବା ସହିତ ଏମ୍. ଆଇ. ଏଲ୍ ପୁସ୍ତକକୁ ମଧ୍ୟ ପ୍ରକାଶ କରାଯାଉ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେ ସବୁ ମାଗଣାରେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଉ । ଓଡ଼ିଆ ଏମ୍. ଆଇ. ଏଲ୍‌ର ନୂତନ ସଂସ୍କରଣ ନବମ ଓ ଦଶମ ଶ୍ରେଣୀ ପାଇଁ ଓଡ଼ିଶା ପାଠ୍ୟ ପୁସ୍ତକ କମିଟିଦ୍ୱାରା ପ୍ରସ୍ତୁତ କରାଯାଇ ସଂଶୋଧନ କରାଯାଉ । ଏଥିପାଇଁ ଝାଡଖଣ୍ଡ ରାଜ୍ୟ ସହ ପରାମର୍ଶ ମଧ୍ୟ କରାଯାଉ । ଡାକ୍ତର ଷଡଙ୍ଗୀ ଓଡ଼ିଶା ଓ ଝାଡଖଣ୍ଡ ଅଞ୍ଚଳର ଜଣେ ଲୋକପ୍ରିୟ ବିଜେପି ନେତା । ତେଣୁ ରାଜ୍ୟ ସରକାର ତାଙ୍କ କଥାକୁ ଗୁରୁତ୍ୱ ଦେଇ ଓଡ଼ିଶା ବାହାରେ ଥିବା ଓଡ଼ିଆ ପିଲାମାନଙ୍କର ପାଠପଢ଼ା ସମସ୍ୟା ଦୂର କରିବାକୁ ଆମର ନିବେଦନ । ଓଡ଼ିଶା ବାହାରେ ରହୁଥିବା ଓଡ଼ିଆ ଓ ଓଡ଼ିଶା ବାହାରକୁ ଯାଉଥିବା ଦାଦନ ଶ୍ରମିକଙ୍କ ପାଇଁ ଏହିପରି ଦୁଇଟି ପୃଥକ ବିଭାଗ ମଧ୍ୟ ରାଜ୍ୟ ସରକାର ସୃଷ୍ଟି କରନ୍ତୁ ।

## ଶୂନ୍ୟ ସାଧନା

**କୃଷକ ଜମିକୁ, ରସାୟନବିଦ୍ ରାସାୟନିକ ପଦାର୍ଥକୁ, ଲେଖକ କାଗଜ କଲମକୁ, ଶାସ୍ତ୍ରବିଦ୍ ଶାସ୍ତ୍ରକୁ ନିଜର ଭିତ୍ତିଭୂମି କରି ଫଳ ଆଶା କରିଥାନ୍ତି । କିନ୍ତୁ ପ୍ରକୃତ ସନ୍ନ୍ୟାସୀ, ସନ୍ଥ କିମ୍ବା ଭକ୍ତ କେବଳ ଶୂନ୍ୟକୁ ନିଜି ସାଧନାର ଭିତ୍ତିଭୂମି କରି ପୂର୍ଣ୍ଣଫଳ ପ୍ରାପ୍ତି କରିଥାନ୍ତି ।**

*ଲେଖକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଯୁଦ୍ଧ ଆବଶ୍ୟମ୍ଭାବୀ, ଶାନ୍ତି ଫେରିବ କେବେ ?



ପ୍ରଫୁଲ୍ଲ କୁମାର ପଣ୍ଡା

ସ୍କୁଲରେ ପଢୁଥିବା ବେଳେ ସାହିତ୍ୟ ବହିରେ ଗୋଟେ ଗଦ୍ୟ ଥିଲା 'ଯୁଦ୍ଧ କଣ ଆବଶ୍ୟମ୍ଭାବି ?' ସେହି ସମୟରେ ଏ ଅଜ୍ଞାନ ଅବୋଧ କୋମଳମତି ଚପଳ ବାଳକ ମନରେ ସେହି ଗଦ୍ୟରେ ଥିବା ବିଷୟବସ୍ତୁ ସମ୍ପୂର୍ଣ୍ଣ ଅବୋଧ ଥିଲା । ସାମ୍ପ୍ରତିକ ବିଶ୍ୱର ବାତାବରଣରେ ଯେଭଳି ବିଭିନ୍ନ ଦେଶ ଦେଶ ମଧ୍ୟରେ ଭିନ୍ନ ଭିନ୍ନ କାରଣ ନେଇ ଯୁଦ୍ଧ ଲାଗି ରହିଛି, ସେ ସବୁକୁ ଅନୁଶୀଳନ କଲେ ଆମ୍ଭର ହୃଦ୍‌ବୋଧ ହେଉଛି ବିଶ୍ୱରେ ଯୁଦ୍ଧ କେବେବି ବନ୍ଦ ହେବ ନାହିଁ । ବିଶ୍ୱରେ ସମ୍ପୂର୍ଣ୍ଣ ଶାନ୍ତି କାଏମ୍ ରହିବା ଏକପ୍ରକାର ଅସମ୍ଭବ ମନେ ହେଉଛି । ପୃଥିବୀ ପୃଷ୍ଠରେ ରାଜ୍ୟ ରାଜ୍ୟ, ଦେଶ ଦେଶ, ଗୋଷ୍ଠୀ ଗୋଷ୍ଠୀ, ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ ସବୁ ଯୁଗରେ ହେଉଥିଲା । ପୁରାଣ ଯୁଗରେ ରାମ ରାବଣ ଯୁଦ୍ଧ, କୌରବ ପାଣ୍ଡବ ଯୁଦ୍ଧ, ଜରାସନ୍ଧ ଶ୍ରୀକୃଷ୍ଣ ଯୁଦ୍ଧ, ପର୍ଶୁରାମ ଓ କ୍ଷେତ୍ରୀୟ ରାଜାଙ୍କ ଯୁଦ୍ଧ ମଧ୍ୟରେ ଜଳନ୍ଧର ଓ ମହାଦେବଙ୍କ ଯୁଦ୍ଧ ଇତ୍ୟାଦି ଅନେକ ସଂଗ୍ରାମ ସଂଘଟିତ ହୋଇଥିବାର ସୂଚାଯାଇଛି । ସେହିଭଳି ଇତିହାସରେ କଳିଙ୍ଗ ଯୁଦ୍ଧ, ନନ୍ଦରାଜା ଓ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ମଧ୍ୟରେ ଯୁଦ୍ଧ, ଗ୍ରୀକ୍ ରାଜା ଅଲେକଜାଣ୍ଡରଙ୍କ ଭାରତ ସମେତ ଅନେକ ଦେଶ ଉପରେ ଆକ୍ରମଣ, ମୋଗଲ ସମୟରେ ପାନିପଥ ଯୁଦ୍ଧ, ମୋଗଲ ଓ ମରାଠାମାନଙ୍କ ମଧ୍ୟରେ ଯୁଦ୍ଧ, ମହମ୍ମଦ ଗଜନି ଓ ଚେଙ୍ଗିଜ୍ ଖାନ୍‌ଙ୍କ ଭାରତ ଆକ୍ରମଣ ଇତ୍ୟାଦି ଅବତରଣା ରହିଚି । ଭାରତରେ ଇଂରେଜମାନଙ୍କ ଶାସନ ପ୍ରତିଷ୍ଠା ପାଇଁ ବିଭିନ୍ନ ଦେଶୀୟ ରାଜାଙ୍କ ମଧ୍ୟରେ ଅନେକ ସଂଘର୍ଷ ଘଟିଛି । ଇତିହାସରେ ଅନେକ ମୁକ୍ତି ଯୁଦ୍ଧର ମଧ୍ୟ ନଜିର ରହିଛି । ଯେମିତି କି ରୁଷ୍ ବିପ୍ଳବ, ଆମେରିକାନ ସ୍ୱତନ୍ତ୍ରତା ବିପ୍ଳବ, ଫରାସୀ ବିପ୍ଳବ, ଭାରତରେ ସ୍ୱାଧୀନତା ବିପ୍ଳବ, ବାଂଲାଦେଶରେ ମୁକ୍ତି ସଂଗ୍ରାମ, ଇତ୍ୟାଦି ଇତ୍ୟାଦି । ଏଥିରୁ ପ୍ରମାଣିତ ହୁଏ ଯେ ସବୁ କାଳଖଣ୍ଡରେ ଯୁଦ୍ଧ ବା ସଂଘର୍ଷ କୋଉଠି ନା କୋଉଠି ଲାଗି ରହିଛି । ଆଧୁନିକ ଯୁଗରେ ଦୁଇଟି ବିଶ୍ୱଯୁଦ୍ଧ ସଂଘଟିତ ହୋଇଛି, ଭାରତ ଚୀନ, ଭାରତ ପାକିସ୍ତାନ, ଇରାକ ଇରାନ, ଆରବ ଦେଶ ସମୂହ ଇସ୍ରାଏଲ ଯୁଦ୍ଧମାନ ହୋଇଛି । ସଂପ୍ରତି ଇସ୍ରାଏଲ ଓ ଲୋବାନନ୍‌ର ଗାଜାଷ୍ଟ୍ରିପରେ ଯୁଦ୍ଧ ଜାରି ରହିଛି । ରୁଷ ୟୁକ୍ରେନ ଯୁଦ୍ଧର ଅବସାନ ଘଟିନି । ଇରାନ ଓ ଇସ୍ରାଏଲ ମଧ୍ୟରେ ସାମୟିକ ଯୁଦ୍ଧ ବିରତି ଲାଗୁ ଅଛି । ଏହି ପ୍ରସଙ୍ଗରେ ଆଗକୁ ବଢ଼ିବା ପୂର୍ବରୁ କେତୋଟି ମୂଳଭିତ୍ତି ପ୍ରସଙ୍ଗ ଉପରେ ଦୃଷ୍ଟି ନିବଦ୍ଧ କରିବା ଆବଶ୍ୟକ ।

ପ୍ରଥମ ପ୍ରଶ୍ନ ହେଉଛି ଯେତେ ସବୁ ଯୁଦ୍ଧ ବା ସଂଘର୍ଷ ବିଭିନ୍ନ ସମୟରେ ବିଭିନ୍ନ ଜାଗାରେ ଘଟି ଯାଉଛି ସେ ସବୁର ମୌଳିକ କାରଣ କଣ ? ଯୁଦ୍ଧ ହେଲେ ତାହା କି ପ୍ରକାର ପ୍ରଭାବ ପକାଇ ଥାଏ? ଯୁଦ୍ଧ ସମ୍ପୂର୍ଣ୍ଣ ରୋକା ଯାଇ ପାରିବ କି ? ବିନା ଯୁଦ୍ଧ ସମ୍ପୂର୍ଣ୍ଣ ଶାନ୍ତିର ବିଶ୍ୱ ପରିକଳ୍ପନା କରାଯାଇପାରିବ କି? ଯୁଦ୍ଧର କାରଣମାନ ତର୍ଜମା କଲେ କେତେଗୋଟି ମୁଖ୍ୟ କାରଣ ସାମ୍ନାକୁ ଆସିବାର ପ୍ରମୁଖ କାରଣ ହେଉଛି – ଆଧିପତ୍ୟ ବିସ୍ତାର କରିବା, ସମାଜ ବା ଦେଶର ପରିସୀମା ବଢ଼ାଇବା, ଶାସକମାନଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତା , ଅନ୍ୟ ବିଦେଶୀ ଶକ୍ତିଙ୍କର ଚକ୍ରାନ୍ତ , ନିଜ ଦେଶର ସୀମା ସୁରକ୍ଷା, ମୂଲ୍ୟବାନ ସମ୍ପତ୍ତି ଲୁଣ୍ଠନ କରିବା, ପଡୋଶୀ ରାଜ୍ୟ ବା ଦେଶର ଶକ୍ତି ବୃଦ୍ଧି ରୋକିବା, ଗୋଟିଏ ଧାର୍ମିର ସମ୍ପ୍ରଦାୟ ଅନ୍ୟ ଗୋଟିଏ ଧର୍ମର ସମ୍ପ୍ରଦାୟର ଅଭିବୃଦ୍ଧିକୁ ରୋକିବା । ଆନ୍ତର୍ଜାତିକ ସମୀକରଣ ଇତ୍ୟାଦି ଇତ୍ୟାଦି ।

ଏବେ ଆସନ୍ତୁ, ଯୁଦ୍ଧର ବିଭୀଷିକା ଓ କୁପରିଣତି ଉପରେ ଆଲୋକପାତ କରିବା । ଯୁଦ୍ଧର ପରିଣତି ସବୁ ସମୟରେ ଭୟଙ୍କର ଏବଂ ସମାଜ ଓ ଦେଶ ପାଇଁ ସାଙ୍ଘାତିକ ଆର୍ଥିକ, ସାମାଜିକ ଓ ରାଜନୈତିକ ଦୁର୍ଗତି ଆଣି ଦେଇଥାଏ । ଲୋକମାନେ ପୋକମାଛି ପରି ମରନ୍ତି, ଅଗଣିତ ଜନସମୂହଙ୍କ ଘର ସଂସାର ଉଜୁଡି ଯାଏ, ଘର ଦ୍ୱାର ଚୁଲି ଚାଳ ଧ୍ୱଂସ ହୋଇଯାଏ, କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପୋଲ, ରାସ୍ତା, ସର୍ବସାଧାରଣ କୋଠା ବାଡି ଧ୍ୱଂସ ହୋଇଯାଏ । ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ବିଷୟରେ ଦୃଷ୍ଟି ପକାଇଲେ ଅତ୍ୟନ୍ତ ଦୁଃଖ ଓ ଅମାନବୀୟ ଘଟଣା ସମ୍ମୁଖକୁ ଆସୁଛି । ଇସ୍ରାଏଲର ଗାଜାଷ୍ଟ୍ରିପରେ ହୋଇଥିବା ଆକ୍ରମଣ ମାନବାଧିକାର ହନନର ଏକ ଜ୍ୱଳନ୍ତ ଉଦାହରଣ । ହଜାର ହଜାର ଲୋକ ମୃତ୍ୟୁବରଣ କଲେଣି, ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ଅଧିକ ଶିଶୁ ଓ ମହିଳା । ଖାଦ୍ୟାଭାବ ଓ ଚିକିତ୍ସା ଅଭାବରୁ ଲୋକମାନେ ଅଭାବନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଖାଦ୍ୟ ଓ ଜଳ ଅଭାବରୁ ମୃତ୍ୟୁ ମୁଖରେ ପଡୁଛନ୍ତି । କିନ୍ତୁ ନିଜର ସାମରିକ ଶକ୍ତି ବଳ ଓ ବ୍ୟକ୍ତିଗତ ଅହଙ୍କାର ଓ ଜିଦ୍ ଯୋଗୁଁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଓ ସେନା ସମୂହ ଯୁଦ୍ଧ ଜାରି ରଖିଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ ପରେ ୧୯୪୫ ମସିହା ଅକ୍ଟୋବର ମାସ ତା ୨୦ ରିଖ ଦିନ ସଂଯୁକ୍ତ ରାଷ୍ଟ୍ର ସଂଗଠନ (United Nations Organisation ) ଗଠନ କରାଗଲା । ଏହା ଥିଲା ଆମେରିକା ଜାପାନର ହିରୋସୀମା ଓ ନାଗାସାକି ସହର ଉପରେ ଆଣବିକ ବୋମା ପକାଇବାର ପରେ ପରେ ଆଣବିକ ଯୁଦ୍ଧ କେତେ ଭୟଙ୍କର ଦୁର୍ଗତି ଆଡକୁ ନେଇଯାଏ, ସମଗ୍ର ବିଶ୍ୱବାସୀ ତାହା ଅନୁଭବ କରିଛନ୍ତି । ଆଣବିକ ଯୁଦ୍ଧ ଯେ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେଇ ପାରିବ ଏ ସମ୍ବନ୍ଧରେ କାହାର କିଛି ସନ୍ଦେହର ଅବକାଶ ରହିଲାନି । ତେଣୁ ସମଗ୍ର ବିଶ୍ୱବାସୀ ଏକ ଆତଙ୍କିତ ଭବିଷ୍ୟତକୁ ପରିକଳ୍ପନା କରି ଚିନ୍ତିତ ହୋଇପଡିଲେ । ବିଶ୍ୱରେ ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା ଦିଗରେ ନିର୍ଦ୍ଦେଶ ଦେବାପାଇଁ ଆମେରିକାର ପରୋକ୍ଷ ନେତୃତ୍ୱରେ ସଂଯୁକ୍ତ ରାଷ୍ଟ୍ର ସଂଗଠନ ଗଠନ କରାଗଲା । ଉଦ୍ଦେଶ୍ୟ ଥିଲା ସଦସ୍ୟ ରାଷ୍ଟ୍ରମାନେ ଏହା ଦ୍ୱାରା ପ୍ରଣୀତ ନିୟମଗୁଡ଼ିକୁ ମାନି ଚଳିବେ, ଯଦ୍ଦ୍ୱାରା ବିଶ୍ୱରେ ଦେଶ ଦେଶ ମଧ୍ୟରେ ଯୁଦ୍ଧକୁ ରୋକା ଯାଇପାରିବ ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ।

ଆମେ ଯଦି ବାସ୍ତବତାକୁ ପର୍ଯ୍ୟାଲୋଚନା କରିବା, ତେବେ ମନେ ହେବ ଆଜିକା ଦିନରେ ସଂଯୁକ୍ତ ରାଷ୍ଟ୍ର ସଂଗଠନ ଏକ ନଖ ଓ ଦାନ୍ତ ନ ଥିବା ବାଘ ପାଲଟି ଯାଇଛି । ବିଶ୍ୱରେ ବଡ଼ ମାଛ ଛୋଟ ମାଛକୁ ଖାଇବ , ଏହି ନୀତି ଦୃଷ୍ଟି ଗୋଚର ହେଉଛି । ଯୁକ୍ତରାଷ୍ଟ୍ର ଆମେରିକା ଓ ତାର ସହଯୋଗୀ ଦେଶମାନେ ଏକପ୍ରକାର ଏହି ମହତାକାଂକ୍ଷୀ ସଂଗଠନ କବ୍ଜା କରିନେଇଛନ୍ତି । ଜାତିସଂଘ ସୁରକ୍ଷା ପରିଷଦର (security council) ସ୍ଥାୟୀ ସଦସ୍ୟ ଯଥା ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ୍, ଫ୍ରାନ୍ସ, ଇଂଲଣ୍ଡଙ୍କର ଭିଟୋ ପାୱାର ଅଛି । ଆମ ଅଭିଜ୍ଞତା କହୁଛି ଏହି ଭିଟୋ ପାୱାର ଉପଯୋଗ ଅପେକ୍ଷା ଦୁରୁପଯୋଗ ବେଶି ହେଉଛି । ଉଦାହରଣ ସ୍ୱରୂପ ଭାରତକୁ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ କରିବା ପାଇଁ ଅଧିକାଂଶ ସଦସ୍ୟ ରାଷ୍ଟ୍ର ସହମତି ପ୍ରକାଶ କରିଥିଲା ବେଳେ ଚୀନ ଭିଟୋ ପାୱାର ପ୍ରୟୋଗ କରି ତାହା କରାଇ ଦେଉନି । ସେହିଭଳି ଆତଙ୍କବାଦ ପ୍ରସଙ୍ଗରେ ଏହି ରାଷ୍ଟ୍ରମାନେ ଦୋହରା ନୀତି ଅନୁସରଣ କରୁଛନ୍ତି, ଏହାଦ୍ୱାରା ସଂଯୁକ୍ତ ରାଷ୍ଟ୍ର ସଂଗଠନ ନାମକୁ ମାତ୍ର ଥିଲା ଭଳି ଅନୁଭବ ହେଉଛି । 'ଜୋର ଯାହାର ମୂଲକ ତା'ର' ନୀତି ସ୍ପଷ୍ଟ ଭାବେ ଦେଖାଯାଉଛି । ଆମେରିକା ଓ ତାର ସହଯୋଗୀ ରାଷ୍ଟ୍ରମାନେ ଯେ କୌଣସି ଦେଶ ଉପରେ ଆକ୍ରମଣ କରୁଛନ୍ତି । ରୁଷିଆ ଆକ୍ରମଣ କରିବା ଦ୍ୱାରା ଉଭୟ ଦେଶର ଅକଳନ ଧନ ଜୀବନ କ୍ଷତି ହୋଇ ଚାଲିଛି । ଯୁଦ୍ଧ ରୋକିବାକୁ ସଂଯୁକ୍ତ ରାଷ୍ଟ୍ର ସଂଗଠନ ସମ୍ପୂର୍ଣ୍ଣ ବିଫଳ ।

ଏପରିକି ଗାଜାପଟିରେ ଇସ୍ରାଏଲ ଆକ୍ରମଣ ଦ୍ୱାରା ଅସଂଖ୍ୟ ଜୀବନ ହାନୀ ଘଟିବା ସତ୍ତ୍ୱେ ସେଠାରେ ଅତ୍ୟାବଶକୀୟ ଖାଦ୍ୟ, ଜଳ ଓ ଔଷଧ ଯୋଗାଇବା ସମ୍ଭବ ହେଉନି । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (world health organisation) ଓ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ଆକ୍ରମଣର ଶିକାର ହେଉଛନ୍ତି । ଏହି ପରିସ୍ଥିତିରେ ଯୁଦ୍ଧ ରୋକିବା ଓ ଶାନ୍ତି ପ୍ରତିଷ୍ଠା କରିବାକୁ ସଂଯୁକ୍ତ ରାଷ୍ଟ୍ର ସଂଗଠନ କ୍ଷମତା ବାହାରର କଥା ଉପରୋକ୍ତ ଯୁକ୍ତିଗୁଡ଼ିକୁ ଅନୁଶୀଳନ କଲେ ଦୁଃଖ ହେଲା ଭଳି ଅନୁଭବ ହେଉଛି । ଏହି କଥା ପ୍ରତୀୟମାନ ହେଉଛି ଯେ ଯୁଦ୍ଧମୁକ୍ତ ବିଶ୍ୱ ପରିକଳ୍ପନା ଏକ ଦିବା ସ୍ୱପ୍ନ ପରି, ଯାହା ବାସ୍ତବତା ଠାରୁ ବହୁତ ଦୂରରେ । ତେବେ ଆମେ କଣ ଧରି ନବା ଯେ ସମଗ୍ର ବିଶ୍ୱ କେବେ ହେଲେ ଯୁଦ୍ଧ ମୁକ୍ତ ହୋଇପାରିବନି ? ଯୁଦ୍ଧର ଘନଘଟାରେ ନିରୀହ ଜନ ସମୁଦାୟ କଣ ଏହିଭଳି ପୋକ ମାଛି ପରି ମରୁଥିବେ ? ଏବଂ ଅକଥନୀୟ ଦୁର୍ଦ୍ଦଶା ଭୋଗୁଥିବେ ? ଏହିଭଳି କ'ଣ ଦିନେ ପରମାଣୁ ଯୁଦ୍ଧରେ ପୃଥିବୀ ଆଂଶିକ ବା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ?

ଯୁଦ୍ଧ ବିଜ୍ଞାନ କଣ ଧ୍ୱଂସ ପାଇଁ ଅଭିପ୍ରେତ ? ଆମେରିକା, ରୁଷିଆ, ଚୀନ, ଇଂଲଣ୍ଡ ଭଳି ଶକ୍ତିଶାଳୀ ରାଷ୍ଟ୍ରମାନେ ଏବଂ ରାଷ୍ଟ୍ରନେତାମାନେ ସେମାନଙ୍କର ଅହଂକାର ଏବଂ ସାମରିକ ଶକ୍ତି ବଳରେ କଣ ବିଶ୍ୱ ଓ ପ୍ରାଣୀ ଜଗତକୁ ଧ୍ୱଂସ ମୁଖକୁ ନିକ୍ଷେପ କରି ଚାଲିଥିବେ ? ବିଶ୍ୱସ୍ତରରେ ଏଇ ଯୁଦ୍ଧ ସମସ୍ୟାର ମୁଖ୍ୟ କାରଣ ହେଉଛି ଅର୍ନ୍ତଜାତୀୟ , ଭୌଗୋଳିକ, ସାମରିକ ଓ ରାଜନୀତିକ ସମୀକରଣରେ ଅସନ୍ତୁଳନ । ବହୁ ଦିନରୁ ତତ୍କାଳୀନ ସୋଭିଏତ ୟୁନିୟନ୍ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଆସୁଥିଲା । ସୋଭିଏତ ୟୁନିୟନ୍‌ର ବିଘଟନ ପରେ ସେହି ପରିସ୍ଥିତି ରୁଷିଆ ଓ ଆମେରିକା ମଧ୍ୟରେ ଜାରି ରହିଛି, ଯଦିଓ ତୀବ୍ରତାରେ କିଛିଟା କମ୍ ଆସିଛି । ଆମେରିକାର ସହଯୋଗୀ ୟୁରୋପୀୟ ୟୁନିୟନ୍ ଦେଶ ସମୂହ ଓ ରୁଷର ସହଯୋଗୀ ଚୀନ୍ ଓ କୋରିଆ ମଧ୍ୟରେ ସବୁ ସମୟରେ କୁଟନୈତିକ ଓ ବାଣିଜ୍ୟିକ ଦ୍ୱନ୍ଦ୍ୱ ଲାଗି ରହିଛି । ଦ୍ୱିତୀୟ କାରଣ ହେଉଛି ତୈଳ ଓ ପ୍ରାକୃତିକ ସମ୍ପଦ ଉପରେ ନିୟନ୍ତ୍ରଣ ଜାରି କରିବା ପାଇଁ ଆମେରିକାର ପ୍ରଚେଷ୍ଟା ଯୋଗୁଁ ଅନେକ ସମୟରେ ଯୁଦ୍ଧ ପରିସ୍ଥିତି ଉପୁଜୁଛି । ଆଣବିକ ଶକ୍ତି ଆହରଣ ଓ ବୃଦ୍ଧି ଆଉ ଏକ କାରଣ ଯେଉଥିପାଇଁ ବିଶ୍ୱ ଶାନ୍ତି ବ୍ୟାହାତ ହେଉଛି । ଅନ୍ୟ ଏକ କାରଣ ହେଉଛି ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକ, ରୁଷିଆ, ଚୀନ୍ ଭଳି ଦେଶମାନଙ୍କ ମଧ୍ୟରେ ଯୁଦ୍ଧାସ୍ତ୍ର, ଯୁଦ୍ଧ ବିମାନ, ମିଲିଟାରୀ ସରଞ୍ଜାମ ଇତ୍ୟାଦି ବିକ୍ରି କରିବା ପାଇଁ ପ୍ରତିଦ୍ୱନ୍ଦିତା । ପରୋକ୍ଷରେ ଯୁଦ୍ଧାସ୍ତ୍ର ପର୍ଯ୍ୟାପ୍ତ ପରିମାଣରେ ଯୋଗାଇବା ପାଇଁ ଯୁଦ୍ଧ ରତ ଦେଶମାନଙ୍କୁ ଏହି ଦେଶମାନେ ଯୁଦ୍ଧ ଜାରି ରଖିବା ପାଇଁ ଉସ୍କାଉଛନ୍ତି । ପ୍ରତ୍ୟକ୍ଷ ଉଦାହରଣ ହେଉଛି ରୁଷିଆ–ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ । ଯଦି ଆମେରିକା ଓ ୟୁରୋପ ରାଷ୍ଟ୍ର ସଂଘର ଦେଶମାନେ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିଦେଇଥାନ୍ତେ କିମ୍ବା କମ୍ କରିଦେଇଥାନ୍ତେ ତେବେ କେବେଠୁଁ ଯୁଦ୍ଧ ବନ୍ଦ ହେଇଯାଇଥାନ୍ତା । ଅନେକ ଧନ ଜୀବନ ରକ୍ଷା ପାଇଯାଇଥାନ୍ତା । ତେଣୁ ଅସ୍ତ୍ରଶସ୍ତ୍ର ବ୍ୟବସାୟ ଯୁଦ୍ଧର ଅବସାନ ଦିଗରେ ସବୁଠାରୁ ବଡ଼ ଅନ୍ତରାୟ । ଉପରୋକ୍ତ ମୌଳିକ କାରଣଗୁଡ଼ିକ ଓ ଶକ୍ତିଶାଳୀ ଦେଶମାନଙ୍କର ନ୍ୟସ୍ତ ସ୍ୱାର୍ଥ ହିଁ ବିଶ୍ୱକୁ ଯୁଦ୍ଧ ଆଡ଼କୁ ଆଉ ଧ୍ୱଂସ ଆଡ଼କୁ ନିକ୍ଷେପ କରୁଛି । ଏହି ସବୁ ସମସ୍ୟା ଯୋଗୁଁ ହିଁ ଆଜି ଶାନ୍ତିକାମୀ ଲୋକମାନେ ସମ୍ପୂର୍ଣ୍ଣ ନିରାଶ । ସମ୍ମୁଖରେ କେବଳ ଯୁଦ୍ଧ ବିଭୀଷିକା ।

ଏ ସବୁ ଆଲୋଚନା ପରେ ପ୍ରଶ୍ନ ଉଠୁଛି ଧରାପୃଷ୍ଠରେ ଆଉ କଣ ଶାନ୍ତି ପ୍ରତିଷ୍ଠା ହୋଇପାରିବନି କି ? ଅଶାନ୍ତ ପୃଥିବୀରେ ଯୁଦ୍ଧର ଘନଘଟାକୁ କଣ ବିଶ୍ୱବାସୀ କର୍ମଫଳ ବା ଭାଗ୍ୟ ଦୋଷ ଭାବି ନୀରବ ଦ୍ରଷ୍ଟା ହୋଇରହିବେ ? ଯୁଦ୍ଧଖୋର ରାଷ୍ଟ୍ର ଓ ଏହାର ନେତାମାନେ କଣ ବିଶ୍ୱନିୟନ୍ତାର ଭୂମିକା ନେବେ ? ଏ ସବୁ ପ୍ରଶ୍ନ ଅସମାହିତ ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ରମାନେ ତାଙ୍କର ଜିଦ୍‌ଖୋର୍ ମନୋବୃତ୍ତି ଛାଡୁ ନାହାନ୍ତି । ଆର୍ଥିକ ଓ ସାମରିକ ଶକ୍ତି ବୃଦ୍ଧି କେବଳ ସେମାନଙ୍କର ଲକ୍ଷ୍ୟ । ଅସ୍ତ୍ର ଶସ୍ତ୍ର ବ୍ୟବସାୟ କରି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି କରିବାରେ ବ୍ୟସ୍ତ । ତୈଳ ଓ ପ୍ରାକୃତିକ ସମ୍ପଦ କବ୍‌ଜା କରିବା ଆମେରିକା ଭଳି ଦେଶମାନଙ୍କର ରାଷ୍ଟ୍ରନୀତି । ତେବେ ଶାନ୍ତି ପ୍ରତିଷ୍ଠାର ରାସ୍ତା ବିଲ୍‌କୁଲ୍ ବନ୍ଦ ହେଇନି ।

ଆମ ବିଚାରରେ ଭାରତୀୟ ଚିନ୍ତାଧାରା 'ବସୁଧୈବ କୁଟୁମ୍ବକମ୍' ନିଜେ ଜିଅ ଓ ଅନ୍ୟକୁ ଜୀଇଁବାକୁ ଦିଅ ହିଁ ଶାନ୍ତି ପ୍ରତିଷ୍ଠାର ମାର୍ଗ । ଆମ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ବାରମ୍ବାର ଯେଉଁ ବାଣୀ ଆଜିର ସମୟ ଯୁଦ୍ଧର ନୁହେଁ ବୁଦ୍ଧଙ୍କର ବୋଲି ବିଭିନ୍ନ ଅର୍ନ୍ତଜାତୀୟ ସ୍ତରରେ ପ୍ରଚାର କରୁଛନ୍ତି ତାହା ବିଶ୍ୱଶାନ୍ତିର ଏକ ମାତ୍ର ରାସ୍ତା । ଦୁର୍ଭାଗ୍ୟର କଥା ଭାରତର ଏହି ରାଷ୍ଟ୍ରନୀତିକୁ ଅଧିକାଂଶ ରାଷ୍ଟ୍ର ଗ୍ରହଣ କରୁଥିବା ବେଳେ, ଖଳ ପ୍ରକୃତିର ଓ ଲୋଭୀ ରାଷ୍ଟ୍ରମାନେ ଶାନ୍ତି ପ୍ରତିହତ କରିବାରେ ଲାଗିପଡିଛନ୍ତି । ଆଜି ଦିନର ସାମଗ୍ରିକ ପରିସ୍ଥିତିକୁ ଅନୁଧ୍ୟାନ କଲେ, ଆମର ହୃଦ୍‌ବୋଧ ହେଉଛି, ଯୁଦ୍ଧ ଆବଶ୍ୟମ୍ଭାବି ଓ ଶାନ୍ତି ପରାହତ । ନିରାଶବାଦୀ ନହୋଇ ଆଶା ରଖିବା ଯେ ଦିନ ଆସିବ ଯେଉଁ ଦିନ ସାରା ବିଶ୍ୱ ଶାନ୍ତି ଅନ୍ୱେଷଣରେ ଲାଗି ପଡ଼ିବ ।

ମୋ–୯୯୩୭୦୮୦୭୧୦

# ଆମ ସ୍ୱାଧୀନତା ସଂଗ୍ରାମରେ ବାଘା ଯତୀନ



ଅଶୋକ ମହାରଣା

ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ଜର୍ମାନ ସହିତ ମିଶି ସଶସ୍ତ୍ର ଯୁଦ୍ଧ ଦ୍ୱାରା ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ଦୁର୍ଦ୍ଧଶ ଦେଶପ୍ରେମୀଙ୍କ ମଧ୍ୟରେ ବାଘାଯତୀନଙ୍କ ଦେଶପ୍ରେମ ଭାରତ ସ୍ୱାଧୀନତା ସଂଗ୍ରାମର ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟରେ ଲିପିବଦ୍ଧ । ୧୮୫୭ ଭାରତର ପ୍ରଥମ ସ୍ୱାଧୀନତା ଆନ୍ଦୋଳନର ରୂପରେଖ ଆଧାରରେ ଭାରତକୁ ବିଟ୍ରିଶ ଉପନିବେଶବାଦରୁ ମୁକ୍ତି ହିଁ ଏକମାତ୍ର ଲକ୍ଷ୍ୟ ଥିଲା ତାଙ୍କର । ୧୮୭୯ ମସିହାରେ ବଙ୍ଗ ଦେଶର ନଦିଆ ଜିଲ୍ଲା କୋୟା ଗ୍ରାମର ଏକ ବେଦଜ୍ଞ ବ୍ରାହ୍ମଣ ପରିବାରରେ ଯତିନ୍ଦ୍ରନାଥ ମୁଖାର୍ଜୀ ଓରଫ ବାଘା ଯତୀନଙ୍କ ଜନ୍ମ । ବାପା ରମେଶ ଚନ୍ଦ୍ର ମୁଖାର୍ଜୀ ଏବଂ ମାତା ଶରଦଶଶୀଙ୍କ ସନ୍ତାନ ଭାବରେ ବଂଶାନୁକ୍ରମିକ ଭାବରେ ରହିଥିବା ବ୍ରାହ୍ମଣ ପରିବାରର ନୀତିକାନ୍ତିକୁ ନେଇ ବଢ଼ିଥିଲେ । ମାତ୍ର ୫ବର୍ଷ ବୟସରେ ପିତାଙ୍କୁ ହରାଇଥିଲେ । ପିଲାଟି ଦିନରୁ ସ୍ୱାଧୀନଚେତା ବାଘା ଯତୀନଙ୍କ ଅଦମ୍ୟ ସାହସ,ପରାକାଷ୍ଠା,ଦୟା ମନୋଭାବ ପରିଲକ୍ଷିତ ହୋଇଥିଲା। ଶିକ୍ଷାଲାଭ ସମୟରେ ବାଘା। ନାଟକରେ ପ୍ରହ୍ଲାଦ, ଧ୍ରୁବ, ହନୁମାନ, ହରିଶ୍ଚନ୍ଦ୍ର ଭୂମିକା ସହିତ ପ୍ରତାପଦିତ୍ୟଙ୍କ ଭଳି ଚରିତ୍ରକୁ ନିଖୁଣ ଭାବରେ ଅଭିନୟ କରି ଦର୍ଶକଙ୍କର ପ୍ରଶଂସାର ପାତ୍ର ହୋଇଥିଲେ ।

୧୮୯୫ ମସିହାରେ କାଶୀନଗର ଆଙ୍ଗ୍ଲୋ ଭରନାକୁଲାର ସ୍କୁଲ ଓ କୋଲକୋତାର ସେଣ୍ଟ୍ରାଲ କଲେଜର ଫାଇନ ଆର୍ଟସରେ ଶିକ୍ଷା ଲାଭ କରିଥିଲେ ସେ । ସିଷ୍ଟର ନିବେଦିତାଙ୍କ ଦ୍ୱାରା ସ୍ୱାମୀ ବିବେକାନନ୍ଦଙ୍କ ସହିତ ପରିଚୟ । 'ଆନନ୍ଦମଠ'ର ଲେଖକ ବଙ୍କିମଚନ୍ଦ୍ର ଚାଟାର୍ଜୀ ଓ ଯୋଗେନ୍ଦ୍ର ବିଦ୍ୟାଭାରତୀଙ୍କ କବିତା ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଓଜସ୍ୱିନୀ ଲେଖା ସବୁ ତାଙ୍କୁ ପ୍ରଭାବିତ କରିଥିଲା । ବିବେକାନନ୍ଦ ଯତୀନଙ୍କ ଶାରୀରିକ ବଳ ଏବଂ ସାହସକୁ ନେଇ ତାଙ୍କୁ ଅମଗୁହ ଜିମ୍ନାଜିୟମକୁ ରେସଲିଂ ଶିକ୍ଷାପାଇଁ ପଠାଇ ଥିଲେ । ୧୯୦୬ ମସିହାରେ ନିଜ ଗ୍ରାମ କୋୟା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଏକ ମହାବଳ ବାଘକୁ ସେ ତିନି ଘଣ୍ଟା ଧରି ଲଢେଇ କରି ବାଘକୁ ମାରି ଦେଇଥିଲେ । ବାଘ ନଖଦାନ୍ତ ଦ୍ୱାରା କ୍ଷତବିକ୍ଷତ ଯତୀନଙ୍କୁ ସର୍ଜନ ସୁରେଶ ଚନ୍ଦ୍ର ସର୍ବାଧିକାରୀ ଚିକିତ୍ସା କରି ଭଲ କରାଇଥିଲେ । ଯତୀନଙ୍କ ଅଦ୍ୟମ ସାହସକୁ ନେଇ ବେଙ୍ଗଲ ସରକାର ତାଙ୍କୁ 'ବାଘା ଯତୀନ' ନାମରେ ନାମିତ କରିଥିଲେ । ଯତୀନଙ୍କ ମଧ୍ୟରେ ବିଟ୍ରିଶ ଶାସନର କ୍ରୁରତା ଏବଂ ବର୍ବରତାକୁ ନେଇ ପ୍ରତିଶୋଧର ନିଆଁ ଜଳୁଥିଲା । ସଶସ୍ତ୍ର ସଂଗ୍ରାମ ଦ୍ୱାରା ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ବାଘା ଯତୀନ ୧୯୦୩ ମସିହାରେ ବାରିନ୍ଦ୍ର ଘୋଷଙ୍କ ସହିତ ମିଶି ଦେଓଘରଠାରେ ବୋମା କାରଖାନା ସ୍ଥାପନ କଲେ । ହରିଦ୍ୱାର ଭ୍ରମଣରେ ଯାଇଥିବାବେଳେ ସେ ବାବା ଭୋଳାନନ୍ଦ ଗିରିଙ୍କୁ ଭେଟିବା ପରେ ବୃନ୍ଦାବନରେ ସ୍ୱାମୀ ନିରାଲମ୍ବଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ସେ ହିଁ ବିଭିନ୍ନ ଦିଗ ଉପରେ ବାଘାଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ଦେଶକୁ ବିଟ୍ରିଶ ଶାସନରୁ ମୁକ୍ତ କରିବା ପାଇଁ ଆନ୍ଦୋଳନର ବହ୍ନି କୁହୁଳିଥିଲା । ୧୯୧୩ ମସିହା ଶେଷ ସମୟରେ ଯତୀନ ଏବଂ ରାସବିହାରୀ ବୋଷ ୧୮୫୭ର ସିପାହୀ ବିଦ୍ରୋହ ଭଳି ସଶସ୍ତ୍ର ଆନ୍ଦୋଳନ କରିବା ଯୋଜନାରେ ଥିଲେ । ଯୋଜନାକୁ ସାକାର କରିବା ପାଇଁ ୟୁରୋପ ଏବଂ ଆମେରିକାରେ ଥିବା ଭାରତୀୟ ଆନ୍ଦୋଳନକାରୀଙ୍କୁ ଏକତ୍ର କରାଯାଇଥିଲା। ଭାଙ୍କୋଭୋର, ସାନଫ୍ରାନସିସକୋ, ସିବେଲ ସହିତ ପୋର୍ଟଲାଣ୍ଡ ଯାତ୍ରା କରି ଦେଶପ୍ରେମୀଙ୍କୁ ଏକତ୍ର କରାଯାଇଥିଲା । ସାନ୍ଧ୍ୟ ବିଦ୍ୟାଳୟ ସ୍ଥାପନ କରାଯାଇ ସାଧାରଣ ଇଂରାଜୀ ଶିକ୍ଷା ସହିତ ଆମେରିକାରେ ଭାରତୀୟଙ୍କ ଅଧିକାର ଏବଂ ଭାରତମାତା ପ୍ରତି ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭରେ ୧୯୧୪ମସିହାରେ ଜ୍ୟୁରିଚ ଠାରେ ଆନ୍ତର୍ଜାତିକ ପ୍ରୋ–ଇଣ୍ଡିଆ କମିଟି ଗଠନ କରାଯିବା ସହିତ ଭାରତୀୟ ସ୍ୱାଧୀନତା କମିଟି ଗଠନ କରାଯାଇଥିଲା । ଏହି କମିଟିର ବିରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଜର୍ମାନ ସରକାରଙ୍କ ସହିତ ସମ୍ପର୍କ ରଖି ସ୍ୱାଧୀନତା ପ୍ରାପ୍ତି ପାଇଁ ଯୋଜନା କରିଥିଲେ । ୟୁଏସରେ ୧୯୧୩ ମସିହା ପେସିଫିକ କୋଷ୍ଟ ଆସୋସିଏସନ ବା ଗଦରପାର୍ଟି ଗଠନ ହେବା ସହିତ ସଦସ୍ୟମାନେ ଭାରତରୁ ବିଟ୍ରିଶର ମାନଙ୍କୁ ବିତାଡିତ କରିବାପାଇଁ ଅସ୍ତ୍ରଶସ୍ତ୍ର ଯୋଗାଡ କରିଥିଲେ ଏବଂ ସଦସ୍ୟମାନେ ଭାରତକୁ



ଫେରିଥିଲେ । ସ୍ୱାମୀ ବିବେକାନନ୍ଦ ଓ ଅରବିନ୍ଦ ଘୋଷଙ୍କ ଦ୍ୱାରା ଅନୁପ୍ରାଣିତ ଯତୀନ ବିଟ୍ରିଶ ଶାସନରୁ କାଳଫାଶରୁ ମୁକୁଳିବାକୁ ହେଲେ କେବଳ ସଶସ୍ତ୍ର ସଂଗ୍ରାମ ହିଁ ଏକମାତ୍ର ପନ୍ଥା ବୋଲି ବିଶ୍ୱାସ କରିଥିଲେ । ଶ୍ରୀମଦ୍ ଭାଗବତର ମର୍ମ ହିଁ ଥିଲା ସମୟପ୍ରତି ଆହ୍ୱାନ । 'ଆନନ୍ଦମଠ'ର ରଚୟିତା ବଙ୍କିମଚନ୍ଦ୍ର ଚାଟାର୍ଜୀ, ଅରବିନ୍ଦ ଘୋଷଙ୍କ ଭବାନୀମନ୍ଦିର ଓ ବିବେକାନନ୍ଦଙ୍କ ଓଜସ୍ୱିନୀ ଦିଗ୍‌ଦର୍ଶନ ଜାତୀୟତାବୋଧ ସୃଷ୍ଟି କରିଥିଲା । ୧୯୦୫ ମସିହାର ବଙ୍ଗ ବିଭାଜନ ଓ ଯୁଗାନ୍ତର ଆଶ୍ରମ ଥିଲା ଜାତୀୟତା ବୋଧ ଉନ୍ମେଷର ମୂଳ । ସେ ସମୟରେ ଛାତ୍ରମାନଙ୍କର ସମବାୟ ଭଣ୍ଡାର ଖୋଲି ବାସ୍ତବରେ ଦେଶର ଆନ୍ଦୋଳନ ପାଇଁ ପୃଷ୍ଠଭୂମି ସୃଷ୍ଟି ହେଉଥିଲା । ୧୯୦୬ ମସିହାରେ ଏମଏନ ରାୟ ଯୋଗ ଦେଇଥିଲେ । ଭାରତର ସ୍ୱାଧୀନତା ଲାଗି ସଶସ୍ତ୍ର ଆନ୍ଦୋଳନ ସହିତ ପାଣ୍ଠି ଆବଶ୍ୟକ । ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନ ସବୁକିଛି ସହଯୋଗ କରିବାର ପ୍ରତିଶୃତି ଦେଇଥିଲା । ବାଘା ଯତୀନ ପାଣ୍ଠିପାଇଁ ଲୁଟ ଏବଂ ଡକାୟତରେ ସାମିଲ ଥିଲେ । ୧୯୧୫ ମସିହାରେ ଗାର୍ଡେନରିଚ ଡକାୟତି,ବାଲିଆଘାଟ ଡକାୟତି ବା ଟାକ୍ସିବାକ ଡକାୟତୀ, ବୋଟ ଡକାୟତି କରି ପାଣ୍ଠି ସଂଗ୍ରହ କରିଥିଲେ । ଏମଏନ ରାୟ ୧୯୧୫ରେ ସଂଗ୍ରାମ ପାଇଁ ଜାକର୍ତ୍ତାର ବାଟିଭିଆକୁ ଯାଇ ସେଠାରେ ଜର୍ମାନ କାଉନସେଲ ଥିଓଡର ହାଫରିଚଙ୍କୁ ଭେଟିବା ସହିତ ସେ ମେଭରିକ ଜାହାଜରେ ୩୦ ହଜାର ରାଇଫଲ ଗୁଳି ସହିତ ୨ଲକ୍ଷ ଟଙ୍କା ବି ପଠାଇଥିବା କହିଥିଲେ । ଏହି ଜାହାଜ କରାଚୀ ଯିବାର ଯୋଜନା ଥିବା ବେଳେ ଏମଏନରାୟଙ୍କଙ୍କ ଅନୁରୋଧରେ ସୁନ୍ଦରବନର ରାୟମଙ୍ଗଳକୁ ପଠାଯାଉଥିଲା । ବିପୁଳ ଅସ୍ତ୍ରଶସ୍ତ୍ର ସଂଗ୍ରହରେ ପାଶ୍ଚାତପଦର ନାୟକ ଥିଲେ ଯତୀନ ମୁଖାର୍ଜୀ, ଯଦିଓ ଗୋପାଳ ମୁଖାର୍ଜୀ, ଭୋଳାନାଥ ଚାଟର୍ଜୀ, ଅତୁଲଚନ୍ଦ୍ର ଘୋଷ ଏବଂ ନିଜେ ଏମଏନ ରାୟ ତାଙ୍କୁ ସାହାଯ୍ୟ କରୁଥିଲେ । କମିଟି ରିପୋର୍ଟ ଅନୁସାରେ ଏହି ଅସ୍ତ୍ରଶସ୍ତ୍ରକୁ ତିନି ଭାଗରେ ବିଭକ୍ତ କରି ଆନ୍ଦୋଳନକାରୀମାନେ ହାତୀଆ, ପୂର୍ବବଙ୍ଗ ଏବଂ ଓଡିଶାର ବାଲେଶ୍ୱରକୁ ପଠାଯିବାର ଯୋଜନା ଥିଲା । ମୁଖ୍ୟ ଲକ୍ଷ୍ୟ ଥିଲା ବଡ଼ ବଡ଼ ରେଳପୋଲକୁ ବିସ୍ଫୋରଣ ଦ୍ୱାରା ଉଡାଇଦେବା । ଯତୀନଙ୍କୁ ମାଡ୍ରାସ ରେଲୱେ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଯତୀନ ପୋଲିସ ଠାରୁ ଦୂରେଇ ରହିବା ପାଇଁ ବାଲେଶ୍ୱରର କପ୍ତିପଦାଠାରେ ଆତ୍ମଗୋପନ କରି ରହିଥିଲେ । କିନ୍ତୁ ବିଧିର ବିଧାନ ଥିଲା ଅଲଗା। କୌଣସି ସୂତ୍ରରୁ ଆନ୍ଦୋଳନକାରୀଙ୍କ ଷଡଯନ୍ତ୍ରକୁ ବିଟ୍ରିଶ ସରକାର ଜାଣିପାରିଥିଲେ । ଶେଷରେ ବାଲେଶ୍ୱର ଚଷାଖଣ୍ଡରେ ବିଟ୍ରିଶ ଫୋର୍ସ ତାଙ୍କୁ ଗୁଳିକରି ଧରିବା ପରେ ୧୦ ସେପ୍ଟେମ୍ବରରେଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ସେହି ଦୁର୍ଦ୍ଧଶ ବୀର ଏ ମାଟିପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ତାହା ଅବିସ୍ମରଣୀୟ ।

ଅଧ୍ୟାପକ ସିମିନଇ,ଢେଙ୍କାନାଳ,
ମୋ–୯୪୩୭୨୯୦୧୮୧

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସିପି...

୬୮୮ ରହିଥିବା ବେଳେ ଏବେ ୭ଟି ଆସନ ଖାଲି ପଡ଼ିଛି । ୭୮୧ ବୈଧ ଭୋଟ ମଧ୍ୟରୁ ୧୩ ଜଣ ସାଂସଦ ଭୋଟ ଦେଇ ନଥିଲେ । ବିଆରଏସର ୪ ଜଣ, ବିଜେଡିର ୭ ଜଣ, ଅକାଳୀ ଦଳ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ଉପରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇ ନାହାନ୍ତି । ମୋଟ ୭୬୭ ଜଣ ସାଂସଦ ଭୋଟ ଦେଇଥିଲେ । ଏହା ମଧ୍ୟରୁ ୭୫୨ ବୈଧ ଓ ୧୫ଟି ଭୋଟକୁ ନାକଚ କରାଯାଇଥିଲା ।

ବିଜେପି ନେତୃତ୍ୱାଧୀନ ଏନଡିଏର ୪୨୭ ଜଣ ସାଂସଦ ଭୋଟ ଦେଇଛନ୍ତି । ସେହିପରି ବିରୋଧୀ ମେଣ୍ଟର ସମସ୍ତ ୩୧୫ ଜଣ ସାଂସଦ ଭୋଟ ଦେଇଥିବା କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ । ସେଥିରେ ବିରୋଧୀ ମେଣ୍ଟର ପ୍ରାର୍ଥୀ ସୁଦର୍ଶନ ରେଡ୍ଡୀଙ୍କୁ ପ୍ରଥମ ପସନ୍ଦର ଉପରାଷ୍ଟ୍ରପତି ଭାବେ ୩୦୦ ଖଣ୍ଡ ଭୋଟ ମିଳିଛି । ଅର୍ଥାତ ୧୫ ଖଣ୍ଡ ଭୋଟ ମିଳିନାହିଁ । ଯେଉଁ ୧୫ ଖଣ୍ଡ ଭୋଟ ନାକଚ ହୋଇଛି, ସେସବୁ ବୋଧହୁଏ ତାହା ବିରୋଧୀ ସାଂସଦଙ୍କର ବୋଲି କୁହାଯାଉଛି ।

ପୂର୍ବ ଗଣତି ହିସାବରେ ଏନଡିଏ ପ୍ରାର୍ଥୀ ଅଧିକ ଭୋଟ ପାଉଥିଲେ । ଏନଡିଏ ପାଖରେ ୪୨୭ ଜଣ ସାଂସଦ ଉଭୟ ସଦନରେ ଥିବା ବେଳେ ଏହା ଠାରୁ ଅଧିକ ସମର୍ଥନ ପାଇଛନ୍ତି ସିପି ରାଧାକୃଷ୍ଣନ । ଅନ୍ଧ୍ର ପ୍ରଦେଶର ୱାଇଏସଆର କଂଗ୍ରେସର କିଛି ସାଂସଦ ଏନଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି । ରାଜ୍ୟସଭାରେ ଦଳର ୭ ଜଣ ଓ ଲୋକସଭାରେ ୪ ଜଣ ସଦସ୍ୟ ରହିଛନ୍ତି । ସେମାନେ ସମସ୍ତେ ସମ୍ପୃକ୍ତ ସିପି ରାଧାକୃଷ୍ଣନଙ୍କୁ ସମର୍ଥନ କରିଛନ୍ତି । ସେହିପରି ରାଜ୍ୟସଭାରେ ଥିବା ଆପର ବିଦ୍ରୋହୀ ସାଂସଦ ସ୍ୱାତୀ ମାଲିୱାଲ ମଙ୍ଗଳବାର ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା କୁହାଯାଉଛି । ଲୋକସଭାରେ ଥିବା ୭ ସ୍ୱାଧୀନ ସାଂସଦଙ୍କ ମଧ୍ୟରୁ ଜଣେ ଭୋଟିଂରୁ ଦୂରେଇ ରହିଥିଲେ । ବାକି ୬ ଜଣଙ୍କ ଭୂମିକା ଉପରେ ସମସ୍ତ ନଜର ରହିଥିଲା । ସେମାନେ ମଧ୍ୟ ଏନଡିଏକୁ ସମର୍ଥନ ଦେଇଛନ୍ତି । ଜେଡପିଏମ(ମିଜୋରାମ)ର ମଧ୍ୟ ଜଣେ ସାଂସଦ ବି ସିପି ରାଧାକୃଷ୍ଣନଙ୍କୁ ଭୋଟ ଦେଇଥିବା ଜଣାପଡ଼ିଛି । ଏଥିଯୋଗୁ ସିପି ରାଧାକୃଷ୍ଣ ମୋଟ ୪୫୨ ଖଣ୍ଡ ଭୋଟ ପାଇଛନ୍ତି । ତେବେ ଏହା ୩ ବର୍ଷ ତଳେ ଧନଖଡ଼ ହାସଲ କରିଥିବା ୫୨୮ ଟି ଭୋଟରୁ କମ ।

### ଅଭିନନ୍ଦନ...

ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ । ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବିରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ଆପଣଙ୍କୁ ଅନେକ ଅନେକ ଶୁଭକାମନା ।

### ଇସ୍ତଫା...

୨୧ ଜଣ ପ୍ରାଣ ହରାଇଥିଲେ । କାଠମାଣ୍ଡୁର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ମଙ୍ଗଳବାର ସକାଳଠାରୁ ପ୍ରଦର୍ଶନକାରୀମାନେ ସଂସଦ ଭବନ ବାହାରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେଉଛନ୍ତି । ରାଷ୍ଟ୍ରପତି ଭବନ, ଉପରାଷ୍ଟ୍ରପତିଙ୍କ ବାସଭବନ, ପ୍ରଧାନମନ୍ତ୍ରୀଙ୍କ ବାସଭବନ, ସିଂହ ଦରବାର ଏବଂ ସଂସଦ ଭବନ ଚାରିପାଖରେ କଡ଼ାକଡ଼ି ଜାରି ରହିଛି । ନେପାଳରେ କେପି ଓଲି ସରକାରଙ୍କ ସହଯୋଗୀ ନେପାଳୀ କଂଗ୍ରେସର ସଭାପତି ଶେର ବାହାଦୁର ଦେଉବାଙ୍କ ଘର ଉପରେ ବିକ୍ଷୋଭକାରୀମାନେ ଆକ୍ରମଣ କରିଛନ୍ତି । ପ୍ରତିବାଦକାରୀମାନେ ଦେଉବାଙ୍କ ବାସଭବନକୁ କବଜା କରି ନିଆଁ ଲଗାଇ ଦେଇଛନ୍ତି । ଏହା ସହ ଏକାଧିକ ସରକାରୀ ଗାଡ଼ି ପୋଡ଼ି ଦିଆଯାଇଛି । ପୁଲିସ ଏବଂ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ରାଜଧାନୀରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ପ୍ରଶାସନ ସତର୍କ ରହିଥିବା କହିଛି ।

ପ୍ରତିବନ୍ଧକ ହଟିବା ସତ୍ତ୍ୱେ ନେପାଳରେ ଜେନ-ଜି ପ୍ରତିବାଦର ପରିସର ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି । କୀର୍ତ୍ତିପୁରର ନୟା ବଜାରରେ ଅବସ୍ଥିତ ପୌରପାଳିକା କୋଠାରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେଇଛନ୍ତି । ଏହି ଅଗ୍ନିକାଣ୍ଡ ସମଗ୍ର ଅଞ୍ଚଳରେ ଅରାଜକତାପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି । ବିକ୍ଷୋଭକାରୀମାନେ ଗୃହମନ୍ତ୍ରୀ ରମେଶ ଲେଖକଙ୍କ ଘରେ ମଧ୍ୟ ଭଙ୍ଗାରୁଜା କରି ନିଆଁ ଲଗାଇ ଦେଇଛନ୍ତି । ବିରୋଧ ପ୍ରଦର୍ଶନ ମଧ୍ୟରେ ଗୃହମନ୍ତ୍ରୀ, କୃଷିମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇସାରିଛନ୍ତି । ଖବର ମିଳୁଛି ଯେ, ନେପାଳର ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଦୁବାଇ ଯିବାକୁ ଯୋଜନା କରୁଛନ୍ତି । ସୂତ୍ର ଅନୁଯାୟୀ, ସେ ଚିକିତ୍ସା ପାଇଁ ଦୁବାଇ ଯିବାକୁ ପ୍ରସ୍ତୁତ ହେଉଛନ୍ତି । ନେପାଳର ଘରୋଇ ବିମାନ କମ୍ପାନି ହିମାଳୟ ଏୟାରଲାଇନ୍ସକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସରକାରରେ ଅନେକ ମନ୍ତ୍ରୀଙ୍କ ଇସ୍ତଫା ପରେ, ପ୍ରଧାନମନ୍ତ୍ରୀ ଓଲି ତାଙ୍କ ନିକଟତମ ସହଯୋଗୀଙ୍କ ସହ ପରିସ୍ଥିତିର ଆକଳନ କରିଛନ୍ତି । ଏହା ସହ ସେ ଉପପ୍ରଧାନମନ୍ତ୍ରୀଙ୍କୁ କାର୍ଯ୍ୟକାରୀ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ।

### ୫୦୪ ପୃଷ୍ଠାର...

ଗିରଫ ହୋଇ ଜେଲ୍‌ରେ ଥିବା ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଓ ସମୀର କୁମାର ସାହୁ ମାନ୍ୟବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆସନ୍ତା କାଲି ଏହି ମାମଲାର ବିଚାର ହେବାକୁ ଥିବାରୁ ଆଜି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବାଲେଶ୍ୱର ପୁଲିସ କୋର୍ଟରେ ୩୪୯ ପୃଷ୍ଠାର ଚାର୍ଜସିଟ ଦାଖଲ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଏଚ୍‌ଓଡ଼ି ସମୀର କୁମାର ସାହୁଙ୍କ ଦ୍ୱାରା ନିର୍ଯ୍ୟାତନାର ଶୀକାର ହେବାପରେ ଏ ବାବଦରେ ସେ କଲେଜର ଅଧ୍ୟକ୍ଷ, ସାଂସଦ, ବିଧାୟକ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କୁ ବହୁପୂର୍ବରୁ ଅବଗତ କରାଇଥିଲେ ମଧ୍ୟ କୌଣସିସ୍ତରରୁ ନ୍ୟାୟ ନପାଇବାରୁ ବାଧ୍ୟ ହୋଇ ଆତ୍ମଦାହ ଉଦ୍ୟମ କରି ଶେଷରେ ଭୁବନେଶ୍ୱର ସ୍ଥିତ ଏମ୍ସରେ ଆଖିବୁଜିଥିଲେ । ସୌମ୍ୟାଶ୍ରୀ ବିଶି ଯେଉଁଦିନ କଲେଜ ପରିସରରେ ଆତ୍ମଦାହ ଉଦ୍ୟମ କରି ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର ହେଲେ ସେହିଦିନ ସହଦେବଖୁଣ୍ଟା ଥାନାରେ ମାମଲା ରୁଜୁ କରାଯିବା ସହ ଏଚଡ଼ି ସମୀର କୁମାର ସାହୁଙ୍କୁ ଗିରଫ କରାଯାଇଥିଲା । ପରବର୍ତ୍ତୀ ସମୟରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ସହଦେବଖୁଣ୍ଟା ଥାନା ପୁଲିସ ଗିରଫ କରିଥିଲେ । ଏହାପରେ ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ ହାତକୁ ନେଇଥିଲା । ଘଟଣା ଘଟିବାର ୨୦ଦିନ ପରେ କ୍ରାଇମବ୍ରାଞ୍ଚ ଛାତ୍ରନେତା ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଶୁଭ୍ରସମ୍ବିତ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଘଟଣାରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ମିଳିଛି ।

### ବିଜେଡି...

ପାଇଁ ଦଳ ଟିକଟ ଦେଇଥିଲା । ରାୟଗଡ଼ା ଆସନ ପାଇଁ ହୋଇଥିବା ବିବାଦ ମଧ୍ୟ ଉଗ୍ର ରୂପ ନେଇଥିଲା । ଏପରିକି ସେତେବେଳେ ଭାସ୍କର ରାଓ ଗୋଷ୍ଠୀର ବରିଷ୍ଠ ନେତାମାନେ ନିଜ ପଦ ପଦବିରୁ ଇସ୍ତଫା ମଧ୍ୟ ଦେଇଥିଲେ । ତାହା ଏବେ ପୁନରାବୃତ୍ତି ହୋଇଛି । ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣ ଓଡ଼ିଶାର ବରିଷ୍ଠ ନେତା ଏନ୍ ଭାସ୍କର ରାଓ କହିଛନ୍ତି, ୧୯୭୪ ମସିହା ଠାରୁ ମୁଁ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଣ କଂଗ୍ରେସ ରାଜନିତୀରେ ରାଜନୈତିକ ଜୀବନ ଆରମ୍ଭ କରିଥିଲିଛ । ଜନତା ଦଳ ଓ ବିଜୁ ଜନତା ଦଳରେ ବିଭିନ୍ନ ପଦପଦବିରେ ରହି ଅବିଭକ୍ତ କୋରାପୁଟ ଜିଲ୍ଲାର ଜନସାଧାରଣଙ୍କ ସେବା କରିଛି । ଦଳ ଆମକୁ କିଛି ପଦବି ଦେଇଥବା ବେଳେ ଦଳକୁ ମଧ୍ୟ ଆମେ ଲୋକଙ୍କ ସମର୍ଥନରେ ଲୋକଙ୍କ ବଳ ଦଳକୁ ଦେଇଛୁ । ବର୍ତ୍ତମାନ ଲୋକଙ୍କ ନିଷ୍ପତ୍ତିକ୍ରମେ ଆମେ କୌଣସି ଦଳକୁ ଯିବାର ନାହିଁ । କିଛି ବର୍ଷ ହେଲା ରାଜ୍ୟ ସଂଗଠନର ନିଷ୍ପତ୍ତି ରାୟଗଡ଼ା କର୍ମୀ ଏବଂ ନେତାଙ୍କ ସ୍ୱାଭୀମାନରେ ଆଞ୍ଚ ଆସିଥିଲା । ବାରମ୍ବାର ଏଭଳି ହେଉଥିବାରୁ ସେ ତୃଣମୂଳ ସ୍ତରରେ ଆଲୋଚନା କରି ଏହି କଠୋର ନିଷ୍ପତ୍ତି ନେଇଛନ୍ତି । ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓ ସମସ୍ତଙ୍କ ସମ୍ମୁଖରେ ଇସ୍ତଫା ପତ୍ରରେ ଦସ୍ତଖତ କରି ବିଜେଡିରୁ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ । ତାଙ୍କ ସହ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ଗତ ନବ ନିଯୁକ୍ତି ପାଇଥିବା ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ପୁଆଲା ବିଜେଡ଼ିରୁ ଇସ୍ତଫା ପ୍ରଦାନ କରିଥିଲେ ।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ରାୟଗଡା ଜିଲ୍ଲା ବିଜେଡି ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଚୟନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ରୂପେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା ଓ ଗୁଣପୁର ଅଞ୍ଚଳର ବରିଷ୍ଠ ବିଜେଡି ନେତା ରଂଜିତ କୁମାର ପାଣିଗ୍ରାହୀକୁ ନିଯୁକ୍ତି ଦେଇଥିଲେ । ଏହା ପରେ ରାୟଗଡା ଜିଲ୍ଲାରେ ବିଜେଡି କର୍ମୀ, ନେତା ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସଭାପତି ପଦ ନିଯୁକ୍ତିକୁ ନେଇ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା । ଏହି ପରିପେକ୍ଷୀରେ ମଙ୍ଗଳବାର ରାୟଗଡା ଠାରେ ଭାସ୍କର ରାଓଙ୍କ ନେତୃତ୍ୱରେ ବିଜେଡି ଦଳର କର୍ମି, ଶୁଭେଚ୍ଛୁ, ନେତା, ନିର୍ବାଚିତ ପଞ୍ଚାୟତରାଜ ପ୍ରତିନିଧି, ପୂର୍ବତନ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସେଠାରେ ଏହି ନିଷ୍ପତ୍ତି ନେଇ ଗଣମାଧ୍ୟମ ସମ୍ମୁଖରେ ଇସ୍ତଫା ପତ୍ର ସ୍ୱାକ୍ଷର କରିଥିଲେ । ବର୍ତ୍ତମାନ ନୂତନ ସଂଗଠନ ବିଜୁ ସ୍ୱାଭୀମାନ ମଞ୍ଚ ନାମରେ ଗଠନ ହେବା ସହ ଜିଲ୍ଲାର ସାମାଜିକ କାର୍ଯ୍ୟ କରିବ ବୋଲି କହିଥିବା ବେଳେ ବାରମ୍ବାର କୌଣସି ରାଜନୈତିକ ଦଳକୁ ଯିବାର ନାହିଁ ବୋଲି ଗଣମାଧ୍ୟମକୁ କହିଛନ୍ତି । ଏହି ଇସ୍ତଫା ଦେବା ପରେ ଅମିୟ ସ୍ୱାଇଁ, ଅଭିନାଶ ବିଷୋୟୀଙ୍କ ସମେତ ଅନେକ ସରପଞ୍ଚ, ସମିତି ସଭ୍ୟ , ସମବାୟ ସମିତି ସଭାପତି ପଦରୁ ଇସ୍ତଫା ଦେଇଥିବା ଗଣମାଧ୍ୟମକୁ କହିଛନ୍ତି । ଏହାର ଜବାବ ଦେବା ପାଇଁ ବୁଧବାର ନୂତନ ସଭାପତି ଜଗନ୍ନାଥ ସାରକା ଏକ ସାମ୍ବାଦିକ ସମ୍ମିଳନୀ ଡାକିଛନ୍ତି । ସେଠାରେ ଏହି ପ୍ରସଙ୍ଗରେ ମତ ଦେବେ ବୋଲି କହିଛନ୍ତି ।

# ମହିଳା ସୁରକ୍ଷା ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ

# ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନକୁ ସାକାର କରିବେ ମହିଳା



ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ମହିଳା ଓ କନ୍ୟାମାନଙ୍କୁ ସୁରକ୍ଷିତ ରଖିବା ଆମର ପ୍ରାଥମିକ କର୍ତ୍ତବ୍ୟ । ଆଗାମୀ ଦିନରେ ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ । ଆଗାମୀ ଦିନରେ ସାରା ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ । ସମସ୍ତ ପୋଲିସ ଅଧିକାରୀମାନଙ୍କୁ ମିଳିମିଶି ଏକ ସୁରକ୍ଷିତ ଓଡ଼ିଶା ଗଢ଼ିବା ଲାଗି ଆଗେଇ ଆସିବାକୁ ମହିଳା ସୁରକ୍ଷା ସମ୍ମିଳନୀରେ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ଆହ୍ୱାନ ଦେଇଛନ୍ତି ।

ଭୁବନେଶ୍ୱର ପୋଲିସ ଭବନରେ ରାଜ୍ୟ ପୋଲିସ ଅପରାଧ ନିରାକରଣ ବିଭାଗ ଆନୁକୂଲ୍ୟରେ ମହିଳା ଓ ଶିଶୁ ସୁରକ୍ଷା ନିମନ୍ତେ ଆୟୋଜିତ ଦିନିକିଆ ସମ୍ମିଳନୀରେ ରାଜ୍ୟର ବହୁ ପୋଲିସ ଅଧିକାରୀ ଯୋଗ ଦେଇଥିଲେ । ଯେଉଁ ଜିଲ୍ଲାରେ ଏସ୍‌ପିମାନେ ସମ୍ମିଳନୀରେ ଉପସ୍ଥିତ ନଥିଲେ ସେମାନେ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ ବୋଲି ସୂଚନା ମିଳିଛି । ସମ୍ମିଳନୀର ମୁଖ୍ୟଅତିଥି ଶ୍ରୀ ଖୁରାନିଆଙ୍କ କହିବାନୁଯାୟୀ ଆଗାମୀ ଦିନରେ ବିକଶିତ ଓଡ଼ିଶା ୨୦୩୬ର ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ ରହିବ । ଏହା ସହ ଆଗାମୀ ଦିନରେ ଦେଶରେ ଓଡ଼ିଶାକୁ ମହିଳା ସୁରକ୍ଷିତ ରାଜ୍ୟର ଉଦାହରଣ ରୂପେ ପରିଗଣିତ କରିବାକୁ ଓଡ଼ିଶା ପୋଲିସ ପ୍ରତିଶ୍ରୁତିବଦ୍ଧ । ଏହି ଅବସରରେ ଡିଜିପି ସମସ୍ତ ପୋଲିସ ଅଧିକାରୀମାନଙ୍କୁ ମିଳିମିଶି ଏକ ସୁରକ୍ଷିତ ଓଡ଼ିଶା ଗଢିବା ନିମନ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି ।

ମହିଳାମାନେ ହେଉଛନ୍ତି, ସମାଜର ଭିତ୍ତିଭୂମି । ସମାଜକୁ ସଠିକ୍ ଢଙ୍ଗରେ ପରିଚାଳନା କରିବାକୁ ସେମାନଙ୍କ ଉଦ୍ୟମ ପ୍ରଶଂସନୀୟ । କିନ୍ତୁ ବିଭିନ୍ନ ସମୟରେ ମହିଳାମାନେ ବଳାତ୍କାର, ଯୌନ ଅତ୍ୟାଚାର, ଘରୋଇ ହିଂସା, ରାସ୍ତାରେ ନିର୍ଯାତନା ଏବଂ ସାଇବର ଅପରାଧର ଶିକାର ହେଉଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ ବୋଲି ଶ୍ରୀ ଖୁରାନିଆ ତାଙ୍କ ବକ୍ତବ୍ୟରେ କହିଛନ୍ତି । ଏହାକୁ ରୋକିବାକୁ ପ୍ରତିଟି ସ୍ତରରେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ । ତଦନ୍ତକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ସୁପରଭାଇଜିଂ ଅଫିସର ଏବଂ ଜିଲ୍ଲା ଏସ୍‌ପି ସମସ୍ତେ ଏ ଦିଗରେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳାଙ୍କ ଉପରେ ହେଉଥିବା ବିଭିନ୍ନ ଅପରାଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରିବାକୁ ଓଡ଼ିଶା ପୋଲିସକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ସେଥିପାଇଁ ରାଜ୍ୟରେ ୫୩୭ଟି ଥାନାରେ ମହିଳା ଓ ଶିଶୁ ଡେସ୍କରେ ସଠିକ୍ ପରିଚାଳନା ତଦାରଖ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ସଙ୍ଗଠିତ ହେଉଥିବା ଗଣବଳାତ୍କାର ଭଳି ସଙ୍ଗୀନ ଘଟଣା ସମାଜରେ ମହିଳାଙ୍କ ମନୋବଳକୁ ଦୁର୍ବଳ କରୁଛି । ଏହିସବୁ ମାମଲା ଗୁଡିକର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡବିଧାନ କରିବାରେ ଅଗ୍ରଣୀ ଭୂମିକା ନେବାକୁ ଡିଜିପି ତାଙ୍କ ବକ୍ତବ୍ୟରେ କହିଛନ୍ତି ।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ଓଡ଼ିଶାରେ ଏଭଳି ମାମଲାର ଦଣ୍ଡବିଧାନ ହାର ୯.୧%, ଯାହା ଯଥେଷ୍ଟ ନୁହେଁ । ତଦନ୍ତର ଗତିଶୀଳତା, ଉପଯୁକ୍ତ ପ୍ରଶିକ୍ଷଣ ଓ ପୀଡିତାଙ୍କ ପ୍ରତି ସହାନୁଭୂତି ପୂର୍ଣ୍ଣ ବ୍ୟବହାର ଦ୍ୱାରା ଦଣ୍ଡାଦେଶ ହାରକୁ ବୃଦ୍ଧି କରିବା ସମ୍ଭବ ହୋଇପାରିବ ବୋଲି ଶ୍ରୀ ଖୁରାନିଆ ମତ ଦେଇଛନ୍ତି । ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ସୀମିତ ସମୟ ମଧ୍ୟରେ ତଦନ୍ତ, ଶୂନ୍ୟ ଏଫ୍‌ଆଇଆର୍, ଇ-ଏଫ୍‌ଆଇଆର୍ ଭଳି ସୁବିଧା ଉପଲବ୍ଧ ରହିଛି । ଏହାଦ୍ୱାରା ଅପରାଧୀଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଦଣ୍ଡିତ କରାଯାଇ ପାରିବ । ରାଜ୍ୟ ବାହାରକୁ ମହିଳା ଓ ଶିଶୁ ଚାଲାଣକୁ ରୋକିବା ତଥା ନିଖୋଜ ଥିବା ମହିଳା ଓ ଶିଶୁମାନଙ୍କୁ ଠାବ କରି ଫେରାଇ ଆଣିବା ନିମନ୍ତେ ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ପକ୍ଷରୁ ୩୭ଟି ଆଣ୍ଟି ହ୍ୟୁମାନ ଟ୍ରାଫିକିଂୟୁନିଟ୍ ସ୍ଥାପନ କରାଯାଇଛି । ମହିଳାମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହେବା ନିମନ୍ତେ ରାଜ୍ୟର ୧୦୦ରୁ ଅଧିକ ଥାନାରେ ମହିଳା ଅଧିକାରୀଙ୍କୁ ଥାନା ମୁଖ୍ୟ ଭାବେ ନିଯୁକ୍ତି ଦିଆଯାଇଛି । ମହିଳା ଓ ଶିଶୁମାନଙ୍କ ସମ୍ବେଦନଶୀଳ ଛବି ଓ ଭିଡିଓ ଗୁଡିକର ଦ୍ରୁତ ପ୍ରଘଟକୁ ରୋକିବା ପାଇଁ ସାଇବର ପାଟ୍ରୋଲିଂ ବୃଦ୍ଧି ଓ ସୋସିଆଲ ମିଡିଆ ମନିଟରିଂକୁ ଅଧିକ କ୍ରିୟାଶୀଳ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ସମ୍ମିଳନୀରେ ଉପସ୍ଥିତ ରହି ମହିଳା ସୁରକ୍ଷା ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ନାବାଳିକା ବଳାତ୍କାର ଭଳି ସଙ୍ଗୀନ ମାମଲା ଗୁଡିକରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ୧୩ଟି ଜିଲ୍ଲାର ଏସ୍‌ପି, ତଦନ୍ତକାରୀ ଅଫିସର, ତଦାରଖକାରୀ ଅଧିକାରୀ ଓ ସରକାରୀ ଓକିଲଙ୍କୁ ଡିଜିପି ମାନପତ୍ର ପ୍ରଦାନ କରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉତ୍ସାହିତ କରିଥିଲେ । ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ ଚାର୍ଜସିଟ୍ ଦାଖଲ କରିବା ଠାରୁ ଆରମ୍ଭ କରି ବିଚାର ପ୍ରକ୍ରିୟାକୁ ତୁରନ୍ତ ସମାପ୍ତ କରିବା ସହ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବାକୁ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି । ଓଡ଼ିଶା ପୋଲିସର ତଦନ୍ତଶୈଳୀ, ବୃତ୍ତିଗତ ଦକ୍ଷତା, ପୀଡିତା ଓ ସାକ୍ଷୀମାନଙ୍କ ବୟାନ ଯୋଗୁ ଏହି ମାମଲା ଗୁଡିକରେ ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି । ୧୩ଟି ମାମଲା ମଧ୍ୟରୁ ୧୧ଟି ମାମଲାରେ ଅଭିଯୁକ୍ତଙ୍କୁ ୨୦ବର୍ଷ ଏବଂ ତା'ଠାରୁ ଅଧିକ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି । ଏହି ସମ୍ମିଳନୀରେ ଉତ୍ତରପ୍ରଦେଶ ଡିଜିପି ରେଣୁକା ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ମିତାଲି ଚିନ୍ନାରା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପ୍ରଫେସର ସୁମନ ଦାସ ଭଟ୍ଟମିଶ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡଃ ସୁଜାତା ମିଶ୍ର, ମହିଳା ଓ ଶିଶୁ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ଅନନ୍ୟା ଦାସ, ମହିଳା ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ଉପସ୍ଥିତ ରହି ସମାଜରେ ମହିଳାଙ୍କ ସ୍ଥାନ ଏବଂ ସେମାନଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ । ସମ୍ମିଳନୀ ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ମହିଳା ଓ ଶିଶୁ ଅପରାଧୀ ଶାଖାର ଆଇଜି ଏସ୍.ସାଇନି, ସମ୍ମିଳନୀ ଶେଷରେ କ୍ରାଇମ୍‌ବ୍ରାଞ୍ଚ ଆଇଜି ଡଃ ସାର୍ଥକ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate, Satyabadi, date: 06/09/2025 I, Kunja Pradhan, Address At-Bidyadharpur, Po- Gualigorada, Ps- Balanga, Dist- Puri, Odisha, 752045. Declare that I have changed my daughter's name Laxmipriya Pradhan to Subhadra Pradhan Henceforth, She shall be known as Subhadra Pradhan All purposes.

Sd/- Kunja Pradhan

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ELS-ANGL-OT-25-26-07

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳର WAG-7 ବିଦ୍ୟୁତ୍ ଇଞ୍ଜିନ୍ (Electric Locomotive)ଗୁଡ଼ିକର ଲାଇନ୍ କଣ୍ଟାକ୍ଟର ଏବଂ ବଣ୍ଟିଙ୍ଗ କଣ୍ଟାକ୍ଟରର ଓଭରହଲିଙ୍ଗ / ମରାମତି ।

ବିଜ୍ଞାପିତ ମୂଲ୍ୟ : ₹ 2,09,86,603.61, EMD : ₹2,54,900/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.12.09.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.09.2025ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଛେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRS / ଅନୁଗୁଳ

PR-572/Q/25-26

**AFFIDAVIT**

I, Mohammed RiyasatAli, S/o-Abdul Eradat Khan, resident of At-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin-754208, Odisha declare by this affidavit No-1790 Dtd.07.09.2025 that now onwards I shall be known as Mahammad Riyasat Alii for all future purposes.

**AFFIDAVIT**

I, Shaikh RaunakAhramusa, W/o-Mohammad Dilsad, resident ofAt-Gopa, Po-Aul, Ps-Aul, Dist-Kendrapara, Pin-754219, Odisha declare by this affidavit No-1767 Dtd.09.09.2025 that now onwards I shall be known as Raunak Ara for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ ନଂ. : ଡିଆରଏମଇଏନଜିଜିଆରଏନସି-୯୪-୨୦୨୫, ତାରିଖ : ୦୮.୦୯.୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ଡିଭିଜନାଲ ରେଲୱାଇ ମ୍ୟାନେଜର (ଇଏନଜିଜି) ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି-୮୩୪୦୦୩ ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । କାର୍ଯ୍ୟର ନାମ : ଝାଡଖଣ୍ଡର ରାଞ୍ଚି ଜିଲ୍ଲା ଅନ୍ତର୍ଗତ ରାଞ୍ଚି ଡିଭିଜନର ସମୁଦାୟ କ୍ଷମତା ପରିସରରେ ଥିବା ଷ୍ଟେସନ ୟାର୍ଡ, ରେଲୱେ କଲୋନୀ ପାଇଁ ରେଳବାଇ ଜମିର ପ୍ରୋଟେକସନ । ଟେଣ୍ଡର ମୂଲ୍ୟ : ଟ. ୯,୦୯,୬୯,୯୧୩.୪୪ । ଇଏମଡି ମୂଲ୍ୟ : ଟ. ୬,୦୪,୯୦୦/- । ଟେଣ୍ଡର ବନ୍ଦ ତାରିଖ ଓ ସମୟ : ୦୩.୧୦.୨୦୨୫ ଅପରାହ୍ନ ୧୫.୦୦ ଘଣ୍ଟା । ଅନଲାଇନ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବସାଇଟ୍ www.ireps.gov.in ଦେଖି ପାରିବେ । (PR-609)

**AFFIDAVIT**

I, Mohammed Eradat AN, S/o-Abdul Rahemat Khan, resident of At-Kanipadasabalanga, Po-Sabalangakanipada, Ps-Derabish, Dist-Kendrapara, Pin-754208, Odisha declare by this affidavit No-1791 Dtd.07.09.2025 that now onwards I shall be known as Abdul Eradat Khan for all future purposes.

**Office of The Principal**
DERABIS COLLEGE, DERABIS, DIST-KENDRAPARA, PIN-754289
NAAC ACCREDITED B+
Phone : 06727-263824, Email : derabishcollege@gmail.com, Website : www.derabiscollege.edu.in

No. DC-05/2025-2026 Date : 09.09.2025

**TENDER CALL NOTICE**

Sealed quotations are invited from intending and eligible manufacturers/ firms/suppliers/authorized dealers (having GST) to supply Desktop, UPS, Multifunction Printers (MFM) LED TVs (65 inch), wireless mice cameras for virtual meetings and internet facilities and the quoted price details should reach to the undersigned by 24.09.2025. The details of tender documents, terms and conditions are available in the www.derabiscollege.org.in

The undersigned reserves the right to reject / cancel any or all the quotations without specifying any reasons thereof.

Sd/- Principal
Derabis College, Derabis

**AFFIDAVIT**

I, Nasreenzahan Bibi, W/o-Shaikh Baharuddin, resident of At-Baujang, Po-Nalipur, Ps-Balichandrapur, Dist-Jajpur, Pin-754205, Odisha declare by this affidavit No-183 Dtd.11.08.2025 that now onwards I shall be known as Nasreen Jahan Bibi for all future purposes.

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA)
PHONE : 0663-2950721(O), 2950765(R), E-Mail : srgmhps_burla@yahoo.co.in
CIN : U40101OR1995SGC003963

CAD-1705 No. HHEP/Tech-W-152(Vol-1)/6094 Date : 09.09.2025

**e-TENDER CLAL NOTICE NO. HHEP-50/2025**

Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received **online mode only** for the following work in the portal **https://tendersodisha.gov.in**

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and Maintenance of water supply system of Residential and Non-Residential building of HHEP, Burla for two years | 37,24,019/- | Rs. 7080/- (Rs.6000/- + GST 18%) | 37300/- |

- Sale of tender paper : 12.09.2025 (11.00 AM) to 23.09.2025 upto 03.00 PM
- Receipt of tender paper : 23.09.2025 upto 03.00 PM
- Date & time of opening of tender : 23.09.2025 at 04.00 PM
- Further details can be seen from the e-procurement portal **https://tendersodisha.gov.in/** www.ohpcltd.com

OIPR : 04007/11/0069/2526 Sd/- Unit Head, HHEP, Burla

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated. 09.09.2025 I, UMA ROUL Address WORD NO 13, KANTOLA, ATHAGARH, DIST : CUTTACK, PIN : 754029, ODISHA declare that I have changed my name from RUPA DEI to UMA ROUL. Henceforth, I shall be known as UMA ROUL for all purposes.

(UMA ROUL)

**ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର**
ଟାଟା ମୌଳିକ ଗବେଷଣା ପ୍ରତିଷ୍ଠାନ
**ଜାତୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ ୨୦୨୫-୨୦୨୬**
**ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଜୁନିଅର ବିଜ୍ଞାନରେ**

ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନଭେମ୍ବର ୨୨ ଏବଂ ୨୩, ୨୦୨୫ ରେ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସ ଟିଚର୍ସ (ଆଇଏପିଟି) ଦ୍ୱାରା ପରିଚାଳିତ ଅନୁରୂପ ଜାତୀୟ ମାନକ ପରୀକ୍ଷା (ଏନଏସଇଏସ) (ବିଜ୍ଞାନ ବିଷୟ ପାଇଁ) ରେ ଉପସ୍ଥିତ ହେବାକୁ ପଡିବ ।

ଶିକ୍ଷାଗତ ଯୋଗ୍ୟତା ହେଉଛି ୨୦୨୬ ର ଅନୁରୂପ ଅନ୍ତର୍ଜାତୀୟ ଅଲିମ୍ପିଆଡ୍ ରେ ଅଂଶଗ୍ରହଣ ପାଇଁ ପ୍ରଥମ ପଦକ୍ଷେପ ।

ନାମଲେଖା ପାଇଁ :

ଏନଏସଇଏସ : https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୫)

ଅଧିକ ବିବରଣୀ ପାଇଁ : https://olympiads.hbcse.tifr.res.in https://www.iapt.org.in

cbc 48143/12/0007/2526

**AFFIDAVIT**

By an affidavit sworn before the Executive Magistrate Baripada, Dist-Mayurbhanj, I, Puja Murmu, aged 35, Wife of Santosh Murmu, resident of At-Rangamatia, Po- Sankhabhanga, Ps-Baripada, Dist- Mayurbhanj, **Aadhaar Card No. 5908-8496-7280,** declare that this **affidavit no. 262, dated. 09.09.2025.** My daughter's actual and correct name is **Mamuni Murmu,** as reflected in her **birth certificate.** However, her Aadhaar Card lists her name as **Java Murmu** instead of **Mamuni Murmu.** Therefore, the name on my daughter's Aadhaar Card needs correction to read **Mamuni Murmu.** That I swear this affidavit to be produced before the concerned authority for correction of the name of my daughter as **Mamuni Murmu** in her Aadhaar card to avoid future disputes.

Sd/- Puja Murmu

A-601

**OFFICE OF THE SUPERINTENDING ENGINEER**
**BURLA IRRIGATION DIVISION, BURLA**
'e' mail ID:sambalpurirrigation@rediffmail.com
No. 3859 / Dated : 06.09.25

**SHORT QUOTATION CALL NOTICE No. 01/2025-26**

Sealed Quotations are invited from interested reputed Registered Travel agencies/ Tour operators/ Private individuals having valid GST and PAN Card for providing one number of AC diesel/ petrol driven vehicle BS-VI compliant (TUV 300/ Bolero/Sumo Gold/ Ertiga or equivalent model) having seating capacity not less than five including Driver (which shall confirm to the terms & conditions of the quotation call notice) for official use of Assistant Executive Engineer, Godbhaga Canal Sub Division, Godbhaga for inspection of the official work on monthly/daily rent basis for period from 01.10.2025 to 31.03.2026.

1. Sale of Quotation Document: From 12.09.2025 at 10.00AM to 20.09.2025 up to 5.00PM
2. Last Date to Drop rf Quotation:20.09.2025 up to 5.00PM
3. Opening of Quotation: 22.09.2025 at 11.00PM
4. The Quotation must be accompanied with Security Deposit of Rs.5000/- (Rupees Five Thousand) only in shape of Deposit Receipt from Nationalized Bank/ NSC/ KVP duly pledged in favour of Superintending Engineer, Burla Irrigation Division, Burla, otherwise the quotation will be rejected. After completion of quotation process, the security deposit will be refunded to the unsuccessful bidders.
5. The details are available in office of the Superintending Engineer, Burla Irrigation Division, Burla during office hours and also in the websites https://dowr.odisha.gov.in, https://odisha.gov.in and https://sambalpur.odisha.gov.in.
6. The Quotation Calling Authority reserves the absolute right to accept or reject any or all Quotations without assigning any reason thereof.

Sd/- Superintending Engineer
Burla Irrigation Division, Burla

OIPR : 32436/11/0014/2526

# ଟିଭିଏସ ଏନଟର୍କ ୧୫୦ ଉନ୍ମୋଚିତ



ଭୁବନେଶ୍ୱର, ଦୁଇଚକିଆ ଏବଂ ତିନି-ଚକ ଯାନର ଏକବିଶ୍ୱସ୍ତରୀୟ ଲିଡର ଟିଭିଏସ୍ ମୋଟର୍ କମ୍ପାନି ଟିଭିଏସ ଭାରତର ଦ୍ରୁତତମ ହାଇପରସ୍ପୋର୍ଟସ୍ ସ୍କୁଟର୍ ଟିଭିଏସ୍ ଏନଟର୍କ ୧୫୦ର ଉନ୍ମୋଚନ ଘୋଷଣା କରିଛି । ୧୪୯.୭ସିସିର ରେସ୍ ଆଧାରିତ ଇଞ୍ଜିନ୍ ଦ୍ୱାରା ଚାଳିତ ଏବଂ ଷ୍ଟିଲଥ ଏୟାରକ୍ରାଫ୍ଟ ଡିଜାଇନରୁ ଅନୁପ୍ରାଣିତ ଏହି ସ୍କୁଟରଟି ଉଚ୍ଚ ପ୍ରଦର୍ଶନ, ସ୍ପୋର୍ଟି ସୌନ୍ଦର୍ଯ୍ୟ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିର ମିଶ୍ରଣ ଯାହା ରାଇଡରମାନଙ୍କ ଏକ ନୂଆ ପିଢ଼ିକୁ ସେବା ପ୍ରଦାନ କରିବ । ଏହାର ଏକବିଶେଷ ପ୍ରାରମ୍ଭିକ ମୂଲ୍ୟ ୧,୧୯,୦୦୦ ଟଙ୍କା (ଏକ୍ସ-ଶୋରୁମ୍, ସାରା ଭାରତ) ରହିଛି । ଟିଭିଏସ୍ ଏନଟର୍କ କାହାଣୀରେ ସର୍ବଦା ଚକିତ କରିବା ଭାବ ଉପରେ ଗଠିତ ଏହି ନୂତନ ସ୍କୁଟରଟି ଆଉ ଏକ ଭବିଷ୍ୟତ ଆଇକନ୍ ହେବ । ଏହାର ମଲଫି ପଏଣ୍ଟ ପ୍ରୋଜେକଫର ହେଡଲ୍ୟାମ୍ପ୍, ଏୟାରୋଡାଇନାମିକ୍ ୱିଙ୍ଗଲେଟ୍, ରଙ୍ଗିନ ଆଲୟ ଚକ, ଏବଂ ସିଗନେଚର୍ ମଫଲର୍ ନୋଟ ଏହାର ରେସିଂ ଡିଏନଏକୁ ଉଜ୍ଜ୍ୱଳ କରିଛି ଏବଂ ଆଲେକ୍ସା ଏବଂ ସ୍ମାଟରୱାଚ୍ ସମନ୍ୱୟ, ଲାଇଭ୍ ଟ୍ରାକିଂ, ନେଭିଗେସନ୍, ଏବଂ ଓଟିଏ ଅପଡେଟ୍ ପରି ୫୦ରୁ ଅଧିକ ସ୍ମାର୍ଟ ବୈଶିଷ୍ଟ୍ୟ ସହିତ ଏକ ହାଇ-ରେସ୍ ଟିଏଫଟି କ୍ଲଷ୍ଟର୍ ଏହାକୁ ଏହାର ଶ୍ରେଣୀର ସବୁଠାରୁ ଉନ୍ନତ ସ୍କୁଟର୍ ଭାବରେ ଗଢ଼ି ତୋଳିଛି । ଏହାର ଶୁଭାରମ୍ଭ ଅବସରରେ ଟିଭିଏସ୍ ମୋଟର କମ୍ପାନିର ବରିଷ୍ଠ ଉପସଭାପତି ଓମୁଖ୍ୟ-କମ୍ୟୁଟର୍ ଏବଂ ଇଭି ବିଜନେସ୍ ଏବଂ ମୁଖ୍ୟ-କର୍ପୋରେଟ୍ ବ୍ରାଣ୍ଡ ଓ ମିଡିଆ ଅନିରୁଦ୍ଧ ହଳଦାର କହିଛନ୍ତି ଯେ, "ଦୁଇ ନିୟୁତରୁ ଅଧିକ ଏନଟର୍କ ଗ୍ରାହକ ଏବଂ ୫୦ରୁଅଧିକ ସ୍ୱ-ପରିଚାଳିତ ରାଇଡ୍ ଗ୍ରୁପ୍ ଏବଂ ସମ୍ପ୍ରଦାୟ ସହ ଭାରତର ସବୁଠାରୁ ପ୍ରିୟ ଏବଂ ଆଇକନିକ୍ ଅଟୋମୋଟିଭ୍ ବ୍ରାଣ୍ଡ ଏବଂ ଏହାର ରାଇଡରମାନଙ୍କ ମଧ୍ୟରେ ଗଠିତ ସମ୍ପର୍କକୁ ବ୍ୟାଖ୍ୟା କରୁଛି ।

E-mail: eemisundargarh@yahoo.co.in

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SUNDARGARH.**

A-605

**'e' Procurement Notice**
**Bid Reference No. SE MID SNG 06/2025-26**

**Bid documents consisting names of Work, Estimated cost, Cost of tender paper, EMD**, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

| | | | |
|---|---|---|---|
| 1 | Name of the works | : | Civil Construction work. |
| 2 | No of Works | : | 04(Four) Nos. |
| 3 | Estimated cost | : | Varies from Rs. 51.42 lakh to Rs. 63.16 lakh (Approximately) |
| 4 | Period of completion | : | 04 (Four) Calendar months |
| 5 | Date and Time of availability of bid documents in the portal | : | From dt.11.09.2025 at.10.00 AM to dt.25.09.2025 up to 5.30 PM. |
| 6 | Last date / time of receipt of bids in the portal | : | Dt.25.09.2025 up to 5.30 PM |
| 7 | Date of opening of Technical Bid (Cover-I) | : | Dt.26.09.2025 at 11.00 AM onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place **https://tendersodisha.gov.in**

Sd/- Superintending Engineer
M.I. Division, Sundargarh

OIPR : 32124/11/0033/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାୟକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୨, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ସଦାଶିବ ତ୍ରିପାଠୀଙ୍କ ପୁଣ୍ୟ ତିଥି ପାଳିତ

ଭୁବନେଶ୍ୱର, (ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କର କଥା ଓ କାର୍ଯ୍ୟରେ ଫରକ୍ ନଥିଲା। ଭୂସଂସ୍କାର କାର୍ଯ୍ୟକ୍ରମରେ ତାଙ୍କର ତ୍ୟାଗପୂତ ଅବଦାନ ଆଜି ବି ଲୋକ ମୁଖରେ ପ୍ରଚାରିତ ଏବଂ ଚିରଦିନ ପାଇଁ ଉଦାହରଣ ହୋଇ ରହିବ ବୋଲି ମଙ୍ଗଳବାର ତାଙ୍କର ପୁଣ୍ୟ ତିଥିରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କ୍ୟାପିଟାଲ ହସ୍ପିଟାଲ ଛକରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ତାଙ୍କର ପବିତ୍ର ପୁଣ୍ୟ ତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳିତ ହୋଇଯାଇଅଛି। ପ୍ରଥମେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ବିଶ୍ୱଜିତ୍ ପଟ୍ଟନାୟକ, ବିଜୟ ସାହୁ, ଅକ୍ଷୟ କୁମାର ସାମଲ, ପ୍ରଧାପକ ରମେଶ ଚନ୍ଦ୍ର ପାତାଳ




ସିଂ, ସତ୍ୟବ୍ରତ ଜେନା, ବସନ୍ତ ମଲ୍ଲିକ, ଗିରିଜା ଶଙ୍କର ମହାପାତ୍ର, ମନୋରଞ୍ଜନ ମହାନ୍ତି, ବିଜୟ ପ୍ରଧାନ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଶଶିକାନ୍ତ ମଲ୍ଲିକ, ଅକ୍ଷୟ କୁମାର ସାମଲ, କପିଳାସ ପ୍ରଧାନ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରିଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୮୦ଲିଟର ଦେଶୀ ମଦ ଜବତ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚୋରା ମଦ ବିକ୍ରୟ ଉପରେ ମଙ୍ଗଳବାର ଭଣ୍ଡାରିପୋଖରୀ ଥାନା ପୁଲିସ ଓ ଅବକାରୀ ପୁଲିସ ମିଳିତ ଭାବେ ଚଢାଉ କରି ୮୦ ଲିଟର ଦେଶୀ ମଦ ଜବତ କରିବା ସହ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାଯାଇଛି । ଜୋରାଗଡିଆ ଗ୍ରାମର ବେଆଇନ ମଦ ବିକ୍ରେତା ଗୁଣିଆ ଜେନା ଓ ଗୌରାଙ୍ଗ ଜେନା, ରଣଜିତ ଗ୍ରାମର ବେଆଇନ ମଦ ବିକ୍ରେତା ଦେବେନ୍ଦ୍ର ନାୟକ ଓ ଆକୁଳିକଣା ଗ୍ରାମର ବେଆଇନ ମଦ ବିକ୍ରେତା ରବିନ୍ଦ୍ର ସେଠୀ୪ଙ୍କୁ ଗିରଫ କରାଯାଇଛି । ଅବକାରୀ ପୁଲିସ ପକ୍ଷରୁ ୧୧୮,୧୧୯,୧୨୦ ଓ ୧୨୧/୨୦୨୫-୨୬ନଂ ମାମଲା ରୁଜୁ କରାଯାଇ ଅଭିଯୁକ୍ତ୪ଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଭୁବନେଶ୍ୱରରେ ଇସିଏଚ୍‌ଏସ୍ କନ୍‌କ୍ଲେଭ

ଭୁବନେଶ୍ୱର (ସବ୍ୟୁ): ଏକ୍ସ ସର୍ଭିସ୍‌ମେନ୍ କଣ୍ଟ୍ରିବ୍ୟୁଟାରୀ ହେଲ୍ଥ ସ୍କିମ୍ (ଇସିଏଚ୍‌ଏସ୍) କନ୍‌କ୍ଲେଭ ଏଠାରେ ଆୟୋଜିତ ହୋଇଯାଇଛି। ସିଭିଲ୍ ସ୍ୱାସ୍ଥ୍ୟସେବାକୁ ଏକତ୍ରିତ କରି ପୁରାତନ ସେନା ଓ ତାଙ୍କ ପରିବାରକୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଆଗକୁ ବଢ଼ିବା ଏହି କନ୍‌କ୍ଲେଭର ଉଦ୍ଦେଶ୍ୟ। ଉକ୍ତ କାର୍ଯ୍ୟକ୍ରମରେ ମଧ୍ୟଭାରତ ଏରିଆର ଜିଓସି ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍ ଶେଖାୱତ୍, ପି.ଭି ଏସ୍‌ଏମ୍, ଏ.ଭି ଏସ୍‌ଏମ୍, ଏସ୍‌ଏମ୍ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଏସ୍‌ଏମ୍ କମାଣ୍ଡର ଛତିଶଗଡ ଓ ଓଡ଼ିଶା ସବ୍‌ଏରିଆ



(କୋଷା) ବ୍ରିଗେଡିୟର ତେଜିନ୍ଦର ସିଂହ ବାୱା ଉପସ୍ଥିତ ଥିଲେ । ଭୁବନେଶ୍ୱର, କଟକ, ଯାଜପୁର ଓ ପୁରୀର ୧୫ଟି ପ୍ରମୁଖ ଇସିଏଚ୍‌ଏସ୍ ଭାଗିଦାର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଥିଲେ । ପ୍ରାୟ ୩୦ଜଣ ସିନିୟର ଏକ୍‌ଜିକ୍ୟୁଟିଭ୍, ଡାଇରେକ୍ଟର ସିଓଓ ଓ ମେଡିକାଲ ସୁପରିଟେଣ୍ଡେଣ୍ଟ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ମୁକ୍ତ ଆଲୋଚନା କରାଯାଇ ଭାଗିଦାର ହସ୍ପିଟାଲମାନେ ସମନ୍ୱୟ, ପରିଚାଳନାଗତ ସମସ୍ୟା ଓ ସେବା ଦାନର ଉନ୍ନତି ବିଷୟରେ ମତାମତ ରଖିଥିଲେ। ଲେଫ୍ଟନାଣ୍ଟ ଜେନେରାଲ ପି.ଏସ୍ ଶେଖାୱତ୍ ପୁରାତନ ସେନା, ବୀର ନାରୀ ବିଧବା ଓ ସେମାନଙ୍କ ପରିବାର ପ୍ରତି ସେନାବାହିନୀଙ୍କ ଅଟଳ ପ୍ରତିବଦ୍ଧତାକୁ ପୁନଃରୁଚାରଣ କରିଥିଲେ । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଓ ଜାତୀ ପାଇଁ ସେବା ହେଉଛି ମୌଳିକ ଦାୟିତ୍ୱ ବୋଲି ସେ କହିଥିଲେ । ଶେଷରେ ବ୍ରିଗେଡିୟର ତେଜିନ୍ଦର ସିଂହ ବାୱା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜସ୍ଥାନୀ ମଦ ବ୍ୟବସାୟୀ ଗିରଫ

ଠାକୁରମୁଣ୍ଡା,(ସବ୍ୟୁ): ଦେଶୀ ମଦ ବ୍ୟବସାୟ ଅଭିଯୋଗରେ ଠାକୁରମୁଣ୍ଡା ଅବକାରୀ ବିଭାଗ ଚଢ଼ାଉ କରି ଜଣେ ରାଜସ୍ଥାନୀ ଲୋକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ରାଜସ୍ଥାନ ଭରତପୁର ଜିଲ୍ଲା ଦିଘ ଥାନା ସରୋଓ୍ୱାଲୀ ଗ୍ରାମର ଯୁବକ ନିହାଲ ସିଂ (୨୯) ଦୀର୍ଘ ୪ ବର୍ଷ ହେଲା ଠାକୁରମୁଣ୍ଡା ଥାନା ସିମଡିହା ଗ୍ରାମରେ ରହି ଆସୁଛନ୍ତି । ସେ ଏଠାରେ ପ୍ରେମ ବିବାହ କରି ରହିବା ସହିତ ମଦ ବ୍ୟବସାୟ କରି ଆସୁଥିଲେ । ଅଭିଯୋଗ ପାଇ ଅବକାରୀ ବିଭାଗ ମଙ୍ଗଳବାରଦିନ ଚଢ଼ାଉ କରି ର ତା ଘରୁ ୧୯ ଲିଟର ମହୁଲି ମଦ ଜବତ କରିଥିଲା । କେଶ ନଂ ୧୦୨/୨୫ରେ ନିହାଲକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

## ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି

# ଲୋକାରଣ୍ୟରେ ପରିଣତ ହେଲା ଅନ୍ତିମଯାତ୍ରା

ଭୁବନେଶ୍ୱର, (ସବ୍ୟୁ) ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ନୂଆପଡ଼ାର ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନୂଆପଡ଼ା ଠାରେ ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି । ଏହି ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ସମେତ ବିଜେଡିର ବରିଷ୍ଠ ନେତୃବୃନ୍ଦ, ଅନ୍ୟ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସହ ବିଭିନ୍ନ ଧର୍ମ ଓ ସମାଜର ପ୍ରତିନିଧି ଉପସ୍ଥିତ ରହି ଅନ୍ତିମ ଯାତ୍ରାରେ ସାମିଲ ହେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମଙ୍ଗଳବାର ମଧ୍ୟାହ୍ନରେ ଚେନ୍ନାଇରୁ ତାଙ୍କ ପାର୍ଥିବ ଶରୀର ରାୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ଖରିଆର ରୋଡ୍‌କୁ ଅଣାଯାଇଥିଲା । ଏକ ଶୋକାକୁଳ ପରିବେଶରେ ନୂଆପଡ଼ା ଓ ଖରିଆର ରୋଡ ଅଧିବାସୀ ତଥା ନିକଟସ୍ଥ ଅଞ୍ଚଳର ନେତୃମଣ୍ଡଳୀ ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ନୂଆପଡ଼ା ଓ ଖରିଆର ରୋଡରେ ପହଞ୍ଚିଥିଲେ ଓ ଶ୍ରଦ୍ଧାଞ୍ଜଳି ପାଇଁ ବିଭିନ୍ନ ସ୍ଥାନରେ ଉପସ୍ଥିତ ଥିଲେ । ସ୍ୱର୍ଗତ ଢୋଲକିଆଙ୍କ ସମ୍ମାନାର୍ଥେ ସମସ୍ତ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଦଳମତ ନିର୍ବିଶେଷରେ ସମସ୍ତଙ୍କ ଉପସ୍ଥିତିରୁ ସ୍ୱର୍ଗତ ଢୋଲକିଆଙ୍କ ଲୋକପ୍ରିୟତା ଦେଖିବାକୁ ମିଳିଥିଲା । ନୂଆପଡ଼ାର ବିଭିନ୍ନ ଛକରେ ତାଙ୍କ ପାର୍ଥିବ ଶରୀରକୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦିଆଗଲା ପରେ ଖରିଆର ରୋଡ୍‌ରେ ତାଙ୍କ ବାସଭବନ ସନ୍ନିକଟ ବିଦ୍ୟାଳୟରେ ଅଞ୍ଚଳବାସୀ ଶେଷ ଦର୍ଶନ କରିଥିଲେ । ହଜାର ହଜାର ଲୋକଙ୍କ ଉପସ୍ଥିତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହିତ ବିଜୁ ଜନତା ଦଳ ତରଫରୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟକ ଅଧିରାଜ ପାଣିଗ୍ରାହୀ, ସ୍ୱର୍ଗତ ଢୋଲକିଆଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଅର୍ପଣ କରିଥିଲେ । ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ଟୁକୁନି ସାହୁ, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ସାଧାରଣ ସମ୍ପାଦକ ବିଜୟ ନାୟକ, ବିଧାୟିକା ଶ୍ରୀମତୀ ବର୍ଷା ସିଂ ବରିହା, ବିଧାୟକ ଶ୍ରୀ ପ୍ରଦୀପ ଦିଶାରୀ, ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଶ୍ରୀ ସୁଦର୍ଶନ ହରିପାଲ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ। ଏହି ଅବସରରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାପରିଷଦ ଅଧ୍ୟକ୍ଷା, ସ୍ଥାନୀୟ ଏନଏସି ଓ ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରମୁଖ ଅନ୍ତିମ ସଂସ୍କାରରେ ଯୋଗ ଦେଇଥିଲେ ।

# ଅବସରପ୍ରାପ୍ତ ଶିକ୍ଷକ ସଂଗଠନର ବାର୍ଷିକୋତ୍ସବ

କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ସଦର ବ୍ଲକ ସ୍ଥିତ ପଳାଶପଙ୍ଗା ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଦିନ ଅବସର ପ୍ରାପ୍ତ ଶିକ୍ଷକ ସଂଗଠନର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ବିମ୍ବାଧର ବେହେରା ମୁଖ୍ୟ ଅତିଥି ଯୋଗ ଦେଇଥିବା ବେଳେ ଡଃ ସୁଧାକର ଦାଶ ମୁଖ୍ୟବକ୍ତା , ମମତା ରାଣୀ ଦାସ, ଉତ୍ତମ କୁମାର ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର ଆମ ଗୁରୁକୁଳକୁ ସମସ୍ତ ଅତିଥି ଗଣ ଉନ୍ମୋଚିତ କରିଥିଲେ । ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୈଳାସ ଚନ୍ଦ୍ର ମିଶ୍ର , ଲିଲିମୁନୀ ମୁଣ୍ଡା, ନୀଳାମ୍ବର ମହାନ୍ତ, ରାସମଣି ମାଝୀ, ଅଭିମନ୍ୟୁ ସେଠୀ, ଭବାନୀରାଣୀ ଗିରି ଏବଂ ୨୦୨୫ ମସିହା ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡରେ ସଫଳତାର ସହ ପାସ କରିଥିବା ଛାତ୍ରଛାତ୍ରୀ ଚନ୍ଦନ କୁମାର ମହାନ୍ତ, ପୁଷ୍ପିତା ମହାକୁଡ, ଅମରଜିତ ମହାନ୍ତ , ଦେବୀ ପ୍ରସାଦ ବଳ ଓ ଦେବସ୍ମିତା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ସଂପାଦକ ବେଣୁଧର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଅଧ୍ୟାପକ ଅମୂଲ୍ୟ କୁମାର ପ୍ରଧାନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିବା ସହିତ ସଓ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଗଠନର ମାର୍ଗଦର୍ଶକ ମନମୋହନ ସିଂ ସଂଗଠନର ଗୁରୁତ୍ୱ ଏବଂ ଏହାର ମହତି କଥା ଉପସ୍ଥାପନା କରିବା ସହିତ ସଂଗଠନକୁ ଦୀର୍ଘ ସ୍ଥାୟୀ କରି ଆଗେଇ ନେବା ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଲୋଡିଥିଲେ ।

# ସ୍ମୃତିରେ ସ୍ମୃତିରେ ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ସଙ୍ଗୀତ ସନ୍ଧ୍ୟା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଆ ଚଳଚ୍ଚିତ୍ରର ସୁନାମଧନ୍ୟ ଗୀତିକାର ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ ଜୟନ୍ତୀ ଅବସରରେ ହେଭେନ୍ସ ଗ୍ରୁପ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ମୃତିରେ ସ୍ମୃତିରେ ଶିବବ୍ରତ ଓ ନାରାୟଣ ପ୍ରସାଦ ସିଂ. ଙ୍କ ରଚିତ ଚିରସବୁଜ ସଙ୍ଗୀତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସଂଗୀତ ସନ୍ଧ୍ୟାରେ, ଓଡ଼ିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ମହାପ୍ରସାଦ କର. ହରପ୍ରିୟା ସ୍ୱାଇଁ. ଏନ ଶ୍ରୀନିବାସ, ଡ଼କ୍ଟର ଆଦ୍ୟାଶା ଦାସ,. ଅଶ୍ୱିନୀ ମହାନ୍ତି.ଆହୁତି ମିଶ୍ର.ରଶ୍ମିତା ଦାସ. ଆୟୁଷମାନ ପଣ୍ଡା. ସ୍ମରଣିକା ନାୟକ.ରୁଦ୍ରାଂଶୁ. ସୁଶାନ୍ତ ପଣ୍ଡା. ଅର୍ଣ୍ଣଭ ପଣ୍ଡା. ଏହି ଗୀତ ଗୁଡ଼ିକ ପରିବେଷଣ କରିଥିଲେ! ଏହି ଗୀତ ଗୁଡିକ ମଧ୍ୟରେ ରହିଥିଲା. ଏଇ ଜୀବନ ଟା ଏକ ନାଟକ. ମେଘ ବରଷିଲା ଟୁପୁରୁ ଟୁପୁରୁ,ପୀରତି ଚୋରି ଚୋରି ଖେଳ. ଯା. ଯା ରେ ଭାସି ଯା. ତୁନି ତୁନି କଥା. ଯେଉଁଠି ମୁଁ ଚାଲୁଥିଲି..ଚୋରା ଚୋରା ପ୍ରୀତି, ଆରେ ମିତ ଆ ସଂଗାତ,.ସପନ ର ପଥେ ପଥେ, ଯୋଉ ବନରୁ ଅପରାଧ, ଆରେ ମୋ ଲତକ ବାଲି, ମୁଁ ଦେଖିଲି କାଲି ମୋର ଝରକା ଖୋଲି.: ସରମୀ ଲତା



ମୋର, ଅଳପ ହସରେ.ଶୁଭ କାମନା ଘେନ,. ମନେ ମନେ ଭାବୁଚୁ ଭାରି ସୁନ୍ଦର, କିଏ ଡାକେରେ ମାୟା ଜାଗେ ରେ, ଆହା କୁହନା, ଦୀର୍ଘ ତିନି ଘଣ୍ଟା ଧରି କଣ୍ଠ ଶିଳ୍ପୀମାନେ ଦର୍ଶକ ଙ୍କୁ ବିମୋହିତ କରିଥିଲେ । ଓଡିଶା ସଙ୍ଗୀତ ନାଟକ ଏକାଡେମୀ. ସଚିବ ଡ଼ ଚନ୍ଦ୍ର ଶେଖର ହୋତା, ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ବୈକୁଣ୍ଠ ବଳିଆ କନସଲଟାନ୍ସି ଆଣ୍ଡ ଡେଭଲପମେଣ୍ଟ. ଅର୍ଚ୍ଚନା ମହାପାତ୍ର, ଜିଏମ୍ ଇଫ୍ କୋ ଶୈଳଜା ପ୍ରସାଦ ରଥ, . ମୁମ୍ବାଇ ର ପୂର୍ବତନ ପୋଲିସ କମିଶନର. ଅରୂପ ପଟ୍ଟନାୟକ, ହେଭେନ୍ସ ଗ୍ରୁପର ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, . ଟ୍ରଷ୍ଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ବେହେରା. ଡ଼ ଆଦ୍ୟାଶା ସୁଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଇଂ ଶ୍ରୀନିବାସ ଘଟୁଆରୀ ମିଳନ।

## ଏସ୍.ଏସ୍.ଫାଉଣ୍ଡେସନ ଦ୍ୱାରା "ଆମ ଶିକ୍ଷାଦାତା" କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଏସ୍.ଏସ୍.ଫାଉଣ୍ଡେସନ ତରଫରୁ ଗୁଗଲ୍ ମିଟ୍ ରେ "ଆମ ଶିକ୍ଷାଦାତା" କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବକ୍ତା ଭାବରେ ଦେବାଶିଷ ମିଶ୍ର, ସୋମନାଥ ଧଳ ଏବଂ କେଦାର୍ ସାହୁ ପ୍ରମୁଖ ଯୋଗ ଦେଇ ଆମ ସମାଜରେ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ପ୍ରଭାସିନୀ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଦେବାଂଶି ପଟ୍ଟନାୟକ କବିତା ଆବୃତ୍ତି କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଭୋଜିତ୍ ପଣ୍ଡା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଉଦଭବ୍ ଫାଉଣ୍ଡେସନ ଏବଂ ଦ୍ ଇନ୍ସାଇଡ୍ କଭର୍ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ଥିଲେ।

## ୱି ଫର ଭୁବନେଶ୍ୱର ଓ ଭୌମ ନଗର ନାଗରିକ ସଂଘର ସାଧୁବାଦ

ଭୁବନେଶ୍ୱର (ସବ୍ୟୁ): ଗୌରବମୟ ଉତ୍କଳ ବିଶ୍ୱବଦ୍ୟାଳୟର ଶୈକ୍ଷିକ ବାତାବରଣକୁ ଦୀର୍ଘ ଦଶନ୍ଧି ଧରି କଳୁଷିତ କରି ରଖିବାକୁ ଚେଷ୍ଟିତ ଅଣଛାତ୍ର ଜବର ଦଖଲ କାରିଙ୍କୁ ବିତାଡିତ କରିବାକୁ ବର୍ତ୍ତମାନ ପ୍ରଶାସନ ଯେଉଁ ସାଧୁ ଉଦ୍ୟମ କରିଛନ୍ତି ଏହାକୁ ଭୁବନେଶ୍ୱରର ବରିଷ୍ଠ ନାଗରିକ ମଞ୍ଚ ଓ ଭୁବନେଶ୍ୱରର ଅଗ୍ରଣୀ ଅନୁଷ୍ଠାନ ୱି ଫର ଭୁବନେଶ୍ୱର ସାଧୁବାଦ ଜଣାଇଛନ୍ତି। ନିଶାମୁକ୍ତ ଓ ଜବରଦଖଲ ମୁକ୍ତ କରି ଗୌରବମୟ ଉତ୍କଳ ବିଶ୍ୱବିଦ୍ୟାଳୟର ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ବର୍ତ୍ତମାନର ପ୍ରଶାସନ ଓ ସରକାର ନିଷ୍ପତିକୁ ସଂଗଠନ ପକ୍ଷରୁ ଦୃଢ଼ ସମର୍ଥନ ଜଣାଇବା ସହ ଶିକ୍ଷାମନ୍ତ୍ରୀ ଓ ସରକାରଙ୍କ ଏ ପ୍ରକାର ଉଦ୍ୟମକୁ ସମର୍ଥନ ଜଣାଇଛନ୍ତି। ଏଥିପାଇଁ ଆୟୋଜିତ ଆଲୋଚନା ଚକ୍ରରେ ବହୁ ଗଣମାନ୍ୟ ବ୍ୟକ୍ତି ଓ ୱି ଫର ଭୁବନେଶ୍ୱରର ପଦ୍ମନାଭ ଦାଶ, ଉମାନାଥ ମିଶ୍ର, ନରେନ୍ ସାହୁ, ଗୁରୁଚରଣ ସାହୁ, ପ୍ରଣବ ସ୍ୱାଇଁ, ସନ୍ତୋଷ ସାମନ୍ତରାୟ,ଦୁଶାସନ ମାଝୀ, ପ୍ରମୁଖ ଅଂଶ ଗ୍ରହଣ କରି ପ୍ରଶାସନକୁ ସାଧୁବାଦ ଜଣାଇଥିଲେ ।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା

# 'ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ ରିବାର୍ଥ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, (ସବ୍ୟୁ) : ମୁଁ କିଏ ? ମୁଁ କେଉଁଠାରୁ ଆସିଛି ? ମୃତ୍ୟୁ ପରେ ମୋ ସହିତ କ'ଣ ହେବ ? ଏହା ହୁଏତ ଅତ୍ୟଧିକ ଦାର୍ଶନିକ ପ୍ରଶ୍ନ ହୋଇପାରେ, କିନ୍ତୁ ଏଭଳି ପ୍ରଶ୍ନକୁ ନେଇ ଆତ୍ମଚିନ୍ତନ କଲେ ନିଜ ମନରେ ବେଶ ପରିବର୍ତନ ଆସିପାରିବ ବୋଲି କହିଛନ୍ତି ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲାର ପୂର୍ବତନ ପ୍ରଫେସର ତଥା ଲେଖକ ପ୍ରଫେସର (ଡକ୍ଟର) କାହ୍ନୁଚରଣ ପାତ୍ର। ଏହି ସବୁ ଦାର୍ଶନିକ ପ୍ରଶ୍ନର ଉତର ଖୋଜିବାକୁ ଯାଇ ପ୍ରଫେସର (ଡକ୍ଟର) ପାତ୍ର 'ଡିକୋଡିଙ୍ଗ କର୍ମ-ଫ୍ରମ୍ ବାର୍ଥ ଟୁ ରିବାର୍ଥ' ନାମକ ଏକ ପୁସ୍ତକ ରଚନା କରିଥିବା ବେଳେ ମଙ୍ଗଳବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପୁସ୍ତକକୁ ଉନ୍ମୋଚନ କରିଛନ୍ତି।

ଯଦିଓ କର୍ମ ଏବଂ ମୋକ୍ଷ ଏହି ଦୁଇଟି ପ୍ରସଙ୍ଗକୁ ପୁସ୍ତକରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏଥି ସହିତ ଅନେକ ଗୁଡିଏ ବିସ୍ତୃତ ପ୍ରସଙ୍ଗକୁ ମଧ୍ୟ ଏହି ପୁସ୍ତକରେ ସାମିଲ କରିଛନ୍ତି ଲେଖକ। ପୁସ୍ତକଟିକୁ ଚାରି ଭାଗରେ ବିଭକ୍ତ କରାଯିବା ସହ ଜୀବନର ଅର୍ଥ ଏବଂ ମଣିଷ କିଭଳି ଭାବେ ଜୀବନ ଅତିବାହିତ କରିବା ଉଚିତ୍ ସେ ସମ୍ପର୍କରେ



ଅଧିକ ବ୍ୟାଖ୍ୟା କରାଯାଇଛି ବୋଲି ପ୍ରଫେସର (ଡକ୍ଟର) ପାତ୍ର କହିଛନ୍ତି। ପୁସ୍ତକଟିକୁ ଜ୍ଞାନଯୁଗ ପ୍ରକାଶନ ପକ୍ଷରୁ ପ୍ରକାଶିତ କରାଯାଇଛି।

ପୁସ୍ତକ ଉନ୍ମୋଚନ ଅବସରରେ ସୋଆ ଆନ୍ତର୍ଜାତିକ ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର, ଉପକୁଳପତି ପ୍ରଫେସର ପି.କେ. ପାତ୍ର, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ସିଭିଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ପି.କେ ପାଢ଼ୀ, ପଠାଣି ସାମନ୍ତ ପ୍ଲାନେଟୋରିୟମର ପୂର୍ବତନ ଉପନିର୍ଦ୍ଦେଶକ ଡକ୍ଟର ଶୁଭେନ୍ଦୁ ପଟ୍ଟନାୟକ, ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସର ପାଷ୍ଟ ପ୍ରେସିଡେଂଟ ଅଶୋକ ବାସା ଏବଂ ପୁସ୍ତକର ସମ୍ପାଦକ ପଂଚାନନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆଗକୁ ପାର୍ବଣ:କଟକରୋଡ଼ ଟ୍ରାଫିକ ଯନ୍ତ୍ରଣା ଅସମ୍ଭାଳ

# ଅମାନିଆ ଗାଡ଼ିଚାଳକ ଓ ବ୍ୟବସାୟୀଙ୍କୁ ନାହିଁ ଲଗାମ

ଭୁବନେଶ୍ୱର : (ପ୍ରଦୀପ୍ତ କୁମାର ଦାସ)ଆଗକୁ ପାର୍ବଣ ଋତୁ ।ଦୁର୍ଗାପୂଜା,ଲକ୍ଷ୍ମୀପୂଜା ପରେ କାଳୀପୂଜା ଧୁମଧାମରେ ପାଳିତ ହେବ ।ହେଲେ ଏବେଠୁ ସ୍ଥାନୀୟ କଟକ ରୋଡ଼ରେ ଟ୍ରାଫିକ ଯନ୍ତ୍ରଣା ଅସମ୍ଭାଳ ହେଲାଣି ।ବିଶେଷ କରି ଏହି ବ୍ୟସ୍ତବହୁଳ ରାସ୍ତାର ରସୁଲଗଡ଼ ଛକ ଠାରୁ କଳ୍ପନା ଛକ ମଧ୍ୟରେ ନିୟମିତଭାବେ ଅନେକ ସମୟରେ ଟ୍ରାଫିକ ଜାମ ସମସ୍ୟା ଲୋକଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ହେଉଛି ।ଦୈନିକ ସମ୍ପୃକ୍ତ ରାସ୍ତାରେ ଅବାଧ ବେଆଇନ ଗାଡ଼ି ପାର୍କିଙ୍ଗ,ବେପରୁଆ ଭାରୀ ଯାନ ଚାଳନା ସହ କେତେକ ଅସାଧୁ ବ୍ୟବସାୟୀଙ୍କ ରାସ୍ତା ଅବରୋଧ ଓ ଅମାନିଆ ଗାଡ଼ି ଚାଳକଙ୍କ ଉଶୃଙ୍ଖଳତା ସାଧାରଣ ଜନତାଙ୍କ ପାଇଁ ବେଶ ମୁଣ୍ଡବ୍ୟଥାର କାରଣ ହୋଇଛି ।ଏଥି ସହ ଅମାନିଆଙ୍କ ଅବୈଧ ରଙ୍ଗ ରୁଟ ଡ୍ରାଇଭିଙ୍ଗ ମଧ୍ୟ ଏପରି ସମସ୍ୟାକୁ ଆହୁରି ଜଟିଳ କରୁଛି ।ଏହି ରାସ୍ତାର ରସୁଲଗଡ଼ ଠାରୁ କଳ୍ପନା ଛକ ମଧ୍ୟରେ ବମିଖାଲ,ଝାରପଡ଼ା, ରିଫ୍ୟୁଜି କଲୋନୀ,କଟକ ରୋଡ଼,ପୁରୁଣା ଷ୍ଟେସନ ବଜାର ଓ ବଡ଼ଗଡ଼ ଆଦି ପୂଜା ମଣ୍ଡପରେ ପ୍ରବଳ ଜନ ସମାଗମ ହେବାର ସମ୍ଭାବନା ରହିଛି ।ସମ୍ପୃକ୍ତ ପୂଜା ମଣ୍ଡପ ସଳଂଗ୍ନ ଓ ନିକଟବର୍ତ୍ତୀ ସଂଯୁକ୍ତ ରାସ୍ତାର କେତେକ ସ୍ଥାନରେ ଅବ୍ୟବସ୍ଥିତ ଭାବେ ନିର୍ମିତ ବିଶାଳ ତୋରଣ ସାଙ୍ଗକୁ ମିନାବଜାରର ପସରା ଯୋଗୁଁ ସର୍ବସାଧାରଣ ଯାତାୟାତ କ୍ଷେତ୍ରରେ ଅବରୋଧ କାରଣରୁ ବାଧା ସୃଷ୍ଟି ହେବାର ଅନୁମାନ କରାଯାଉଛି ।ଏହା ଛଡ଼ା ଉକ୍ତ ବ୍ୟସ୍ତବହୁଳ ରାସ୍ତାରେ ବେପରୁଆ ବିପଦ୍ଜନକ ଯାତ୍ରୀବାହି ଭାରୀଯାନ ଚଳାଚଳ, ଉତ୍କଟ ଶବ୍ଦପ୍ରଦୂଷକାରୀ ହର୍ଣ୍ଣ ସହ ବିଶୃଙ୍ଖଳିତ ଅଟୋ ଚାଳନା ଓ ବେଆଇନ ଗାଡ଼ି ପାର୍କିଂ ସମସ୍ୟା ଆହୁରି ଅଧିକ ଚିନ୍ତାର କାରଣ ପାଲଟିଛି ।ମାତ୍ର ଭୁବନେଶ୍ୱର ସ୍ମାର୍ଟ ସିଟିରେ ଥିବା ବହୁପୁରାତନ ଓ ବ୍ୟସ୍ତବହୁଳ ସର୍ବସାଧାରଣଙ୍କ ରାସ୍ତା ଭାବେ ଜଣାଶୁଣା କଟକ ରୋଡ଼ରେ ଦୀର୍ଘଦିନ ହେଲା ଉପୁଜିଆସୁଥିବା ଏପରି ସଂଗୀନ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ବିମୁଖ ରହିବା ନେଇ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି ।ତେବେ ଏହାର ପ୍ରତିକାର ଓ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜିଲ୍ଲା ପ୍ରଶାସନ,କମିଶନରେଟ ଟ୍ରାଫିକ ପୋଲିସ,ବିଏମସି,ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ଏପରି ଏକ ସମ୍ବେଦନଶୀଳ ଜନ ସମସ୍ୟାର ସ୍ଥାୟୀ ସମାଧାନ କ୍ଷେତ୍ରରେ ଉଦାସୀନତା ଦେଖାଇବାନେଇ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଖୁବ ଶୀଘ୍ର ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଥିବାରୁ ଏବେଠାରୁ ଏହାର ନିରାକରଣ ଦିଗରେ ସମ୍ପୃକ୍ତ ବିଭାଗ ଗୁଡିକ ମିଳିତ ଭାବେ ସମନ୍ୱୟ ରକ୍ଷା କରି ପ୍ରସ୍ତୁତି ଚଳାଇବା ସହ ବିଭିର୍ନ୍ନ ସତର୍କତା ତଥା ପ୍ରତିଷେଧକ ମୂଳକ ପଦକ୍ଷେପ ମାନ ଗ୍ରହଣ କରିବା ନିହାତି ଜରୁରୀ ଆବଶ୍ୟକ ବୋଲି ସହରର ସଚେତନ ନାଗରିକଙ୍କ ମହଲରେ ମତ ପ୍ରକାଶ ପାଇଛି ।

## ଜେସିବି ଇଣ୍ଡିଆ ଲିମିଟେଡର ସିଇଓ ତଥା ଏମ୍‌ଡି ଦୀପକ ସେଟ୍ଟୀ

ଭୁବନେଶ୍ୱର, (ସବ୍ୟୁ) : ଜେସିବି ଇଣ୍ଡିଆ ଲିମିଟେଡର ନୂତନ ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ ସେଟ୍ଟୀ, ପରିବର୍ତ୍ତିତ ଜିଏସ୍‌ଟି ଉପରେ ନିଜର ମତ ଦେଇ କହିଛନ୍ତି ଯେ, "ଆଗକୁ ଦେଖାଯାଉଥିବା ଜିଏସଟି ସଂସ୍କାରକୁ ଆମେ ସ୍ୱାଗତ କରୁଛୁ। ୨ ହାରର ଜିଏସଟି ଢାଂଚାକୁ ସରଳ କରିବା ଏବଂ ଓଲଟା ଶୁଳ୍କ ସମସ୍ୟାର ସମାଧାନ କରିବା ଦ୍ୱାରା ବ୍ୟବସାୟ କରିବାରେ ସହଜତା ଆସିବ । ପାର୍ବଣ ଋତୁ ପୂର୍ବରୁ ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ ଜଳସେଚନ ବ୍ୟବସ୍ଥା ଭଳି କୃଷି ଉପକରଣ ଉପରେ କମ୍ ଜିଏସଟି ଖର୍ଚ୍ଚ ହ୍ରାସ କରି ଗ୍ରାମୀଣ ଗ୍ରାହକଙ୍କୁ ଉପକୃତ କରିବ ଏବଂ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ । ଏହି ସଂସ୍କାରଗୁଡ଼ିକ ଗ୍ରାମୀଣ ଅର୍ଥନୀତିରେ ଭିତ୍ତିଭୂମି ବିକାଶ ଏବଂ ଅଭିବୃଦ୍ଧି ଉପରେ ଭାରତ ସରକାରଙ୍କ ଗୁରୁତ୍ୱ ସହିତ ସମନ୍ୱିତ । ଉଭୟ କ୍ଷେତ୍ରରେ ଜେସିବି ମେସିନର ବହୁତ ଅବଦାନ ରହିଛି।

# ଗ୍ରାମୀଣ ମହିଳାଙ୍କ ଜୀବନରେ ରୂପାନ୍ତରଣ ଆଣୁଛି ଆଦିତ୍ୟ ଆଲୁମିନିୟମର 'ପ୍ରୋଜେକ୍ଟ ଶକ୍ତି'

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀ ଆଦିତ୍ୟ ଆଲୁମିନିୟମ ଓଡ଼ିଶାର ସମ୍ବଲପୁର ଜିଲ୍ଲାରେ ଏହାର କାରଖାନା ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ନିମନ୍ତେ ଅର୍ଥପୂର୍ଣ୍ଣ କଲ୍ୟାଣକାରୀ ପ୍ରୟାସସମୂହରେ ଗଭୀର ଭାବରେ ନିୟୋଜିତ ରହିଛି। ଏହାର ଅନ୍ୟତମ ପ୍ରକଳ୍ପ 'ପ୍ରୋଜେକ୍ଟ ଶକ୍ତି' ଆୟକାରୀ ଉପାୟ ଜରିଆରେ ବେରୋଜଗାର ଗ୍ରାମୀଣ ମହିଳାଙ୍କ ନିକଟରେ ପହଞ୍ଚିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ ହେବାରେ ସହାୟତା କରୁଛି। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ହିଣ୍ଡାଲ୍‌କୋ ସମ୍ବଲପୁରର ମାଇନିଂ ବିଜିନେସ୍ ହେଡ ଏବଂ କ୍ଲଷ୍ଟର ହେଡ୍ କୈଳାସ ପାଣ୍ଡେ କହିଛନ୍ତି, "ପ୍ରୋଜେକ୍ଟ ଶକ୍ତି କେବଳ ଅର୍ଥନୈତିକ ସଶକ୍ତିକରଣ ସମ୍ପର୍କିତ ନୁହେଁ, ଏହା ମହିଳାଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆବଶ୍ୟକ ସାଧନ ଏବଂ ସମ୍ବଳ ଯୋଗାଇଦେଇ ଆମେ ଆମ କାରଖାନା ନିକଟବର୍ତ୍ତୀ ଅଞ୍ଚଳର



୪୦ଟି ଗ୍ରାମରେ ୨୦୦୦ରୁ ଅଧିକ ମହିଳାଙ୍କ ମଧ୍ୟରେ ସକାରାତ୍ମକ ପରିବର୍ତ୍ତନର ବ୍ୟାପକ ପ୍ରଭାବ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ଅଗଷ୍ଟ ୨୦୧୯ରେ ଏହା ଆରମ୍ଭ ହେବା ଦିନଠାରୁ ପ୍ରୋଜେକ୍ଟ ଶକ୍ତି ୨୧୫ ଗୋଷ୍ଠୀର ୨୮୮୫ ଏସଏଚ୍‌ଜି ସଦସ୍ୟାଙ୍କ ଜୀବନକୁ ସ୍ପର୍ଶ କରିଛି। ଏହି ପ୍ରୋଜେକ୍ଟ ଶକ୍ତି ଅଧୀନରେ ଏସଏଚ୍‌ଜି ବୈଠକ ଅନ୍ତର୍ଭୁକ୍ତ। ପ୍ରୟାସଗୁଡିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ନିମନ୍ତେ ପ୍ରଗତି, ଚାଲେଞ୍ଜ ଏବଂ ରଣକୌଶଳ ସମ୍ପର୍କରେ ଆଲୋଚନା କରିବାକୁ ନିୟମିତ

ଟେଲରିଂ, ପତ୍ର ଥାଳି ତିଆରି, ଛତୁ ଚାଷ, ପନିପରିବା ଚାଷ ଆଦି ଆୟକାରୀ କାର୍ଯ୍ୟକଳାପଗୁଡିକୁ ଦୀର୍ଘସ୍ଥାୟିତା ସୁନିଶ୍ଚିତ କରିବାନିମନ୍ତେ ପ୍ରସ୍ତାବାବଳୀ, ପ୍ରେରଣା, ତାଲିମ ଏବଂ ବଜାର ସଂଯୋଗୀକରଣ ଆଦି ଜରିଆରେ ସମର୍ଥନ ଯୋଗାଇ ଦିଆଯାଉଛି। ଏହି ପ୍ରକଳ୍ପରେ ମଧ୍ୟ ସାମାଜିକ ଯୋଜନାଗୁଡିକ ସମ୍ପର୍କରେ ସଚେତନତା ବୃଦ୍ଧି କରାଯାଉଛି ଏବଂ ଆର୍ଥିକ ସାକ୍ଷରତା ତାଲିମ ସେମାନଙ୍କୁ ଆବଶ୍ୟକ ଦକ୍ଷତାରେ ସୁସଜ୍ଜିତ କରୁଛି। ସଫଳ ଉଦ୍ୟୋଗଗୁଡିକୁ ଶିକ୍ଷଣୀୟ ଗସ୍ତ ଏବଂ ମେଳା ଆଦିରେ ଅଂଶଗ୍ରହଣ ସେମାନଙ୍କର ଦୃଶ୍ୟମାନତା ଏବଂ ବଜାର ପହଞ୍ଚକୁ ପରିବର୍ଦ୍ଧିତ କରୁଛି," ବୋଲି ଶ୍ରୀ ପାଣ୍ଡେ କହିଛନ୍ତି। ପାଣି ଯୋଗାଣକାରୀ ସଂସ୍ଥା ଏବଂ ରୂପାୟନକାରୀ ସହଯୋଗୀ ଆଦିତ୍ୟ ଆଲୁମିନିୟମ ତାଲିମ, ଦକ୍ଷତା ନିର୍ମାଣ ଏବଂ ଶିକ୍ଷାମୂଳକ ଗସ୍ତ ଆଦିରେ ଉଲ୍ଲେଖନୀୟ ଭାବରେ ନିବେଶ କରୁଛି। ଏହା ଏକ ମୂଲ୍ୟ ଶୃଙ୍ଖଳ ଏବଂ ଦୀର୍ଘସ୍ଥାୟୀ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଥିବାବେଳେ ଏହି ପ୍ରକଳ୍ପ ସ୍ଥାନୀୟ ଉତ୍ପାଦନ ଏବଂ ଆହରଣକୁ ଉତ୍ସାହିତ କରୁଛି।

# ଆକାଶ ମାର୍ଗରୁ ପଞ୍ଜାବ ବନ୍ୟା ସ୍ଥିତିର ସମିକ୍ଷା କଲେ ମୋଦୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ପଞ୍ଜାବ ଗସ୍ତ କରି ବନ୍ୟା ପରିସ୍ଥିତି ଏବଂ ପଞ୍ଜାବର ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକର ଏକ ଆକାଶ ମାର୍ଗରେ ସର୍ଭେ କରିଥିଲେ। ଏହା ପରେ, ସେ ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ଗୁରୁଦାସପୁରରେ ଏକ ସରକାରୀ ସମୀକ୍ଷା ବୈଠକ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ପଞ୍ଜାବରେ





- ଗୁରୁଦାସପୁରରେ ବୈଠକରେ ସମୀକ୍ଷା, କ୍ଷୟକ୍ଷତି ଆକଳନ
- ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା
- ମୃତକଙ୍କ ନିକଟତମ ପରିବାର ପାଇଁ 2 ଲକ୍ଷ, ଆହତଙ୍କ ପାଇଁ 50,000 ଟଙ୍କା ଅନୁକମ୍ପା ରାଶି

ହୋଇଥିବା ରିଲିଫ୍ ଏବଂ ପୁନର୍ବାସ ପଦକ୍ଷେପ ସମୀକ୍ଷା କରିବା ସହିତ କ୍ଷତିଗ୍ରସ୍ତଙ୍କ ମୂଲ୍ୟାଙ୍କନ କରିଛନ୍ତି । ପ୍ରଧାନମନ୍ତ୍ରୀ ରାଜ୍ୟର ପାଣିରେ ଥିବା ୧୨,୦୦୦ କୋଟି ଟଙ୍କା ବ୍ୟତୀତ ପଞ୍ଜାବ ପାଇଁ ୧୬୦୦ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ସମଗ୍ର ଅଞ୍ଚଳ ଏବଂ ଏହାର ଲୋକମାନଙ୍କୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଏକ ବହୁମୁଖୀ ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଘର ପୁନଃନିର୍ମାଣ, ଜାତୀୟ ରାଜପଥ ପୁନରୁଦ୍ଧାର, ବିଦ୍ୟାଳୟ ପୁନଃନିର୍ମାଣ, PMNRF ମାଧ୍ୟମରେ ରିଲିଫ୍ ପ୍ରଦାନ ଏବଂ ପଶୁପାଳନ ପାଇଁ ମିନି କିଟ୍ ବଣ୍ଟନ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ।କୃଷି ସମ୍ପ୍ରଦାୟକୁ ସମର୍ଥନ କରିବାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସ୍ୱୀକାର କରି, ବର୍ତ୍ତମାନ ବିଦ୍ୟୁତ୍ ସଂଯୋଗ ନଥିବା ଚାଷୀମାନଙ୍କୁ ଲକ୍ଷ୍ୟ ରଖି ଅତିରିକ୍ତ ସହାୟତା ପ୍ରଦାନ କରାଯିବ। ଯେଉଁ ବୋରଗୁଡ଼ିକ ଉପରେ ମାଟି ଲଦି ଦିଆଯାଇଛି କିମ୍ବା ଭାସି ଯାଇଛି, ରାଜ୍ୟ ସରକାରଙ୍କ ନିର୍ଦ୍ଦିଷ୍ଟ ପ୍ରସ୍ତାବ ଅନୁଯାୟୀ, ପ୍ରକଳ୍ପ ମୋଡରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ପୁନଃନିର୍ମାଣ ପାଇଁ ସହାୟତା ପ୍ରଦାନ କରାଯିବ।ଡିଜେଲରେ ଚାଲୁଥିବା ବୋର ପମ୍ପ ପାଇଁ, ପ୍ରତି ଡ୍ରପ୍ ଅଧିକ ଫସଲ ନିର୍ଦ୍ଦେଶାବଳୀ ଅନୁଯାୟୀ ସୂକ୍ଷ୍ମ ଜଳସେଚନ ପାଇଁ ସୌର ପ୍ୟାନେଲ ଏବଂ ସମର୍ଥନ ପାଇଁ MNRE ସହିତ ସଂଯୋଜନା ସହଜ କରାଯିବ।କେନ୍ଦ୍ର ସରକାର କ୍ଷୟକ୍ଷତିର ପରିମାଣ ଆକଳନ କରିବା ପାଇଁ ଆନ୍ତଃ-ମନ୍ତ୍ରାଳୟ କେନ୍ଦ୍ରୀୟ ଦଳଗୁଡ଼ିକୁ ମଧ୍ୟ ପଞ୍ଜାବ ଗସ୍ତ କରିବାକୁ ପଠାଇଛନ୍ତି ଏବଂ ସେମାନଙ୍କ ବିସ୍ତୃତ ରିପୋର୍ଟ ଆଧାରରେ ଆହୁରି ସହାୟତା ପାଇଁ ବିଚାର କରାଯିବ। ପ୍ରଧାନମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ କେନ୍ଦ୍ର ସରକାର ଏହି କଷ୍ଟକର ସମୟରେ ରାଜ୍ୟ ସରକାରଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବେ ଏବଂ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବେ। ପ୍ରଧାନମନ୍ତ୍ରୀ ବିପର୍ଯ୍ୟୟ ଏବଂ ବନ୍ୟା ଦ୍ୱାରା ପ୍ରଭାବିତ ପଞ୍ଜାବର ପରିବାରବର୍ଗଙ୍କୁ ମଧ୍ୟ ଭେଟିଥିଲେ। ସେ କ୍ଷତିଗ୍ରସ୍ତ ସମସ୍ତଙ୍କ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ଏକତା ପ୍ରକାଶ କରିଥିଲେ ଏବଂ ଯେଉଁମାନେ ସେମାନଙ୍କ ନିକଟତମ ଲୋକଙ୍କୁ ହରାଇ ଛନ୍ତି ସେମାନଙ୍କ ପ୍ରତି ଗଭୀର ଦୁଃଖ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ବନ୍ୟା ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ମୃତକଙ୍କ ନିକଟତମ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦,୦୦୦ ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ ଯେ ସମ୍ପ୍ରତି ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ଅନାଥ ହୋଇଥିବା ପିଲାମାନଙ୍କୁ ପିଏମ୍ କେୟର୍ସ ଫର୍ ଚିଲ୍ଡ୍ରେନ୍ ଯୋଜନା ଅଧୀନରେ ବ୍ୟାପକ ସହାୟତା ପ୍ରଦାନ କରାଯିବ। ଏହା ସେମାନଙ୍କର ଦୀର୍ଘକାଳୀନ କଲ୍ୟାଣ ସୁନିଶ୍ଚିତ କରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିପର୍ଯ୍ୟୟ ପରିଚାଳନା ନିୟମ ଅନୁଯାୟୀ ସମସ୍ତ ସହାୟତା ରାଜ୍ୟଗୁଡ଼ିକୁ ଆଗୁଆ ବଣ୍ଟନ ସହିତ କରାଯାଉଛି। ତୁରନ୍ତ ରିଲିଫ୍ ଏବଂ ପ୍ରତିକ୍ରିୟା ପାଇଁ ପ୍ରୟାସ କରିବା ପାଇଁ ସେ ଏନଡିଆରଏଫ, ଏସଡିଆରଏଫ, ସେନା, ରାଜ୍ୟ ପ୍ରଶାସନ ଏବଂ ଅନ୍ୟାନ୍ୟ ସେବା-ମୁଖୀ ସଂଗଠନର କର୍ମଚାରୀମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। କେନ୍ଦ୍ର ସରକାର ରାଜ୍ୟର ସ୍ମାରକପତ୍ର ଏବଂ କେନ୍ଦ୍ରୀୟ ଦଳଗୁଡ଼ିକର ରିପୋର୍ଟ ଆଧାରରେ ମୂଲ୍ୟାଙ୍କନକୁ ଆହୁରି ସମୀକ୍ଷା କରିବେ।

# ଏସ୍‌ଆଇ ନିଯୁକ୍ତି: ଚୟନ ପ୍ରାର୍ଥୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ନୂଆଦିଲ୍ଲୀ : ରାଜସ୍ଥାନରେ ୨୦୨୧ ସବ ଇନ୍ସପେକ୍ଟର (SI) ନିଯୁକ୍ତି ରଦ୍ଦ କରିବା ସିଙ୍ଗଲ ବେଞ୍ଚର ଆଦେଶ ଉପରେ ରାଜସ୍ଥାନ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛି। ସୋମବାର (୮ ସେପ୍ଟେମ୍ବର ୨୦୨୫) ଡିଭିଜନ ବେଞ୍ଚରେ ଏହି ମାମଲାର ଶୁଣାଣି ହୋଇଥିଲା। ଚୟନ ପ୍ରାର୍ଥୀଙ୍କ ଆବେଦନ ଉପରେ କରିବାକୁ ଆଦେଶ ଦେଇଥିଲେ। ଚୟନ ପ୍ରାର୍ଥୀଙ୍କ ପକ୍ଷରୁ ଅଧିବକ୍ତା ତନଭୀର ଅହମଦଙ୍କ ନେତୃତ୍ୱରେ ଦଲିଲ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କୁ ମଧ୍ୟ ପକ୍ଷକାର କରାଯାଇ ନୋଟିସ ଜାରି କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୮ ଅକ୍ଟୋବରରେ ହେବ।




ଜଷ୍ଟିସ ଏସପି ଶର୍ମା ଓ ଜଷ୍ଟିସ ସଞ୍ଜୀତ ପୁରୋହିତଙ୍କ ବେଞ୍ଚ ଏହି ରାୟ ଦେଇଛି, ଯାହା ଚୟନ ହୋଇଥିବା ପ୍ରାର୍ଥୀଙ୍କ ନିଯୁକ୍ତି ଉପରେ ଘୁରିବୁଲୁଥିବା ବିପଦକୁ ଅସ୍ଥାୟୀ ଭାବେ ଦୂର କରିଛି।
ସିଙ୍ଗଲ ବେଞ୍ଚ ୨୮ ଅଗଷ୍ଟ ୨୦୨୫ରେ ୮୫୯ଟି ପଦ ପାଇଁ ହୋଇଥିବା ନିଯୁକ୍ତିକୁ ପେପର ଲିକ୍ ଓ ଅନିୟମିତତା ଆଧାରରେ ରଦ୍ଦ ଚୟନ ପ୍ରାର୍ଥୀମାନେ ଏହି ରାୟକୁ ସ୍ୱାଗତ କରି କୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି, ଯେତେବେଳେ ଅସଫଳ ପ୍ରାର୍ଥୀମାନେ ନିରାଶ ହୋଇଛନ୍ତି। ରବିବାର (୭ ସେପ୍ଟେମ୍ବର) ସର୍ବ ସମାଜ ପକ୍ଷରୁ ଜିଲା କଲେକ୍ଟର କାର୍ଯ୍ୟାଳୟ ବାହାରେ ଧାରଣା ଦିଆଯାଇ ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ନ୍ୟାୟ ଦାବି କରାଯାଇଥିଲା।

# ଚାରି ବର୍ଷରେ ୪ ପଡ଼ୋଶୀ ଦେଶରେ ଶାସନର ପତନ









ନୂଆଦିଲ୍ଲୀ: ଭାରତର ପଡ଼ୋଶୀ ଦେଶଗୁଡ଼ିକରେ ଗତ ଚାରି-ପାଞ୍ଚ ବର୍ଷ ହେଲା ଅସ୍ଥିରତା ରହିଛି । ପ୍ରଥମେ ଆଫଗାନିସ୍ତାନ, ଶ୍ରୀଲଙ୍କା, ପରେ ବାଂଲାଦେଶ ଆଉ ଏବେ ନେପାଳରେ କ୍ଷମତା ପରିବର୍ତ୍ତନ ହୋଇଛି । ନେପାଳରେ ସୋସିଆଲ୍ ମିଡିଆ ବ୍ୟାନ୍ ବିରୁଦ୍ଧରେ ଆରମ୍ଭ ହୋଇଥିବା ଜେନ୍-ଜି ଆନ୍ଦୋଳନ ପରେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ପ୍ରଦର୍ଶନକାରୀ ନେପାଳ ସଂସଦଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଓ ଅନେକ ମନ୍ତ୍ରୀଙ୍କ ଘରେ ପୋଡ଼ାଜଳା କରିଛନ୍ତି । ପିଏମ୍ ଓଲି ଶର୍ମାଙ୍କ ଇସ୍ତଫା ପରେ ବି ଲୋକଙ୍କ ରାଗ ଶାନ୍ତ ହେବାର ନାଁ ଧରୁ ନାହିଁ । ବିକ୍ଷୋଭକାରୀ କାଠମାଣ୍ଡୁ ଉପରେ କବଜା କରିଛନ୍ତି ।
ନେପାଳରେ ବର୍ତ୍ତମାନ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ସମେତ ୫ ମନ୍ତ୍ରୀ ଓ ବିରୋଧୀ ଦଳର ୨୦ରୁ ଅଧିକ ସାଂସଦ ସାମୂହିକ ଇସ୍ତଫା ଦେଇସାରିଛନ୍ତି । ଏପରି ସ୍ଥିତିରେ ସଂସଦ ଭଙ୍ଗ କରି ପୁଣି ଥରେ ନିର୍ବାଚନ କରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି । ନେପାଳରେ ସୋସିଆଲ୍ ମିଡିଆ ବ୍ୟାନ, ଦୁର୍ନୀତି ଓ ପରିବାରବାଦ ବିରୋଧରେ ସୋମବାର ଆରମ୍ଭ ହୋଇଥିବା ପ୍ରଦର୍ଶନର ୩୦ ଘଣ୍ଟା ଭିତରେ ହିଁ ପ୍ରଧାନମନ୍ତ୍ରୀ ଓଲିଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଗତ କିଛି ବର୍ଷରେ ଭାରତର ଅନ୍ୟ ପଡ଼ୋଶୀ ଦେଶରେ ବି ଏପରି ସ୍ଥିତି ଉତ୍ପନ୍ନ ହୋଇଥିଲା, ଯେଉଁଥିରେ କ୍ଷମତାରେ ବସିଥିଲା ଲୋକେ ଜନଆକ୍ରୋଶ ସାମନାରେ ଆତ୍ମସମର୍ପଣ କରିଥିଲେ ।
୨୦୨୧ରେ ଆଫଗାନିସ୍ତାନରେ ମଧ୍ୟ ନେପାଳ ପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ସେତେବେଳେ ତାଲିବାନ କାବୁଲରେ କ୍ଷମତା ଦଖଲ କରିଥିଲା । ଆଫଗାନିସ୍ତାନରେ ଆମେରିକା ସମର୍ଥିତ ସରକାରର ପତନ ଘଟିଥିଲା ଏବଂ ତାଲିବାନ ଶାସନ ସ୍ଥାପନ ହୋଇଥିଲା । ୨୦୦୧ରେ ଆମେରିକାର ନେତୃତ୍ୱରେ ତାଲିବାନକୁ କ୍ଷମତାରୁ ହଟାଇ ଦିଆଯାଇଥିଲା ଏବଂ ଆସରଫ ଘନି ସରକାର ଗଠନ ହୋଇଥିଲା । କିନ୍ତୁ ୨୦ ବର୍ଷର ସଂଘର୍ଷ ପରେ, ଆମେରିକା-ତାଲିବାନ ଚୁକ୍ତିନାମା ଅନୁଯାୟୀ ୨୦୨୦ରେ ବିଦେଶୀ ସେନା ପ୍ରତ୍ୟାହାର ନିଷ୍ପତ୍ତି ନିଆଯାଇଥିଲା । ଅନ୍ୟପଟେ ତାଲିବାନ ତାର ସାମରିକ ଶକ୍ତି ବୃଦ୍ଧି କରିଥିଲା ଏବଂ ଏପ୍ରିଲ ୨୦୨୧ ସୁଦ୍ଧା ଆଫଗାନିସ୍ତାନରେ ଆକ୍ରମଣକୁ ତୀବ୍ର କରିଥିଲା । ୨୦୨୧ ଅଗଷ୍ଟରେ ତାଲିବାନ ଆଫଗାନିସ୍ତାନର ପ୍ରମୁଖ ସହର ଉପରେ କବଜା କରିଥିଲା । ଏହାପରେ ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଦ୍ୱାରା କାବୁଲ ଉପରେ କବଜା କରାଯାଇଥିଲା । ଜୀବନ ବଞ୍ଚାଇବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ଅସରଫ ଘାନି ଦେଶ ଛାଡ଼ି ପଳାୟନ କରିଥିଲେ । ଏହାପରେ ଆଫଗାନିସ୍ତାନରେ ତାଲିବାନ ଶାସନ ସ୍ଥାପନ ହୋଇଥିଲା ।
ଆଫଗାନିସ୍ତାନରେ ବିଦ୍ରୋହର ଗୋଟିଏ ବର୍ଷ ପରେ, ଅର୍ଥାତ୍ ୨୦୨୨ରେ ଆର୍ଥିକ ସଂକଟ ମଧ୍ୟକୁ ଠେଲି ହୋଇଥିଲା ଶ୍ରୀଲଙ୍କା । ଏହାର ପ୍ରତିବାଦରେ ବଡ଼ ଧରଣର ବିକ୍ଷୋଭ ଆରମ୍ଭ ହୋଇଥିଲା । ଯାହା ଧୀରେ ଧୀରେ ଏକ ଗଣ ଆନ୍ଦୋଳନର ରୂପ ନେଲା । ରାସ୍ତାରେ ପୋଡ଼ାଜଳା, ରାଷ୍ଟ୍ରପତିଙ୍କ ବାସଭବନ, ସଂସଦ, ସବୁ ସ୍ଥାନକୁ କବଜା କରିଥିଲେ ବିକ୍ଷୋଭକାରୀ । ରାଷ୍ଟ୍ରପତି ଭବନର ପୁଲରେ ବିକ୍ଷୋଭକାରୀ ପହଁରୁଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲା । ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେ ରାତି ଅଧରେ ଦେଶ ଛାଡି ମାଳଦ୍ୱୀପ ପଳାଇଥିଲେ ।
ବାଂଲାଦେଶରେ ଗତ ବର୍ଷ ଅର୍ଥାତ୍ ୨୦୨୪ରେ ଛାତ୍ର ଆନ୍ଦୋଳନ ଯୋଗୁ ଶେଖ ହସିନା ସରକାରର ପତନ ହୋଇଥିଲା । ବାଂଲାଦେଶରେ ୨୦୨୪ରେ ଛାତ୍ର ଆନ୍ଦୋଳନକୁ ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମ ବି କୁହାଗଲା । ଏଥିରେ ସେନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଓ ହସିନା ସରକାରର ପତନ ହୋଇଥିଲା । ଶେଖ ହସିନାଙ୍କ ଆୱାମ ଲିଗ୍ ସରକାର ୨୦୦୯ରୁ କ୍ଷମତାରେ ଥିଲା, କିନ୍ତୁ ଦୁର୍ନୀତି, ମାନବାଧିକାର ଉଲ୍ଲଂଘନ ଓ ସଂରକ୍ଷଣ ନୀତିକୁ ନେଇ ଛାତ୍ରମାନଙ୍କ ଆକ୍ରୋଶ ବଢିଥିଲା । ଜୁଲାଇ-ଅଗଷ୍ଟରେ ପ୍ରଦର୍ଶନ ଅଧିକ ହିଂସାତ୍ମକ ହୋଇଥିଲା । ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ମାଡ଼ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ । ଏହି ଗୁଳିମାଡ଼ରେ ୩୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ୨୦୨୪ ଅଗଷ୍ଟ ୫ରେ ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତରେ ଶରଣ ନେଇଥିଲେ । ସେନା ମୁଖ୍ୟ ଜେନେରାଲ୍ ୱାକର-ଉଜ-ଜମାନ ଅନ୍ତରୀଣ ସରକାରର ଘୋଷଣା କରିଥିଲେ ।
ସେହିପରି, ମିଆଁମାରରେ ଗଣତନ୍ତ୍ର ସମର୍ଥକ ନେତ୍ରୀ ଅଙ୍ଗ ସାନ ସୁ କିଙ୍କୁ ୨୦୨୧ରେ ସେନା ବଳପୂର୍ବକ କ୍ଷମତାରୁ ହଟାଇଥିଲା । ତେବେ ସାମରିକ ବିପ୍ଳବ ବିରୁଦ୍ଧରେ ବହୁ ସଂଖ୍ୟାରେ ଜନସାଧାରଣ ରାସ୍ତାକୁ ଓହ୍ଲାଇବେ ବୋଲି ସେନାର ଧାରଣା ନଥିଲା । ଯେତେବେଳେ ମିଆଁମାରରେ ଲକ୍ଷ ଲକ୍ଷ ଗଣତନ୍ତ୍ର ସମର୍ଥକ ଲୋକ ପ୍ରଦର୍ଶନ କରିଥିଲେ, ସେତେବେଳେ ସେନା ନରସଂହାର ଆରମ୍ଭ କରିଥିଲା । ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କୁ ଗୁଳି କରି ହତ୍ୟା କରାଗଲା । ଯେଉଁଥି ପାଇଁ ବାଧ୍ୟ ହୋଇ ସାଧାରଣ ଜନତା ମଧ୍ୟ ସେନା ବିରୁଦ୍ଧରେ ଉଠାଇଲେ ଏବଂ ସଂଘର୍ଷ କଲେ । ଆଜି ମିଆଁମାରରେ ଅନେକ ଛୋଟ ବଡ଼ ଗୋଷ୍ଠୀ ଅଛନ୍ତି ଯେଉଁମାନେ ଜଙ୍ଗଲରେ ରହି ସେନା ବିରୁଦ୍ଧରେ ଲଢୁଛନ୍ତି ।





## ପଞ୍ଜାବ ଦେଖିଲା ୧୯୮୮ ପରର ସବୁଠୁ ପ୍ରଳୟଙ୍କରୀ ବନ୍ୟା

ନୂଆଦିଲ୍ଲୀ : ଭାରତରେ ଏଥର ହୋଇଛି ନିର୍ଧୂମ୍ ବର୍ଷା । ଆଉ ପ୍ରବଳ ବର୍ଷା ଯୋଗୁ ଅନେକ ସ୍ଥାନରେ ଦେଖାଦେଇଛି ବନ୍ୟା । ତେବେ ମୌସୁମି ବର୍ଷାର ପ୍ରକୋପରେ ଏତେ ମାତ୍ରାରେ କାହିଁକି ବର୍ଷା ହେଉଛି ? ଉତ୍ତର ଭାରତ ସମେତ ପାହାଡ଼ିଆ ଅଞ୍ଚଳରେ କାହିଁକି ଦାଉ ସାଧୁଛି ବର୍ଷା ଓ ବନ୍ୟା ? ଏହା ପଛର କାରଣ କ'ଣ ? ଭାରତରେ ବେକାବୁ ମୌସୁମି । ଦେଶର ସିଂହଭାଗରେ ବର୍ଷା ଓ ବନ୍ୟା । ଫଳରେ ଅଧିକାଂଶ ସ୍ଥାନ ପାଣିରେ ବୁଡ଼ି ରହିଛି । କେଉଁଠି ଯାତାୟତ ଠପ୍ ତ ଆଉ କେଉଁଠି ଘରଦ୍ୱାରା ବୁଡ଼ିଯାଇଛି । ପାହାଡ଼ିଆ ଅଞ୍ଚଳ ମଧ୍ୟ ଧରାଶାୟୀ ହୋଇପଡ଼ିଛି । ଭୂସ୍ଖଳନ ଓ ବାଦଲଫଟା ବର୍ଷା ଯୋଗୁ ଜନଜୀବନ କଲବଲ ହେଉଛି । ପଞ୍ଜାବରେ ୧୯୮୮ ପରଠାରୁ ସବୁଠୁ ଭୟଙ୍କର ବନ୍ୟାର ସାମ୍ନା କରୁଛି । ୨୩ଟି ଜିଲ୍ଲା ପାଣି ଘେରରେ ରହିଛି । ହଜାର ହଜାର ଘର ବେଘର ହୋଇଯାଇଛି । ଭାରତୀୟ ପାଣିପାଗ ବିଭାଗ (IMD) କହିଛି ଯେ, ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନର କିଛି ଅଞ୍ଚଳରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ସ୍ୱାଭାବିକଠାରୁ ୧୦୦୦% ଅଧିକ ବର୍ଷା ହୋଇଛି । ୨୮ ଅଗଷ୍ଟରୁ ୩ ସେପ୍ଟେମ୍ବର ମଧ୍ୟରେ, ଉତ୍ତର-ପଶ୍ଚିମ ଭାରତରେ ହାରାହାରି ବର୍ଷା ୧୮୦% ଅଧିକ ଏବଂ ଦକ୍ଷିଣରେ ୭୩% ଅଧିକ ବର୍ଷା ହୋଇଛି । ଚଳିତ ସପ୍ତାହରେ ମଧ୍ୟ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ପ୍ରଶ୍ନ ଉଠୁଛି, ଚଳିତବର୍ଷ କାହିଁକି ମୌସୁମି ବର୍ଷା ଏତେ ଭୟଙ୍କର ହେଲା ?

**ମୌସୁମିର ଲକ୍ଷଣରେ ପରିବର୍ତ୍ତନ**

ଜଳବାୟୁ ସଂକଟ ଯୋଗୁ ମୌସୁମିର ଲକ୍ଷଣରେ ପରିବର୍ତ୍ତନ ଦେଖିବାକୁ ମିଳିଛି । ବୈଜ୍ଞାନିକଙ୍କ କହିବା କଥା, ଗରମ ଜଳବାୟୁ କାରଣରୁ ଭାରତ ମହାସାଗର ଓ ଆରବ ସାଗରରୁ ଆସୁଥିବା ପବନରେ ଅଧିକ ପରିମାଣର ଆର୍ଦ୍ରତା ରହିଛି । ଅନ୍ୟପଟେ ପୂର୍ବରୁ ମୌସୁମି ବର୍ଷା ସ୍ଥିର ରହୁଥିଲା । ଜୁନ, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବର୍ଷା ହେଉଥିଲା । କିନ୍ତୁ ଏବେ ଦୀର୍ଘ ସମୟ ଧରି ପାଗ ଶୁଖିଲା ରହିବା ପରେ ଅଚାନକ୍ ଏକ ଅଞ୍ଚଳରେ ପ୍ରବଳ ବର୍ଷା ହେଉଛି । ବିଶେଷ କରି ପାହାଡ଼ିଆ ଅଞ୍ଚଳରେ ଏହା ଅଧିକ ଦେଖିବାକୁ ମିଳୁଛି । ଆର୍ଦ୍ରତା ବିଶିଷ୍ଟ ବଡ଼ବଡ଼ ବାଦଲଖଣ୍ଡ ପାହାଡ଼ରେ ଘସି ହୋଇଥାଏ, ଫଳରେ ଏକ ଛୋଟିଆ ଅଞ୍ଚଳରେ ଭୟଙ୍କର ବର୍ଷା ହୋଇଥାଏ । ଏହାକୁ ବାଦଲଫଟା ବର୍ଷା କୁହାଯାଏ । ଅଗଷ୍ଟ ପ୍ରଥମ ସପ୍ତାହରେ ଉତ୍ତରାଖଣ୍ଡ, କାଶ୍ମୀର ଓ ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଅନେକ କ୍ଷୟକ୍ଷତି କରିଥିଲା । ହେଲେ ଆପଣ ଯଦି ହିମାଚଳୀ ରାଜ୍ୟରୁ ଦକ୍ଷିଣ ଆଡ଼କୁ ଗତି କରିବେ, ତେବେ ଏହାର କାରଣ ବଦଳି ଯିବ ।

# ସିୟାଚିନ ବେସ୍ କ୍ୟାମ୍ପରେ ହିମସ୍ଖଳନ, ସେନାର ତିନି ଯବାନ ସହିଦ

ନୂଆଦିଲ୍ଲୀ: ଲଦାଖର ସିଆଚିନ୍ ଗ୍ଲାସିୟର ସ୍ଥିତ ବେସ୍ କ୍ୟାମ୍ପରେ ମଙ୍ଗଳବାର ଏକ ବଡ଼ ଧରଣର ହିମସ୍ଖଳନ ହୋଇଛି । ଏଥିରେ ସେନାର ତିନି ଜଣ ଯବାନ ପ୍ରାଣ ହରାଇଛନ୍ତି । ସେନା ସୂତ୍ର ଅନୁସାରେ ହଠାତ୍ ହିମସ୍ଖଳନ ହୋଇଥିଲା ଓ ଉଦ୍ଧାରକାରୀ ଦଳ ତୁରନ୍ତ ରେସ୍କ୍ୟୁ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସେନାର ଅନ୍ୟ ଯବାନଙ୍କୁ ସୁରକ୍ଷିତ ସ୍ଥାନକୁ ପଠାଯାଇଛି । ଜଣେ ଅଧିକାରୀ କହିଛନ୍ତି, ବର୍ତ୍ତମାନ ଯବାନଙ୍କ ମୃତ ଦେହର ସନ୍ଧାନ କରାଯାଉଛି । ଅଞ୍ଚଳରେ ପ୍ରବଳ ତୁଷାରପାତ ଯୋଗୁ ହିମସ୍ଖଳନର ବିପଦ ଅଧିକ ରହିଛି ।
ସିଆଚିନ୍ ଗ୍ଲାସିୟର ଦୁନିଆର ସର୍ବୋଚ୍ଚ ଯୁଦ୍ଧ କ୍ଷେତ୍ର । ଏଠାରେ ତାପାମାତ୍ର ଶୂନରୁ ବିଯୁକ୍ତ ୬୦ ଡିଗ୍ରୀ ସେଲସିୟସ ତଳକୁ ଖସିଥାଏ । ଏହି କାରଣରୁ ସେଠାରେ ନିୟୋଜିତ ସୈନିକଙ୍କୁ ଫ୍ରଷ୍ଟବାଇଟ୍ ଅର୍ଥାତ୍ ଅଧିକ ଥଣ୍ଡା କାରଣରୁ ଶରୀର ବଧିର ହୋଇଯାଇଥାଏ । ମାଇନସ୍ ତାପମାତ୍ରାରେ ନିୟୋଜିତ ସୈନିକମାନଙ୍କୁ ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଶ୍ୱାସକ୍ରିୟା ସମସ୍ୟା ସହିତ, ସେମାନେ ମାନସିକ ନିଷ୍କ୍ରିୟତା ସମସ୍ୟାର ମଧ୍ୟ ସମ୍ମୁଖୀନ ହୁଅନ୍ତି ।
ସିଆଚିନ୍ ଗ୍ଲାସିୟର ଭାରତ-ପାକ୍ ନିୟନ୍ତ୍ରଣ ରେଖା ନିକଟରେ ୭୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପ୍ତ । ଗୋଟିଏ ପଟେ ପାକିସ୍ତାନ ଏବଂ ଅନ୍ୟ ପଟେ ଚୀନ୍ ସୀମା ଅକ୍ସାଇ ଚୀନ୍ । ଏହି ଗ୍ଲାସିୟର ରଣନୈତିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱପୂର୍ଣ୍ଣ । ୧୯୮୪ ପୂର୍ବରୁ ଏହି ସ୍ଥାନରେ ଭାରତୀୟ କିମ୍ବା ପାକିସ୍ତାନୀ ସେନାଙ୍କ ଉପସ୍ଥିତ ନଥିଲା । ୧୯୭୨ରେ ଶିମଲା ଚୁକ୍ତିନାମାରେ, ସିଆଚିନ୍ ଅଞ୍ଚଳକୁ ନିର୍ଜୀବ ଏବଂ ଶୁଷ୍କ ଘୋଷଣା କରାଯାଇଥିଲା । କିନ୍ତୁ ଏହି ଚୁକ୍ତିନାମାରେ ଦୁଇ ଦେଶ ମଧ୍ୟରେ ସୀମା ନିର୍ଦ୍ଧାରଣ କରାଯାଇ ନଥିଲା । ୧୯୮୪ରେ ଗୁଇନ୍ଦା ସୂଚନା ମିଳିଥିଲା ଯେ ପାକିସ୍ତାନ ସିଆଚିନ୍ କବଜା କରିବାକୁ ଚେଷ୍ଟା କରୁଛି । ଏହା ପରେ ଭାରତ ୧୩ ଏପ୍ରିଲ ୧୯୮୪ରେ ତାର ସେନା ମୁତୟନ କରିଥିଲା । ଏହି ସ୍ଥାନକୁ କବଜା କରିବା ପାଇଁ ସେନା ଅପରେସନ୍ ମେଘଦୂତ ଆରମ୍ଭ କରିଥିଲା ।



# ଜିତେଶ ଖେଳିବା ସମ୍ଭାବନା ଅଧିକ




ଦୁବାଇ, ୯।୯ (ଏଜେନ୍ସି) : ବୁଧବାର ଭାରତ ଓ ୟୁଏଇ ମଧ୍ୟରେ ଏସିଆ କପ୍‌ର ଦ୍ୱିତୀୟ ମ୍ୟାଚ ଖେଳାଯିବ । ଏପର୍ଯ୍ୟନ୍ତ ଟିମ ଇଣ୍ଡିଆର ଚୂଡାନ୍ତ ଏକାଦଶ ସ୍ପଷ୍ଟ ହୋଇପାରିନାହିଁ । ମଙ୍ଗଳବାର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସଞ୍ଜୁ ସାମସନ୍ ଖେଳିବା ସମ୍ପର୍କରେ ପଚରାଯିବାରୁ ସେ କହିଥିଲେ ଆମେ ସଞ୍ଜୁଙ୍କ ଉପରେ ନଜର ରଖିଛୁ । ଦଳରେ ଜିତେଶ କୁମାର ଓ ସଞ୍ଜୁ ଦୁଇଜଣ ୱିକେଟ୍ କିପର ଅଛନ୍ତି । ଆମେ ମ୍ୟାଚର ଠିକ୍ ପୂର୍ବରୁ ସଞ୍ଜୁ ଓ ଜିତେଶଙ୍କ ମଧ୍ୟରେ କିଏ ଖେଳିବେ ସେ ସମ୍ପର୍କରେ ଆପଣଙ୍କୁ ଜଣାଇଦେବୁ । ବର୍ତ୍ତମାନ ପର୍ଯ୍ୟନ୍ତ ଜିତେଶ ପ୍ରଥମ ପସନ୍ଦ ରହିଛନ୍ତି । ଶୁଭମନ୍ ଗିଲ୍ ଖେଳିବା ନିଶ୍ଚିତ ହୋଇଥିବାରୁ ସଞ୍ଜୁ ଓପନିଂ କରିପାରିବେ ନାହିଁ । ଅପରପକ୍ଷରେ ନିମ୍ନ ଭାଗରେ ଜିତେଶଙ୍କ ପ୍ରଦର୍ଶନ ଭଲ ରହିଛି ।

**ସମ୍ଭାବ୍ୟ ଭାରତୀୟ ଦଳ :-** ଅଭିଶେକ ଶର୍ମା, ଶୁଭମନ ଗିଲ୍, ତିଲକ ବର୍ମା, ଜିତେଶ ଶର୍ମା/ସଞ୍ଜୁ ସାମସନ୍, ସୂର୍ଯ୍ୟକୁମାର ଯାଦବ, ରିଙ୍କୁ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ ବୁମରା ଓ ଅର୍ଶଦୀପ ସିଂ ।

## ଏସିଆ କପ୍

# ପାକ ଅଧିନାୟକଙ୍କ ସହ ହାତ ମିଳାଇଲେ ନାହିଁ ସୂର୍ଯ୍ୟକୁମାର

ଦୁବାଇ, ୯।୯ (ଏଜେନ୍ସି) : ୟୁଏଇରେ ଏସିଆ କପ୍ ଟି -୨୦ ବିଗୁଲ ବାଜିଛି । ଏସିଆ କପର ପ୍ରଥମ ମ୍ୟାଚରେ ମୁହାଁମୁହିଁ ହୋଇଛନ୍ତି ଆଫଗାନିସ୍ତାନ ଓ ହଙ୍ଗକଙ୍ଗ । ଭାରତର ଏସିଆ କପ୍ ଅଭିଯାନ ବୁଧବାର ଠାରୁ ଆରମ୍ଭ ହେବାକୁ ଯାଉଛି । ୟୁଏଇ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ ଖେଳିବ । ସେହିଭଳି ୧୪ ତାରିଖରେ ଏସିଆ କପ୍‌ର ସବୁଠୁ ବଡ ମ୍ୟାଚ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ । ଏହା ପୂର୍ବରୁ ମଙ୍ଗଳବାର ପାରମ୍ପରିକ ଟ୍ରଫି ଉନ୍ମୋଚନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏସିଆ କପରେ ଭାଗ ନେବାକୁ ଥିବା ସମସ୍ତ ୮ ଦଳର ଅଧିନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମସ୍ତେ ଟ୍ରଫି ସହ ମିଳିତ ଭାବେ ଫଟୋ ଉଠାଇଛନ୍ତି । ଭାରତ ଓ ପାକିସ୍ତାନ ଅଧିନାୟକ ଯୋଗ ଦେଇଥିଲେ ହେଁ ପରସ୍ପର ମଧ୍ୟରେ ଦୂରତା ବଜାୟ ରଖିଛନ୍ତି । ପହଲଗାମ୍ ନରସଂହାର ଓ ଅପରେସନ୍ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ ସମ୍ପର୍କ ଉତ୍ତେଜନା ମୂଳକ ରହିଛି । କିଛି ଲୋକ ଏସିଆ କପ୍‌ରେ ଭାରତ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ମ୍ୟାଚ ନଖେଳୁ ବୋଲି ଦାବି କରିଛନ୍ତି । କିନ୍ତୁ ଭାରତ ଓ ପାକିସ୍ତାନ ପରସ୍ପର ବିରୋଧରେ ମ୍ୟାଚ ଖେଳିବ ।

ଫଟୋ ସେସନରେ ଏକ ଭିନ୍ନ ମାହୋଲ ଦେଖିବାକୁ ମିଳିଥିଲା । ପାକିସ୍ତାନ ଅଧିନାୟକ ସଲମନ୍ ଆଘାଙ୍କ ସହ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କରମର୍ଦ୍ଦନ କରିନଥିଲେ । ଏପରିକି ସେ କାର୍ଯ୍ୟକ୍ରମର ଆରମ୍ଭ ଓ ଶେଷରେ ସବୁ ଦଳର ଅଧିନାୟକଙ୍କ ସହ ହାତ ମିଳାଇଥିଲେ ହେଁ ସଲମନଙ୍କଠାରୁ ଦୂରତ୍ୱ ବଜାୟ ରଖିଥିଲେ । ସବୁଠୁ ଶେଷରେ ଅଧିନାୟକ ସୂର୍ଯ୍ୟକୁମାର ଆଫଗାନିସ୍ତାନ ଅଧିନାୟକ ରସିଦ ଖାନଙ୍କୁ ଆଲିଙ୍ଗନ କରିଥିଲେ ।




ପଡିଆରେ ଟ୍ରଫି ସହ ଫଟୋ ଉଠାଇବା ବେଳେ ସୂର୍ଯ୍ୟକୁମାରଙ୍କ ଡାହାଣ ପଟେ ଶ୍ରୀଲଙ୍କା ଓ ବାମ ପଟେ ଆଫଗାନିସ୍ତାନ ଅଧିନାୟକ ରସିଦ ଖାନ ଛିଡା ହୋଇଥିଲେ । ସେହିପରି ଷ୍ଟେଜ୍ ଉପରେ ଫଟୋ ଉଠାଇବା ବେଳେ ଭାରତ ଓ ପାକ୍ ଅଧିନାୟକଙ୍କ ମଧ୍ୟରେ ଆଫଗାନିସ୍ତାନ ଅଧିନାୟକ ରସିଦ୍ ରହିଥିଲେ । ସେହିଭଳି ଗଣମାଧ୍ୟମକୁ ସମ୍ବୋଧନ ବେଳେ ସୂର୍ଯ୍ୟକୁମାର ଓ ସଲମନ୍‌ଙ୍କ ମଝିରେ ରସିଦ ଖାନ ବସିଥିଲେ । ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀ ପରେ ଶ୍ରୀଲଙ୍କା, ବାଂଲାଦେଶ, ୟୁଏଇ ଓ ଆଫଗାନିସ୍ତାନ ଅଧିନାୟକଙ୍କ ସହ କଥା ହୋଇ ହାତ ମିଳାଇଥିଲେ ।

ଏସିଆ କପ୍‌ରେ ଭାରତର ପ୍ରଦର୍ଶନ ସବୁଠୁ ଭଲ ରହିଛି । ଦଳ ନିକଟରେ ଟି -୨୦ ବିଶ୍ୱ କପ୍ ଜିତିଥିଲା । ତେଣୁ ଭାରତ ଏସିଆ କପ୍ ଜିତିବାର ପ୍ରବଳ ଦାବିଦାର ବୋଲି ବିବେଚନା କରାଯାଉଛି । କିନ୍ତୁ ସୂର୍ଯ୍ୟକୁମାର କିମ୍ବା ସଲମନ୍ ବେଶ୍ ଚତୁରତାର ସହ ଏହି ପ୍ରସଙ୍ଗରେ ମତ ରଖିଛନ୍ତି । ଭାରତ ୧ ନଂ ଦଳ । ସମସ୍ତେ କହୁଛନ୍ତି ଭାରତ ଏଥର ଏସିଆ କପ୍ ଜିତିବ । ଏଭଳି ପ୍ରଶ୍ନର ସୁନ୍ଦର ଉତ୍ତର ରଖିଛନ୍ତି ସୂର୍ଯ୍ୟକୁମାର । ସେ ହସି ହସି କହିଥିଲେ କିଏ କହିଛନ୍ତି ମୁଁ ତ ଶୁଣିନି, ଆପଣଙ୍କ ପ୍ରସ୍ତୁତି ଯଦି ଭଲ ରହିଛି ତାହାହେଲେ ପଡିଆରେ ଆପଣଙ୍କ ଭିତରେ ଜିତିବାର ବିଶ୍ୱାସ ରହିବ । ଆମେ ବେଶ୍ କିଛି ଦିନ ହେଲା ଧଳାବଲ କ୍ରିକେଟ୍ ଖେଳୁଛୁ । କିନ୍ତୁ ଆମେ ୩/୪ ଦିନ ତଳେ ଦୁବାଇ ଆସିଛୁ । ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛୁ । ପାକିସ୍ତାନ ଅଧିନାୟକ ସଲମନ୍ କହିଛନ୍ତି ଟି -୨୦ କ୍ରିକେଟ୍‌ରେ କେହିବି ଦାବିଦାର ନୁହଁନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ଆପଣଙ୍କୁ ଭଲ କ୍ରିକେଟ୍ ଖେଳିବାର ଅଛି । ଏହା ଦ୍ରୁତ ଗତିରେ ବଦଳୁଥିବା ଖେଳ । କିଛି ଓଭର ଖେଳରେ ମ୍ୟାଚର ଫଳାଫଳକୁ ବଦଳାଯାଇପାରିବ । ବେଶ୍ କିଛି ଦିନ ହେବ ପାକିସ୍ତାନ ୟୁଏଇରେ ରହିଛି । ନିକଟରେ ଆଫଗାନିସ୍ତାନ ୟୁଏଇ ଓ ପାକିସ୍ତାନକୁ ନେଇ ଦୁବାଇରେ ତ୍ରିପାକ୍ଷିକ ଟି -୨୦ ଶୃଙ୍ଖଳା ଖେଳାଯାଇଥିଲା । ପାକିସ୍ତାନ ଫାଇନାଲରେ ଆଫଗାନିସ୍ତାନକୁ ହରାଇ ବିଜୟୀ ହୋଇଥିଲା । ତେଣୁ ଏସିଆ କପ୍‌ରେ ମଧ୍ୟ ଦଳ ଭଲ କରିବାକୁ ଆଶା ରଖିଛି ।

# ହଂକଂର ଟାର୍ଗେଟ ୧୮୯

ଦୁବାଇ, ୯।୯ (ଏଜେନ୍ସି) : ଏସିଆ କପ୍ ଟି -୨୦ ବିଗୁଲ୍ ବାଜିଛି । ପ୍ରତିଯୋଗିତାର ଉଦଘାଟନୀ ମ୍ୟାଚରେ ହଂକଂକୁ ଭେଟିଛି ଆଫଗାନିସ୍ତାନ । ଏହି ମ୍ୟାଚରେ ଆଫଗାନିସ୍ତାନ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୮ ରନ୍‌ର ବଡ ସ୍କୋର କରିଛି । ତେଣୁ ହଂକଂ ସମ୍ମୁଖରେ ୧୮୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଶେଷ ଖବର ସୁଦ୍ଧା ଏହି ଟାର୍ଗେଟକୁ ପିଛା କରି ହଂକଂ ୧୦ ଓଭରରେ ୫ ୱିକେଟ୍ ହରାଇ ୪୩ ରନ୍ କରିଛି । ଜିତିବା ପାଇଁ ହଂକଂକୁ ୬୦ ବଲରୁ ୧୪୬ ରନ୍‌ର ଆବଶ୍ୟକତା ରହିଛି ।

ଆବୁଧାବିର ଜାଏଦ କ୍ରିକେଟ୍ ଷ୍ଟାଡିୟମରେ ଆଫଗାନିସ୍ତାନ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଅବଶ୍ୟ ଆରମ୍ଭରୁ ଦୁଇ ପ୍ରାରମ୍ଭିକ ବ୍ୟାଟରଙ୍କୁ ହରାଇଥିଲା ଆଫଗାନିସ୍ତାନ । ରହମନୁଲା ଗୁରବାଜ ୮ ଓ ଇବ୍ରାହିମ ଜଦ୍ରାନ ୧ ରନ୍ କରି ପ୍ରାଭିଲିୟନ ଫେରିଥିଲେ । ଏହା ପରେ ଓପନ୍‌ର ସିଦିକଉଲ୍ଲା ଅଟଳ ଓ ମହମ୍ମଦ ନବି ସ୍ଥିତି ସମ୍ଭାଳିବା ସହ ଦଳକୁ ଆଗେଇ ନେଇଥିଲେ । ମହମ୍ମଦ ନବି ୨୬ ବଲରୁ ୩୩ ରନ୍ କରିଥିଲେ । କିନ୍ତୁ ଅଟଳ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୫୨ ବଲରୁ ୬ ଟି ଚୌକା ଓ ୩ ଟି ଛକା ସହାୟତାରେ ୭୩ ରନ୍ କରିଥିଲେ । ଅଜମତୁଲ୍ଲା ଓମାର ଯାଇ ୫୩ ରନ୍‌ର ଅର୍ଦ୍ଧଶତକ ଇନିଂ ଖେଳିବାରୁ ଦଳୀୟ ସ୍କୋର ୧୮୦ ଟପିଥିଲା । ଆଫଗାନିସ୍ତାନ ଇନିଂସରେ ଦୁଇଟି ଅର୍ଦ୍ଧଶତକ ହୋଇଛି । ଅଟଳ, ମହମ୍ମଦ ନବି ଓ ଅଜମତୁଲ୍ଲାଙ୍କ ଇନିଂସ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ । ତଥାପି ଆଫଗାନିସ୍ତାନ ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ହଂକଂରେ ଆୟୁଷ ଶୁକ୍ଳା ଓ କିଞ୍ଚିତ ଶାହ ଦୁଇଟି ଲେଖାଏଁ ତଥା ଅତିକ୍ ଇକୱାଲ ଓ ଏହସାନ ଖାନ୍ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।




୧୮୯ ରନ୍‌ର ବିଜୟଲକ୍ଷ୍ୟ ହଂକଂ ପାଇଁ ପାହାଡ ଭଳି ଥିଲା । କେବଳ ବାବର ହୟାତଙ୍କୁ ଛାଡି ଦେଲେ ଅନ୍ୟ ବ୍ୟାଟର କେବଳ ଉପସ୍ଥାନ ପକାଇବାକୁ ପଡିଆକୁ ଆସିଥିଲେ । ଜିସାନ ଅଲ୍ଲି ୫, ଅଂଶୀ ରଥ ୦, ନିଜାକତ ଖାନ୍ ୦, ତଲହନ ଚାଲୁ ୪, କିଞ୍ଚିତ ଶାହ ୬ ରନ୍ କରି ଆଉଟ୍ ହୋଇଥିଲେ । ତେଣୁ ହଂକଂ ୧୧ ରନ୍ ସୁଦ୍ଧା ୫ ୱିକେଟ୍ ହରାଇ ୫୧ ରନ୍ ସଂଗ୍ରହ କରିଛି । କେବଳ ବାବର ହୟାତ ଦୁଇଟି ଛକା ସହ ୩୦ ରନ୍ କରି ଲଢେଇ ଜାରି ରଖିଥିଲେ । ଆଫଗାନିସ୍ତାନର ହଜଲହକ ଫାରୋକୀ, ଅଜମତୁଲ୍ଲା ଓମାରଜାଇ ଓ ନୁର ଅହମ୍ମଦ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।

# ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ "ଉଷୁ"ପ୍ରତିଯୋଗିତା

ସାକ୍ଷୀଗୋପାଳ ,(ସବ୍ୟୁ): ଗତ ଦୁଇଦିନ ଧରି ଇନଡୋର ହଲ,ଡିଗ୍ରୀ କଲେଜ, ବାରିପଦା ମୟୁରଭଞ୍ଜ ଠାରେ ରାଜ୍ୟ ସ୍ତରୀୟ ଖେଲୋ ଇଣ୍ଡିଆ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାକ୍ଷୀଗୋପାଳ, ପୁରୀର ଅଷ୍ଟମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଆଦ୍ୟାଶା ମହାନ୍ତି, (୫୫-୬୦ କିଗ୍ରା) ଓ ରୀତିକ୍ରୀଷ୍ଟା ଦାଶ (୫୦-୫୫ କିଗ୍ରା ) ବର୍ଗରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରି ସର୍ଣ ପଦକ ହାସଲ କରିବା ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାକ୍ଷୀଗୋପାଳ, ପୁରୀକୁ ଗୌରବମଣ୍ଡିତ କରିଛନ୍ତି ବିଦ୍ୟାଳୟର ପରିଚାଳସମିତି, ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀ ଓ ଗୁରୁମା ତଥା ଅଭିଭାବକ ମାନେ ଏହି କୃତି ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ ପାଇଁ ମଙ୍ଗଳକାମନା କରିଛନ୍ତି ।



## କେନ୍ଦ୍ରାପଡାରୁ ଟୋକିଓ

# ଉଦୟଙ୍କ ଖେଳଯାତ୍ରା


ଭୁବନେଶ୍ୱର, ୯।୯ (ସବ୍ୟୁ) : ଓଡିଶା ପାରା ସ୍ପୋର୍ଟ୍ସ ଇତିହାସରେ ପ୍ରଥମ ଥର ପାଇଁ ଜାପାନର ଟୋକିଓ ସହରରେ ୧୦ ରୁ ୧୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଆଇଟିଟିଏଫ୍ ବିଶ୍ୱ ପାରା ଫ୍ୟୁଚର୍ସ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଏହି ପ୍ରତିଯୋଗୀତାରେ ଭାରତ ପକ୍ଷରୁ ଓଡିଆ ପୁଅ ଉଦୟ କୁମାର ରାଉତ ଅଂଶଗ୍ରହଣ କରିଛନ୍ତି ।



ଉଦୟ କେନ୍ଦ୍ରାପଡା ଜିଲ୍ଲାର ଜାମଧର ଗାଁର ବାସିନ୍ଦା । ସେ ବିଜୟକୁମାର ରାଉତ ଓ ଗୀତାଞ୍ଜଳୀ ରାଉତଙ୍କ ପୁଅ । ବାପାଙ୍କ କୃଷି କାର୍ଯ୍ୟରେ ସାହାର୍ଯ୍ୟ କରୁଥିବା ଉଦୟ ପରିବାରର ଆର୍ଥିକ ସଙ୍କଟ ଦୂର କରିବାକୁ ଦିଲ୍ଲୀର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ । ବିଦ୍ୟୁତ୍ ଆଘାତରେ ଗୁରୁତର ଆହାତ ହୋଇ ଟ୍ରାନ୍ସଭର୍ସ ମାଇଲାଇଟିସ୍ ରୋଗରେ ପୀଡିତ ହୋଇଥିଲେ । ନିଜ ଶାରୀରିକ ଶକ୍ତି ହରାଇବା ସହ ଦିବ୍ୟାଙ୍ଗ ଜୀବନକୁ ବାଛିବାକୁ ବାଧ ହୋଇଥିଲେ । କଠିନ ପରିସ୍ଥିତିରେ ମଧ୍ୟ ଉଦୟ ମନୋବଳ ହାରିନଥିଲେ । ପାରା ସ୍ପୋର୍ଟ୍ସକୁ ନୂଆ ଆଶାର ମାର୍ଗ ଭାବେ ବାଛିଥିଲେ । ଖେଲୋ ଇଣ୍ଡିଆ ପାରା କ୍ରୀଡାରେ ବ୍ରୋଞ୍ଜ ପଦକ, ଇନ୍ଦୋରରେ ଜାତୀୟ ପାରା କ୍ରିଡାରେ ରୌପ୍ୟ ପଦକ ସଫଳତା ଲାଭ କରିଥବଲେ । ବର୍ତ୍ତମାନ ସେ ଗୁଜରାଟର ଗାନ୍ଧିନଗର ସ୍ଥିତ ସାଇ ପ୍ରଶିକ୍ଷଣ କେନ୍ଦ୍ରରେ ଟ୍ରେନିଂ ନେଉଛନ୍ତି । ଜାପାନ ଯାତ୍ରା ପୂର୍ବରୁ ଉଦୟ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ପାରା ସ୍ପୋର୍ଟ୍ସ ଆସୋସିଏସନକୁ ଧନ୍ୟବାଦ ଜଣାଇଛନ୍ତି ।ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି କମଳାକାନ୍ତ ରଥ କହିଛନ୍ତି ଉଦୟଙ୍କ ସଫଳତା ଓଡିଶା ପାଇଁ ଗୌରବର ବିଷୟ । ସେ ଆମ ସମସ୍ତ ପ୍ରେରଣା ଦେଇଛନ୍ତି ।

# ୧ନଂ ର୍‍ୟାଙ୍କ ବଜାୟ ରଖିଲେ ଆଲକାରେଜ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ଜାନିକ ସିନରଙ୍କୁ ହରାଇ କାର୍ଲୋସ ଆଲକାରେଜ ୟୁଏସ୍ ଓପନ୍ ଟାଇଟଲ ହାସଲ କରିଛନ୍ତି । ୩ ସେଟ୍ ବିଶିଷ୍ଟ ଫାଇନାଲରେ ଆଲକାରେଜ୍ ୬-୨, ୩-୬, ୬-୪ ସେଟ୍‌ରେ ସିନ୍ନରଙ୍କୁ ଧରାସାୟୀ କରିଥିଲେ । ଏହା କ୍ରମାଗତ ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଥିଲା । ଯେଉଁଥିରେ ଉଭୟ ଖେଳାଳି ଫାଇନାଲ ମ୍ୟାଚରେ ମୁହାଁମୁହିଁ ହୋଇଥିଲେ । ଏହି ବିଜୟ ସହ ଆଲକାରେଜ୍ ବ୍ୟକ୍ତିଗତ ଦ୍ୱିତୀୟ ଓ ମୋଟ ଉପରେ ଷଷ୍ଠ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି । ଏତଦ୍ ବ୍ୟତୀୟ ଆଲକାରେଜ୍ ଏଟିପି ର୍‍ୟାଙ୍କିଙ୍ଗ୍‌ର ୧ ନଂ ସ୍ଥାନ ବଜାୟ ରଖିଛନ୍ତି । ଫାଇନାଲ ମ୍ୟାଚରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉପସ୍ଥିତ ଥିଲେ । ଆର୍ଥର ଆସେସ୍ ଷ୍ଟାଡିୟମରେ ଉପସ୍ଥିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦର୍ଶକଙ୍କଠାରୁ ମିଶ୍ରିତ ପ୍ରତିକ୍ରିୟା ପାଇଥିଲେ ।କେତେକ ତାଙ୍କୁ ତାଳି ମାରି ଚିୟରଅପ୍ କରିଥିଲେ । ସୁରକ୍ଷା ଯାଞ୍ଚ ପାଇଁ ହଜାର ହଜାର ଦର୍ଶକ ଲମ୍ବା ଧାଡିରେ ଫସିରହିଥିବାରୁ ମ୍ୟାଚ ଆରମ୍ଭ ମଧ୍ୟ ଅଧ ଘଣ୍ଟା ବିଳମ୍ବରେ ହୋଇଥିଲା । ରାଷ୍ଟ୍ରପତିଙ୍କ ଉପସ୍ଥିତି ଯୋଗୁଁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଏହାକୁ ନେଇ ଅନେକ ଦର୍ଶକ ଅସନ୍ତୋଷବ୍ୟକ୍ତ କରିଛନ୍ତି ।




# ଧାବକ ଅନିମେଶଙ୍କୁ ପ୍ରଶଂସା କଲେ ଆନନ୍ଦ ମହିନ୍ଦ୍ରା

ଭୁବନେଶ୍ୱର, ୯।୯ (ସବ୍ୟୁ) : ଦେଶର ବିଶିଷ୍ଟ ଶିଳ୍ପପତି ତଥା ମହିନ୍ଦ୍ରା ଗ୍ରୁପ ଅଧକ୍ଷ ଆନନ୍ଦ ମହିନ୍ଦ୍ରା ନିଜର ଏକ ସୋସିଆଲ ମିଡ଼ିଆ ପୋଷ୍ଟରେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଭାରତର ଦ୍ରୁତତମ ଧାବକ ଅନିମେଷ କୁଜୁରଙ୍କ ଭୂୟସୀ ପ୍ରଶଂସା କରିବା ସହିତ ପ୍ରେରଣା ଭାବେ ଅଭିହିତ କରିଛନ୍ତି । ଭୁବନେଶ୍ୱର ସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ଅନିମେଷ କୁଜୁର ଗତ ମାସରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ସିନିୟର ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିବା ସହିତ ପ୍ରଥମ ଭାରତୀୟ ଭାବରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ ପାଇଁ ଯୋଗ୍ୟତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି । ସେପ୍ଟେମ୍ବର ୧୩ ରୁ ୨୧ ଯାଏଁ ଟୋକିଓରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ଅନିମେଷ । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ କରିଥିବା ପୋଷ୍ଟରେ ମହିନ୍ଦ୍ରା ଉଲ୍ଲେଖ କରିଛନ୍ତି "ମାତ୍ର ୨୨ ବର୍ଷ ବୟସରେ ଅନିମେଷ କୁଜୁର ଛତିଶଗଡ଼ର ଘୁଇଟାନଗର ଗାଁ ରୁ ଜାତୀୟ ଆକର୍ଷଣ ହେବା ଯାଏଁ ଦୌଡ ଅତିକ୍ରମ କରିଛନ୍ତି । ପୋଲିସ ଅଧିକାରୀଙ୍କ ସନ୍ତାନ ଭାବରେ ଏକ ଦୁର୍ଗମ ଆଦିବାସୀ ଗାଁ ରୁ ବାହାରି ଭାରତର ଦୌଡରେ ଜାତୀୟ ରେକର୍ଡ ଭଙ୍ଗ କରିବା ଯାଏଁ ତାଙ୍କ ଯାତ୍ରା ଅସାଧାରଣରୁ କମ ନୁହେଁ । ତାଙ୍କ ଦୌଡ଼ ସମୟ ଭାରତରେ ରେକର୍ଡ ଭଙ୍ଗ କରିଥିଲେ ମଧ୍ୟ କିମ୍ବଦନ୍ତି ଉସେନ ବୋଲ୍ଟ ତଥା ୨୦୨୪ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ସମୟ ଠାରୁ ପଛରେ ରହିଛି । ଆଗାମୀ ଦିନରେ ଅନିମେଷ ୧୦ ସେକଣ୍ଡରୁ କମ ଦୌଡ଼ ସମୟ ହାସଲ କରିପାରନ୍ତି । ତେବେ ଅନିମେଷ ଭାରତକୁ ଅନ୍ତର୍ଜାତୀୟ ଦୌଡ଼କୁଦର ରାଡ଼ାରରେ ସ୍ଥାନ ଦେଇସାରିଛନ୍ତି । ଯଦି ତାଙ୍କର ଅଗ୍ରଗତି ଜାରି ରହେ ସେ ଅଲିମ୍ପିକ୍ସର ସେମିଫାଇନାଲ କିମ୍ବା ଫାଇନାଲରେ ସ୍ଥାନପାଇବାରେ ପ୍ରଥମ ଭାରତୀୟ ଧାବକ ହୋଇପାରିବେ, ଯାହା ନିଶ୍ଚୟ ଏକ ମାଇଲଖୁଣ୍ଟ ହେବ ଏବଂ ଭାରତୀୟ ଆଥଲେଟିକ୍ସକୁ ପ୍ରୋତ୍ସାହିତ କରିବା ସହିତ ଆମ ସମସ୍ତଙ୍କୁ ଗର୍ବିତ କରିବ ।" ଅନିମେଷ ସମ୍ପ୍ରତି ୧୦୦ ମିଟର, ୨୦୦ ମିଟର ଏବଂ ୪x୧୦୦ ରିଲେ ଦୌଡରେ ଜାତୀୟ ରେକର୍ଡଧାରୀ ରହିଛନ୍ତି ଏବଂ ଓଡିଶା ରିଲାଏନ୍ସ ଫାଉଣ୍ଡେସନ ହାଇ-ପରଫରମାନ୍ସ ସେଣ୍ଟରରେ ବିଶ୍ୱସ୍ତରର ଭିତ୍ତିଭୂମି, କୋଚିଙ୍ଗ ସୁବିଧା ପାଇବା ସହିତ ମୁଖ୍ୟ କୋଚ ମାର୍ଟିନ ଓଏନ୍ସଙ୍କ ଠାରୁ ପ୍ରଶିକ୍ଷଣ ଲାଭ କରୁଛନ୍ତି ।

# ଭାରତ -ପାକ ମ୍ୟାଚ ଟିକେଟ୍ ବିକ୍ରିରେ ମାନ୍ଦା

ଦୁବାଇ, ୯।୯ (ଏଜେନ୍ସି) : ଏସିଆ କପ୍ ଆରମ୍ଭ ହୋଇସାରିଛି । ତେବେ ଏହି ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇ ଭୋଲଟେଜ୍ ମ୍ୟାଚ ୧୪ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ । ଆଇସିସି ଟୁର୍ଣ୍ଣାମେଣ୍ଟ ଗୁଡିକରେ ଭାରତ -ପାକ ମ୍ୟାଚକୁ ନେଇ ବେଶ୍ ଉତ୍କଣ୍ଠା ଲାଗିରହିଥାଏ । କିନ୍ତୁ ଏଥର ଏସିଆ କପ୍‌ରେ ଭାରତ -ପାକ ମ୍ୟାଚର ଗୁରୁତ୍ୱ କମିଗଲା ଭଳି ଲାଗୁଛି । କାରଣ ଭାରତ -ପାକ ମ୍ୟାଚ ଟିକେଟ୍ ବିକ୍ରିରେ ସେହିଭଳି ଉତ୍ସାହ ଦେଖିବାକୁ ମିଳେ ନାହିଁ । ମାସ ମାସ ଆଗରୁ ଅନଲାଇନ୍‌ରେ ଦର୍ଶକ ଭାରତ - ପାକ ମ୍ୟାଚ ପାଇଁ ଟିକେଟ୍ ବୁକିଂ କରିଥାନ୍ତି । ଏତଦ୍ ବ୍ୟତୀତ କାଉଣ୍ଟରେ ମଧ୍ୟ ଟିକେଟ୍ ବିକ୍ରି ଆରମ୍ଭ ହେବାର କିଛି ଘଣ୍ଟା ମଧ୍ୟରେ ସବୁ ଟିକେଟ୍ ସରିଯାଏ । ଏସିଆ କପ୍‌ରେ ଏହାର ବ୍ୟତୀକ୍ରମ ଦେଖିବାକୁ ମିଳିଛି । ଏଥର କିନ୍ତୁ ଏପର୍ଯ୍ୟନ୍ତ ଭାରତ - ପାକ ମ୍ୟାଚର ସମ୍ପୂର୍ଣ୍ଣ ଟିକେଟ୍ ବିକ୍ରିହୋଇ ନାହିଁ । ଯାହା ଆୟୋଜକଙ୍କୁ ନିରାଶ କରିଛି । ପ୍ୟାକେଜ୍ ସିଷ୍ଟମ୍ ଟିକେଟ୍ ଏବଂ ଏହାର ମୂଲ୍ୟ ଦର୍ଶକଙ୍କୁ ନିରାଶ କରିଛି । ଯେଉଁମାନେ କେବଳ ଭାରତ - ପାକିସ୍ତାନ ମ୍ୟାଚ ଦେଖିବାକୁ ଚାହୁଁଛନ୍ତି । ତାଙ୍କୁ ବାଧ ହୋଇ ଅନ୍ୟ ମ୍ୟାଚ ଗୁଡିକ ଦେଖିବାକୁ ପଡିବ । ଅବଶ୍ୟ ପ୍ୟାକେଜ୍ ସିଷ୍ଟମ କେବଳ ଗ୍ରୁପ୍ ପର୍ଯ୍ୟାୟ ପର୍ଯ୍ୟନ୍ତ ରହିଛି । ସୁପର ୪ ଓ ଫାଇନାଲରେ ଏଭଳି ବ୍ୟବସ୍ଥା ନାହିଁ । ଟିକେଟର ମୂଲ୍ୟ ୧୦୫୬୫ ଟଙ୍କାରୁ ଆରମ୍ଭ ହୋଇଛି । ସେହିପରି ୫୧ ହଜାରରୁ ୧.୫୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ମୂଲ୍ୟ ଧାର୍ଯ୍ୟ ହୋଇଛି । ସିଙ୍ଗଲ ମ୍ୟାଚର ଟିକେଟ୍ ଜାରି କରିବା ପାଇଁ ଦର୍ଶକ ସୋସିଆଲ ମିଡିଆରେ ଦାବି କରୁଛନ୍ତି । ଏସବୁ ବ୍ୟତୀତ ଫ୍ଲାଇଟ୍ ଟିକେଟ୍ ମୂଲ୍ୟ ଅତିରିକ୍ତ ଦେବାକୁ ପଡୁଥିବାରୁ ଏହା ବ୍ୟୟ ବହୁଳ ସାବ୍ୟସ୍ତ ହେଉଛି । ସେପ୍ଟେମ୍ବର ୧୪ ରେ ଗତ ସଂସ୍କରଣରେ ଚାମ୍ପିଅନ ଭାରତ ଓ ପାକିସ୍ତାନ ମଧ୍ୟରେ ଏହି ହାଇ ଭୋଲଟେଜ୍ ଲଢେଇ ହେବ ।




# ଡାକ୍ତରଖାନାରେ ରୋହିତ !

ମୁମ୍ବାଇ, ୯।୯ (ଏଜେନ୍ସି) : ରୋହିତ ଶର୍ମା ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପାଇଁ ପ୍ରସ୍ତୁତ ହେଉଛନ୍ତି । ଇତି ମଧ୍ୟରେ ଏକ ଭିଡିଓ ପ୍ରଶଂସକଙ୍କୁ ଚିନ୍ତାରେ ପକାଇଛି । ରୋହିତଙ୍କୁ ବିଳମ୍ବିତ ରାତିରେ ମୁମ୍ବାଇର ଏକ ପ୍ରତିଷ୍ଠିତ ଡାକ୍ତରଖାନାରେ ଦେଖିବାକୁ ମିଳିଛି । ରୋହିତଙ୍କ କିଛି ଅସୁବିଧା ହୋଇଥିବା ଆଶଙ୍କା କରାଯାଉଛି । ରୋହିତ ଡାକ୍ତରଖାନା ବାହାରେ ଗାଡିରୁ ଓହ୍ଲାଇ ଭିତରକୁ ଯାଇଥିଲେ । ତେବେ କାହିଁକି ଡାକ୍ତରଖାନା ଯାଇଥିଲେ ତାହା ସ୍ପଷ୍ଟ ହୋଇନାହିଁ । ନିକଟରେ ରୋହିତ ଜାତୀୟ କ୍ରିକେଟ୍ ଏକାଡେମୀରେ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଥିଲେ । ଦୀର୍ଘ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି । ଦୁଇ ବରିଷ୍ଠ ଖେଳାଳି ରୋହିତ ଓ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ଖେଳିବା ଏକ ପ୍ରକାର ନିଶ୍ଚିତ । କୋହଲି ଲଣ୍ଡନରୁ ଫିଟ୍‌ନେସ୍ ଟେଷ୍ଟ ପାସ୍ କରିଥିଲେ । ଡାକ୍ତରଖାନା ଯିବା ନେଇ ରୋହିତ କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ।

# ମାରାଂ ବୁରୁ ଯୁବକ ସଂଘର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକର ବୈଶିଙ୍ଗା ଥାନା ଅନ୍ତର୍ଗତ ମୁରୁକୁଣ୍ଡିଆ ଗ୍ରାମ ରେ ମାରାଂ ବୁରୁ ଯୁବକ ସଂଘ ଆନୁକୂଲ୍ୟରେ ପରିଚାଳିତ ୨ ଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ସୋମବାର ଦିନ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ । ସେମି ଫାଇନାଲ କୁ ରିଟର୍ଣ୍ଣ ଅନୁଗୋଳ, ମୁରୁକୁଣ୍ଡିଆ, ଜ୍ୟୋତି କ୍ଲବ ତିଳଦା, ଶିଳଗଡ ଏଫସି ବେତନଟୀ,ଜେ ଜେ ଏଫ ସି ମୁଣ୍ଡାକାଟି ଉର୍ତ୍ତିଣ୍ଣ ହୋଇଥିଲେ । ସେମାନଙ୍କ ମଧ୍ୟରୁ ରିଟର୍ଣ୍ଣ ଅନୁଗୋଳ ଓ ମୁଣ୍ଡାକାଟି ଫୁଟବଲ ଟିମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ମୁଣ୍ଡାକାଟି ଫାଇନାଲ ଖେଳର ବିଜେତା ଘୋଷିତ ହୋଇଥିଲେ । ଖେଳ ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ କ୍ଲବର ଉପଦେଷ୍ଟା କିଶୋର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି , ପୂର୍ବତନ ବିଆରସିସି ଯୋଗେନ୍ଦ୍ର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି